୮ ତାରିଖରେ ଲୁଗାଦୋକାନ ପିକେଟିଂ କରି ଦୁଇଜଣ କଂଗ୍ରେସକର୍ମୀ ଗିରଫ ହୋଇଛନ୍ତି । ଜାଜପୁରଠାରେ ଗତ ୪ ତାରିଖରେ ଗାନ୍ଧି ଦିବସ ପାଳନ କରିବାପାଇଁ ଶୋଭାଯାତ୍ରା କରି ଦୁଇଜଣ ବ୍ୟକ୍ତି ଗିରଫ ହୋଇଛନ୍ତି ।

## ରେଲ ବିଭାଗରେ ଖର୍ଚ୍ଚ

## ୯୦ଲକ୍ଷ ମଞ୍ଜୁର ହେଲା

ଭାରତରେ ରେଲୱେ କମିଟି ଆସନ୍ତା-ବର୍ଷରେ ରେଲ ବିଭାଗରେ ନୂଆକାମପାଇଁ ୯୦ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏଟଙ୍କାରେ ଶିଳଂ ନିକଟରେ ଗୋଟିଏ ପୋଲ, ମାନ୍ଦ୍ରାଜରେ ଗୋଟିଏ ବଡ଼ ଲୁଣଗୋଦାମ ତିଆରିହେବ । କୁହା ଯାଉଛି ଭାରତରେ ହେବ, ବିଦେଶରୁ ଆସିବ ନାହିଁ ବୋଲି ପ୍ରସ୍ତାବ ହୋଇଛି ।

---

ସନାତନୀ

# ଚୁପ୍ ହେଲେ

୮ ତାରିଖ ସନ୍ଧ୍ୟା ୬ଟା ସମୟରେ ସିଂହଦ୍ୱାର ସାମନାରେ ସନାତନ ଧର୍ମରକ୍ଷଣୀ ସଭା ଓ ଜାତିଭେଦ ଅସ୍ପୃଶ୍ୟତା ସଭା ହେବାର ଥିଲା । ସଭା ଆରମ୍ଭ ନ ହେଉଣୁ ପୁଲିସ ୧୪୪ ଧାରା ନୋଟିସ ଜାରି କରି ସଭା ବନ୍ଦକରି ଦେଲେ । ସନାତନ ଧର୍ମରକ୍ଷଣୀ ସଭାର ପ୍ରତିନିଧି ବୋଲି ପରିଚିତ କେତେକ ଉଲ୍ଲିଖିତ ବ୍ୟକ୍ତିମାନଙ୍କ ଉପରେ ପୁଲିସ ୧୪୪ ଜାରି କରିଥିଲେ । ଶ୍ରୀ ବାସୁଦେବ ତୀର୍ଥ (ଗୋପାଳତୀର୍ଥ ମଠର ମହନ୍ତ), ଶଙ୍କରାନନ୍ଦ ମଠର ବାଳବ୍ରହ୍ମାନନ୍ଦ ବ୍ରହ୍ମଚାରୀ, ରାଧାବଲ୍ଲଭ ମଠର ମହନ୍ତ, ପଣ୍ଡିତ ଗଦାଧର ତ୍ରିପାଠୀ, ଶ୍ରୀ ସୋମନାଥ ଶାସ୍ତ୍ରୀ, ଶ୍ରୀକଣ୍ଠ ଦାସ, ମିଟ୍ରୁ ମିଶ୍ରଙ୍କ ପୁଅ ଶ୍ରୀ ହରିଶ ମିଶ୍ର, ଶ୍ରୀ ନରସିଂହ ପଣ୍ଡା । ପୁଲିସ ନିମ୍ନଲିଖିତ ନୋଟିସ ଜାରି କରିଥିଲେ—"ଯେହେତୁ ତୁମ୍ଭେ ଉପରଲିଖିତ ସନାତନୀମାନେ ଅଜ ସିଂହଦ୍ୱାର ସାମନାରେ ସାଢ଼େ ୬ଟା ସମୟରେ ଗୋଟିଏ ସଭା କରିବାକୁ ଯାଉଅଛ ଏବଂ ଠିକ ସେହି ସ୍ଥାନ ଓ ସମୟରେ ଅସ୍ପୃଶ୍ୟତାନିବାରଣୀ ସଭାର ଉଦ୍ୟୋକ୍ତାମାନେ ଗୋଟିଏ ସଭା ଆହ୍ୱାନ କରିଛନ୍ତି ଏବଂ ଯେହେତୁ ସେହି ସମୟ ଓ ସ୍ଥାନରେ ସଭା ହେଲେ ଶାନ୍ତିଭଙ୍ଗର ଆଶଙ୍କା ଅଛି ବୋଲି ପୋଲିସ ରିପୋର୍ଟରୁ ପ୍ରକାଶ, ତେଣୁ ଏତଦ୍ୱାରା ତୁମ୍ଭମାନଙ୍କ ଉପରେ ଫୌଜଦାରୀ କାର୍ଯ୍ୟବିଧି ଆଇନର ୧୪୪ ଧାରା ଜାରି କରି ଆଦେଶ ଦେଉଅଛି କି ତୁମ୍ଭେମାନେ ଅଜ ସେହି ସ୍ଥାନ ଓ ସମୟରେ କୌଣସି ସଭା କରିପାରିବ ନାହିଁ । ଯଦି କର ତେବେ ସିଂହଦ୍ୱାର ଓ ଅସ୍ପୃଶ୍ୟତା ନିବାରଣୀ ସମିତିର ଅଧିକାରୀଙ୍କଠାରୁ ବେଶି ଦୂରରେ କରିବ, ନ ହେଲେ ୧୫ ତାରିଖ ଯାଏ କୌଣସି ସଭା କରିପାରିବ ନାହିଁ ।" ସଭାରେ ରାୟ ବାହାଦୁର ଲୋକନାଥ ମିଶ୍ର ସଭାପତି ହେବାର ଥିଲା ।

## ସମ୍ବଲପୁରରେ ସାହିତ୍ୟିକ ସମ୍ମିଳନୀ

## ସେନାପତି ହେଲେ ସଭାପତି

ସମ୍ବଲପୁର ଫ୍ରେଣ୍ଡସ କ୍ଲବରେ ଗତ ୮ ତାରିଖରେ ଗଙ୍ଗାଧର ସାହିତ୍ୟ ପରିଷଦର ବାର୍ଷିକ ଅଧିବେଶନ ହୋଇଥିଲା । ସେଠା ଡେପୁଟି କମିଶନର ମହୋଦୟ ଶ୍ରୀ ଲକ୍ଷ୍ମୀ ସେନାପତି ସଭାପତି ହୋଇଥିଲେ ।

## ଆମେରିକାରେ ଗାନ୍ଧିଜିଙ୍କ

## ମୁକ୍ତିନିମନ୍ତେ ଚେଷ୍ଟା

ଗତ ତା ୩ ରିଖରେ ଆମେରିକାର ଗାନ୍ଧି ସଂଘର ଆମେରିକାନ ମାନେ ମେମ୍ବରମାନେ ନିଉୟର୍କ ସହରରେ ଏକ ବିରାଟ ସଭା କରିଥିଲେ । ମହାତ୍ମାଗାନ୍ଧିଙ୍କ ପରି ଶାନ୍ତିକାମନାକାରୀ ଲୋକଙ୍କୁ ବ୍ରିଟିଶ ସରକାର ବନ୍ଦିଶାଳାରେ ଆବଦ୍ଧ କରି ରଖି ପୃଥିବୀର ଶାନ୍ତିରେ ବାଧା ଜନ୍ମାଉଛନ୍ତି ଏଥିପାଇଁ ନିଉୟର୍କବାସୀ ଆମେରିକାନ-ମାନେ ବ୍ରିଟିଶ ସରକାରଙ୍କୁ ନିନ୍ଦାକରି ଏକ ପ୍ରସ୍ତାବ ପାଶ କରିଥିଲେ ଏବଂ ବ୍ରିଟିଶ ସରକାରଙ୍କୁ ଅନୁରୋଧ କରିଥିଲେ ଯେ ମହାତ୍ମାଗାନ୍ଧିଙ୍କୁ ମୁକ୍ତି ଦିଆଯାଉ ।

---

# ସାର୍ ହୋରଙ୍କ କଥା

ସାର ହୋର ଭେତର୍ଓ କଳ ସାହାଯ୍ୟରେ ଏକ କାର୍ଯ୍ୟ ଭାରତ ବିଷୟରେ ପ୍ରଚାର କରିଛନ୍ତି । ସେ କହିଲେ, "ତିନ ଦଳର ମେଳ ହେଲା ଏ ଗୋଲଟେବୁଲରେ ପ୍ରଥମରେ ଇଂରାଜ, ଦ୍ୱିତୀୟରେ ଇଂରାଜ ଭାରତ, ତୃତୀୟରେ ଗଡ଼ଜାତ ଭାରତ । ଶାସନ ସଂସ୍କାରରେ ଯେ କେନ୍ଦ୍ରୀୟ ବିଶେଷ ବ୍ୟବସ୍ଥା ରହିବାକୁ ହେବ ଏକଥା ତିନି ଦଳର ଲୋକେ ସ୍ୱୀକାର କରିଛନ୍ତି । ପ୍ରଥମତଃ ଭାରତ କେତେକ ପରିମାଣରେ ଅଧିକା କ୍ଷମତା ଶାସନ ବିଷୟରେ ପାଇବ ତାହା ସାଇମନଙ୍କ ଠାରୁ ଆରମ୍ଭ କରି ସମସ୍ତେ କହିଛନ୍ତି ଏବଂ ସମସ୍ତେ ଏ ବିଷୟରେ ଏକମତ । ସାଇମନ କମିଶନ ଏବଂ ଅନ୍ୟାନ୍ୟ କମିଟିମାନ ଏ ବିଷୟରେ କେତେକ ପରାମର୍ଶ ଦେଇଛନ୍ତି । ଦ୍ୱିତୀୟରେ ଗଡ଼ଜାତ ରାଜାମାନଙ୍କ ଶାସନରେ କେହି ହସ୍ତକ୍ଷେପ କରିବେ ନାହିଁ । ସେ ତାଙ୍କ ଇଚ୍ଛାରେ ତାଙ୍କ ରାଜ୍ୟ ଚଳାଇବେ ଏବଂ ସ୍ୱରାଜରେ ଭାରତ ରାଷ୍ଟ୍ରସଂଘକୁ ଯେଉଁ କ୍ଷମତା ଦିଆଯିବ ତାହା ସେ କ୍ରମେ ଗ୍ରହଣ କରି ସନ୍ତୁଷ୍ଟ ହେବାକୁ ହେବ । ତୃତୀୟରେ ଇଂଲଣ୍ଡଠାରୁ ଭାରତ ଯେ ଋଣ କରିଛି ତାହା ସେ ପରିଶୋଧ କରିବ ଏବଂ ଭାରତ ଅନନ୍ତକାଳ ନିମନ୍ତେ ବ୍ରିଟିଶ ସାମ୍ରାଜ୍ୟରୁ ବିଚ୍ଛିନ୍ନ ନ ହୋଇ ତାହାର ଅନ୍ତର୍ଭୁକ୍ତ ହୋଇ ରହିବ । ଭାରତ ଗୋଲଟେବୁଲ ବୈଠକ ପୃଥିବୀରେ ଏକ ନୂଆ କଥା । ଏପରି କେଉଁଠାରେ କେବେ ହୋଇ ନ ଥିଲା । ଏହି ବୈଠକ ଆମେ ଯାହା କଲୁ ଏବଂ ଯେପରି ଭାବରେ ମତଭେଦ ଆଲୋଚନା ହୋଇ କାର୍ଯ୍ୟ ପନ୍ଥା ସ୍ଥିର ହେଲା ତାହା ଅତି ସୁନ୍ଦର ।

---

## କିରାସିନି ଦର କମିଲା

ଗତ ସେପ୍ଟେମ୍ବର ମାସ ଠାରୁ ବୋମ୍ବେରେ କିରାସିନି ଦର କମିଛି, କମିବାର କାରଣ ଯେ ତେଲ ବ୍ୟବସାୟୀମାନଙ୍କ ମଧ୍ୟରେ ଖୁବ ପ୍ରତିଯୋଗିତା ଚାଲିବାରୁ ଦାମ କମେଇ ଦିଆ ହୋଇଛି । ଇଂଲଣ୍ଡ, ଆମେରିକା ଓ ଋଷିଆର କମ୍ପାନିମାନେ ନିଜ ନିଜ କମ୍ପାନୀର ତେଲ ବେଶି ପରିମାଣରେ ବଜାରରେ ଚଳେଇବାର ଭୀଷଣ ଉଦ୍ୟମ କରିବା ଫଳରେ ଦର କମି ଯାଉଥିବା ଜଣାଯାଏ । ୮ ଗାଲନ ତେଲର ଦାମ ୬ ଟଙ୍କା ବାରଅଣା ସ୍ଥଳେ ୪ ଟଙ୍କା ଚଉଦଅଣାରେ ମିଳୁଛି । ପେଟ୍ରୋଲ ଅପେକ୍ଷା କିରାସିନି ଦର ଖୁବ କମିଯାଉଛି । ଇଷ୍ଟର୍ଣ୍ଣ ଇଣ୍ଡିଆ ଅଏଲ କମ୍ପାନି ତେଲ ଆସିଲେ ଆହୁରି ଦର କମିବ ବୋଲି ବେପାରୀମାନେ ଆଶା କରନ୍ତି ।

---

## ଭାଇସ୍‌ରୟଙ୍କ ସଙ୍ଗେ ମାଳବ୍ୟ ଭେଟ ହେବେ

ପଣ୍ଡିତ ମଦନ ମୋହନ ମାଳବ୍ୟ ବଡ଼ଲାଟ ସାହେବଙ୍କ ସହିତ ସାକ୍ଷାତ କରିବେ ବୋଲି ଶୁଣାଯାଏ । ବଡ଼ଲାଟ ମାଳବ୍ୟଙ୍କ ସହ ଅସ୍ପୃଶ୍ୟତା ଏବଂ ରାଜସ ସଭା ବିଷୟରେ କଥାବାର୍ତ୍ତା କରିବେ ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା

ଜାନୁୟାରୀ ତା ୧୪ ରଖ ଶନିବାର

## ନୂଆ ଆଇନ

ଆଇନ ହୋଇଥାଏ ଶାସନ ନିମନ୍ତେ । ଦେଶରେ ଶାନ୍ତି ଶୃଙ୍ଖଳା ସ୍ଥାପନ ଏବଂ ସୁଷ୍ଠୁ ଶାସନ ନିମନ୍ତେ ଯେଉଁ ଆଇନ ଦରକାର ପ୍ରତ୍ୟେକ ଦେଶରେ ସେଠା ସରକାର ସେ ଆଇନମାନ ବିଧିବଦ୍ଧ କରାଇ ହାତରେ ରଖାଇଥାନ୍ତି । ଦେଶର ସାଧାରଣ ଶାସନ ଏବଂ ବିଶେଷ ଘଟଣା ଜନିତ ବ୍ୟାପାର ମାନଙ୍କରେ ଏ ଆଇନମାନ କାର୍ଯ୍ୟରେ ଲାଗେ । ଭାରତ ସରକାର ଏବଂ ପ୍ରାଦେଶିକ ସରକାରମାନେ ମଧ୍ୟ ଆମର ଏ ଭାରତବର୍ଷରେ ସେହିପରି ପ୍ରୟୋଜନୀୟ ଏବଂ ଅପ୍ରୟୋଜନୀୟ ଅନେକ ଆଇନ କରାଇଛନ୍ତି । ଏହିପରି ଭାବରେ କାର୍ଯ୍ୟ ଚାଲିଥାଏ । ଭାରତର ରାଜନୈତିକ ଆନ୍ଦୋଳନ [illegible] ହେଲା ଲାଗିଛି । ଏ ଆନ୍ଦୋଳନର ଗତି ଏବଂ ଆକାରରେ ଅନେକ ପରିବର୍ତ୍ତନ ଘଟିଛି । ଆଇନ ଅମାନ୍ୟ ପ୍ରବର୍ତ୍ତନ ପରେ ଏ ଆନ୍ଦୋଳନର ଗତି ଅତ୍ୟନ୍ତ ତୀବ୍ର ହୋଇପଡ଼ିଲା । ସରକାର ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ଆନ୍ଦୋଳନର ତୀବ୍ରତା ଏତେଦୂର ହେଲା ଯେ ଦେଶର ସାଧାରଣ ଆଇନ ଅକୁଲାନ ହୋଇପଡ଼ି ସରକାରଙ୍କୁ ଅଚଳ କରିଦେଲା । ଭାରତ ସରକାରଙ୍କର କର୍ତ୍ତା ବଡ଼ଲାଟ ସାହେବ କେତେଗୁଡ଼ିଏ ନୂଆ ଆଇନ ତିଆରି କଲେ । ଏ ଆଇନମାନ ତିଆରିରେ ବ୍ୟବସ୍ଥାପକ ସଭା ଇତ୍ୟାଦିଙ୍କ ମତ ନିଆ ହେଲାନାହିଁ । ବଡ଼ଲାଟ ଏ ଆଇନମାନ କେତେକ ମାସ ନିମନ୍ତେ କାର୍ଯ୍ୟକାରୀ କଲେ । ଏ ଆଇନମାନ ପୁଲିସକୁ କ୍ଷମତା ଦେଲା ଏବଂ ଏ ଆଇନ ସାହାଯ୍ୟରେ ଆନ୍ଦୋଳନ ଦମନ ପୂର୍ଣ୍ଣମାତ୍ରାରେ ଚାଲିଲା । କିନ୍ତୁ ଏ ଆଇନର ସ୍ଥାୟିତ୍ୱ ନୁହେଁ । ଆଇନର ଅବଧି ଶେଷ ହେଲା । ସରକାର ଏ ଆଇନ ବଳରେ ଅନେକ ସାହାଯ୍ୟ ପାଇଛନ୍ତି । ଏହାର ଗୋଟାଏ ସାହାଯ୍ୟ ବନ୍ଦ ହୋଇଗଲେ ସରକାର ପୁଣି ଲଣ୍ଡଭଣ୍ଡ ହୋଇଯିବାର ଆଶଙ୍କାରୁ ବର୍ତ୍ତମାନ ଏ ଆଇନକୁ ବ୍ୟବସ୍ଥାପକ ସଭାରେ ଉପସ୍ଥାପିତ କରି ଚାହାନ୍ତି ଯେ ଏ ଆଇନକୁ ସ୍ଥାୟୀ କରାଯାଉ । ଭାରତ ସରକାର ହାୟ ଭାରତରେ ଚଳନୋପଯୋଗୀ ଏପରି ଗୋଟାଏ ଅର୍ଡିନାନ୍ସକୁ ସ୍ଥାୟୀ ଆଇନରେ ପରିଣତ କରିଛନ୍ତି । ବିହାର ଓଡ଼ିଶା ସରକାର ବର୍ତ୍ତମାନ ବିହାର ଓଡ଼ିଶା ନିମନ୍ତେ ଏପରି ଗୋଟାଏ ଆଇନ କରିଛନ୍ତି । ଏହାର ବିଲ ଆଗାମୀ ବ୍ୟବସ୍ଥାପକ ସଭାର ବୈଠକରେ ଉପସ୍ଥାପିତ ହୋଇ ବିଚାର କରାଯିବ । ସରକାର ନୋଟ୍‌ରେ ପ୍ରକାଶ କରୁଛନ୍ତି ଯେ ଆଇନ ଅମାନ୍ୟ ଆନ୍ଦୋଳନ ବନ୍ଦ ହୋଇଗଲାଣି । କଂଗ୍ରେସ ଲଣ୍ଡଭଣ୍ଡ ହୋଇଗଲାଣି । ଆଇନ ଅମାନ୍ୟ ଆନ୍ଦୋଳନ ନିମନ୍ତେ ଏ ଆଇନର ସୃଷ୍ଟି ହୋଇଥିଲା । ସେ ଆନ୍ଦୋଳନ ଯଦି ବା ବନ୍ଦ ହୋଇଗଲାଣି ତାହାହେଲେ ପୁଣି ଏ ଆଇନର ଦରକାର ବା କଅଣ । ଏ ଆଇନରେ ପୁଲିସଙ୍କ ଅନେକ କ୍ଷମତା ଦେବାର ସୁବିଧା କରାଯାଇଛି । ସରକାର ଯେଉଁଠାରେ ଦରକାର ମନେକରିବେ ସେହି ସ୍ଥାନରେ ଏ ଆଇନକୁ କାର୍ଯ୍ୟକାରୀ କରିବେ । ଦେଶର ଆର୍ଥିକ ଅବସ୍ଥା ଲୋକଙ୍କ ମୃତବତ୍ କରିଦେଲାଣି । ଅର୍ଡିନାନ୍ସ ଆଇନମାନ ଲୋକଙ୍କୁ ଜର୍ଜରିତ କରିଦେଇଛି । ତାହାପରେ ପୁଣି ଏ ଅଦ୍ଭୁତ ଆଇନ ଲୋକଙ୍କୁ ଉତ୍ପୀଡ଼ିତ କରିଦେବାର ଆଶଙ୍କା । ଏ ନୂଆ ଆଇନର ପ୍ରୟୋଜନୀୟତା ଆମ୍ଭେମାନେ ଉପଲବ୍ଧି କରି ପାରିବାକୁ ଅକ୍ଷମ । କେତେଦିନ ପର୍ଯ୍ୟନ୍ତ ଏ ଆଇନକୁ କାର୍ଯ୍ୟକାରୀ କରିବା ନିମନ୍ତେ ବ୍ୟବସ୍ଥା ହେବ ତାହା ବ୍ୟବସ୍ଥାପକ ସଭା ଉପରେ ନିର୍ଭର କରେ । ଆଶାକରୁ ବ୍ୟବସ୍ଥାପକ ସଭାର ସଭ୍ୟମାନେ ଦେଶର ବର୍ତ୍ତମାନ ଅବସ୍ଥା ଏବଂ ଆନୁଷଙ୍ଗିକ ବ୍ୟାପାର ମାନଙ୍କ ଉପରେ ଦୃଷ୍ଟି ଦେଇ ଏ ନୂଆ ସରକାରୀ ବିଲର ବିଚାର କରିବେ ଏବଂ ଯଦିବା ଏ ବିଲ ଆଇନରେ ପରିଣତ କରିବାର ମତଦେବେ ତେବେ ଯେତେ କମ ସମୟ ପାଇଁ ହୋଇପାରେ ଏହାକୁ କାର୍ଯ୍ୟକାରୀ କରିବେ ।

—o—

## ଭେଦଭାବ

କଟକ ଯୋବ୍ରା କାରଖାନାରେ ମଟର ଡ୍ରାଇଭର କାର୍ଯ୍ୟ ଗୋଟାଏ ଖାଲି ଥିଲା । ଅନେକ ଲୋକ ପ୍ରାର୍ଥୀ ହେଲେ । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମହାନଦୀ ଡ଼ିଭିଜନ, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କ ସହିତ ଦେଖା କରିବା ପାଇଁ ହୁକୁମ ହେଲା । ନିର୍ଦ୍ଦିଷ୍ଟ ଦିନ ସେ ତିନି ଜଣ ପ୍ରାର୍ଥୀ ଇଞ୍ଜିନିୟରଙ୍କ ସହିତ ଦେଖା କଲେ । ସେମାନଙ୍କୁ ମଟର ଇଞ୍ଜିନ ବିଷୟରେ କେତେକ ପ୍ରଶ୍ନ କରାଯାଇଥିଲା । ପରୀକ୍ଷା ସମୟରେ ଜଣେ ଓଡ଼ିଆ ପ୍ରାର୍ଥୀ ଗୋଟାଏ ପ୍ରଶ୍ନର ଉତ୍ତର ଯଥାର୍ଥ ଭାବରେ ଦେଇ ନ ପାରିବାରୁ କଟିଲେ । ବାକି ଦୁଇଜଣ ଜଣେ ଓଡ଼ିଆ ଓ ଜଣେ ବଙ୍ଗାଳି ରହିଲେ । ଏ ବଙ୍ଗାଳିଟି ଓଡ଼ିଶା ବାସୀ ନୁହଁନ୍ତି । ଖାସ ବଙ୍ଗ ଦେଶରୁ ଆମଦାନି ଏବଂ ଏଠାରେ ଜଣେ ବଙ୍ଗାଳି ମଟର ବ୍ୟବସାୟୀଙ୍କ କାରଖାନାରେ କାର୍ଯ୍ୟ କରନ୍ତି । ଆମ୍ଭେମାନେ ଶୁଣିଲୁ ଯେ ପରୀକ୍ଷାରେ ଓଡ଼ିଆ ପ୍ରାର୍ଥୀଟି ସମସ୍ତ ପ୍ରଶ୍ନର ଠିକ ଉତ୍ତର ଦେଲେ ମଧ୍ୟ ସ୍ଥାନ ନ ପାଇ ସେ ବଙ୍ଗାଳିଟି ମୋଟେ ଇଂରାଜୀ ଜାଣି ଏବଂ ମଟର ବିଷୟରେ ତାହାର ସାଧାରଣ ଜ୍ଞାନ ନ ଥିବାରୁ କୌଣସି ପ୍ରଶ୍ନର ଉତ୍ତର ଠିକ ଭାବରେ ନ ଦେଇ ପାରି ମଧ୍ୟ ଚାକିରି ପାଇଁ ଯୋଗ୍ୟ ବିବେଚିତ ହେଲେ । ଏ ଘଟଣା ସତ୍ୟ ହୋଇଥିଲେ ଅତ୍ୟନ୍ତ ଦୁଃଖର ବିଷୟ ଏବଂ ଏଥିପ୍ରତି ଆମ୍ଭେମାନେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ବେଲ ସାହେବଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

## ବିଦେଶୀଙ୍କ ସହିତ ସମ୍ପର୍କ ତ୍ୟାଗ

ପାରସ୍ୟ ସରକାର ଏକ ଆଇନ ଜାରି କରିଛନ୍ତି ଯେ ତାଙ୍କ ଅଧୀନରେ ଥିବା କୌଣସି କର୍ମଚାରୀ ବିଦେଶୀ ମେମ ବାହା ହୋଇପାରିବେ ନାହିଁ କି ସେମାନଙ୍କ ସହିତ କୌଣସି ପ୍ରକାର ସମ୍ପର୍କ ରଖି ପାରିବେ ନାହିଁ । ଏପରିକି କୌଣସି ସାଧାରଣ ଲୋକ ମଧ୍ୟ ସେମାନଙ୍କ ସହିତ ଯୋଗଦେଇ ପାରିବେ ନାହିଁ । ବିଦେଶୀ ବେପାରୀମାନଙ୍କ ବନ୍ଧୁକରେ ମଧ୍ୟ ସେମାନଙ୍କୁ ପାରସ୍ୟରୁ ବହିଷ୍କାର କରିବାକୁ ଚେଷ୍ଟାର ଉଦ୍ୟୋଗ ହେଉଛି ।

## ଧୂମ୍ରପାନ ଆଇନ

ଦେଓ୍ୟାନ ବାହାଦୁର ହରି ବିଲାସ ଶାରଦା ଭାରତ ବ୍ୟବସ୍ଥାପକ ସଭାରେ ଏକ ନୂଆ ଆଇନର ପ୍ରସ୍ତାବ କରିଛନ୍ତି । ୧୬ ବର୍ଷରୁ କମ ଯେ କୌଣସି ବାଳକ ଧୂମ୍ରପାନ କଲେ ଓ କୌଣସି ଦୋକାନ ଏପରି ବାଳକଙ୍କୁ ବିଡ଼ି ସିଗାରେଟ ବିକ୍ରୟ କଲେ ଦଣ୍ଡନୀୟ ହେବ । ଏହା ଆଇନର ଉଦ୍ଦେଶ୍ୟ ।

## ମହାନଦୀ ପାଣିରେ ସାଇକେଲ

ଗତ ୮ ତାରିଖ ୧୨ଟା ସମୟରେ ପଞ୍ଜାବର ଶ୍ରୀ ଲୋକନାଥ ସାହୁ ମେଡ଼ିକାଲ ଓ ପ୍ରତେକ୍ଟ୍ରେଲ ଇଞ୍ଜିନିୟର ଜୋବ୍ରାଠାରେ ମହାନଦୀ ପାଣିରେ ସାଇକଲ ଚଳାଇଥିଲେ । ଅନେକ ଲୋକ ଦେଖିବାପାଇଁ ଜମା ହୋଇଥିଲେ ।

## ୫୫ ଜଣଙ୍କୁ ଦ୍ୱୀପାନ୍ତର

ଏଲାହାବାଦର ଲକେଇଆଠାରେ ଖଜଣା ବନ୍ଦ ଆନ୍ଦୋଳନ ସମୟରେ ସେଠା ଜମିଦାର [illegible] ଓ ତାଙ୍କର ପାଞ୍ଚଜଣ ଚପରାଶିଙ୍କୁ ତାଙ୍କ ପ୍ରଜା ହତ୍ୟା କରିଥିଲେ । ଏଲାହାବାଦର ସେସନ ଜଜଙ୍କ କୋର୍ଟରେ ୭୨ ଜଣ ଆସାମୀଙ୍କ ମଧ୍ୟରୁ ୫୫ ଜଣଙ୍କୁ ଦ୍ୱୀପାନ୍ତର ଦଣ୍ଡ ହୋଇଛି ।

## ଗୁଭର୍ଣ୍ଣରଙ୍କ ଦରମା କମିବ ? ବ୍ୟବସ୍ଥାପକ ସଭାରେ ବିଚାର

ଭାରତ ବ୍ୟବସ୍ଥାପକ ସଭା ମେମ୍ବର ରାଓ ବାହାଦୁର ଏମ. ସି. ରାଜା ଏକ ପ୍ରସ୍ତାବ ଆଗତ କରିବେ ଯେ ସରକାରଙ୍କର ଆର୍ଥିକ ଅବସ୍ଥା ଖରାପ ହେବାରୁ ସରକାର ଗୁଭର୍ଣ୍ଣରଙ୍କ ଦରମା ସେମାନଙ୍କ ପୂର୍ବପରି ଦିଆଯାଉ । ଅଳ୍ପ କମ କରାଯାଉ । ବିଶେଷତଃ ମାନ୍ଦ୍ରାଜ ସରକାରଙ୍କର ଅନ୍ୟ ଅପେକ୍ଷା ୧ କୋଟି ଟଙ୍କା ଅଧିକ ଥିବାରୁ ମାନ୍ଦ୍ରାଜ ସରକାର ସେଠା ଗୁଭର୍ଣ୍ଣରଙ୍କ ଦରମା କମେଇଦେବା ଉଚିତ ବୋଲି ସେ ପ୍ରସ୍ତାବ କରିଛନ୍ତି ।

## ଭାରତ କାଙ୍ଗାଳ ହେଲା

ଭାରତରୁ ବିଦେଶକୁ ସୁନା ରପ୍ତାନି କ୍ରମେ କ୍ରମେ ବେଶି ହେଉଛି । ଏ ସପ୍ତାହରେ ୫୫ ଲକ୍ଷ ୭୦ ହଜାର ୯ ଶହ ୨୮ ଟଙ୍କାର ସୁନା ବମ୍ବେରୁ ବିଦେଶକୁ ରପ୍ତାନି ହୋଇଛି । ମୋଟରେ ଏପର୍ଯ୍ୟନ୍ତ ୧୦୫ କୋଟି ୩୩ ଲକ୍ଷ ଟଙ୍କାର ସୁନା ଯାଇଅଛି । ଗତ ୬ ତାରିଖରେ ୫୪ ଲକ୍ଷ ୮୬ ହଜାର ଟଙ୍କାର ସୁନା ଯାଇଅଛି ।

## ପଞ୍ଜାବର ନୂଆଲାଟ

ପଞ୍ଜାବ ପ୍ରଦେଶର ଲାଟ ସାହେବ ସାର୍ ଜଫ୍ରି ମଣ୍ଟମୋରେନ୍ସି ଆସନ୍ତା ଏପ୍ରିଲମାସରେ ଅବସର ଗ୍ରହଣ କରିବେ । ତାଙ୍କ ସ୍ଥାନରେ ଭାରତ ସରକାରଙ୍କର ଭୂତପୂର୍ବ [illegible] ମନ୍ତ୍ରୀ ସାର ଇମର୍ସନ ଲାଟ ହେବେ । ୧୯୦୫ ସାଲରେ ଇମର୍ସନ ସାହେବ ଭାରତ ସିଭିଲ ସର୍ଭିସ କାର୍ଯ୍ୟରେ ଯୋଗ ଦେଇଥିଲେ ।

Digitized by srujanika@gmail.com

Split by PDF Splitter



# ବାଲେଶ୍ୱରରେ

## ଗିରଫ

ବାଲେଶ୍ୱର-୩-୧-୩୩

ଏଠାରେ ଜଣେ ଆଙ୍ଗ୍ଲୋଇଣ୍ଡିଅନ ସାହେବ ମିଷ୍ଟର ଆରଥର ହପରମାନଙ୍କ ଘର ସ୍ଥାନୀୟ ପୁଲିସବାଲା ଖାନ ସେର୍ଚ୍ଚ କରି ଖାନତଲାସ କଲେ। ତାଙ୍କଠାରୁ କୌଣସି ପ୍ରକାର ବେଆଇନ କାଗଜ ପତ୍ର କିଛି ବାହାର ନାହିଁ ।

ବାଲିଅପାଳ ଥାନା କଂସପଡ଼ା ମୌଜାରେ ପୁଲିସ ଶ୍ରୀ ଗଗନ ବହାଗ ଭଞ୍ଜଙ୍କ ଘର ସେର୍ଚ୍ଚ କରି ଖାନତଲାସ କରି ତାଙ୍କୁ ଗିରଫ କରିଛି ।

—*—

## ମୟୂରଭଞ୍ଜ ସମ୍ବାଦ

## ମହାରାଜାଙ୍କ ନୂଆ ଆଇନ

ମୟୂରଭଞ୍ଜର ମହାରାଜା ଏକ ନୂଆ ଆଇନ କରିଛନ୍ତି ଯେ ତାଙ୍କ ରାଜ୍ୟରେ ଯେକୌଣସି କାର୍ଯ୍ୟ ଖାଲି ହେବ ପ୍ରତ୍ୟେକ କାର୍ଯ୍ୟରେ ଷ୍ଟେଟବାସିଙ୍କୁ ରଖାଯିବ । ବିଦେଶୀଙ୍କୁ ଏଣିକି ଚାକିରି ଦିଆଯିବ ନାହିଁ ।

—*—

## ପୋଖରୀ ପ୍ରତିଷ୍ଠା

ମାନୁଆଡ଼ ସେଠ ଯମୁନାଲାଲ ଜୈନ୍ୟ ଗୋଟିଏ ବଡ଼ ପୋଖରୀ ଆଠହଜାର ଟଙ୍କା ବ୍ୟୟରେ ଦେଉଳି ଗ୍ରାମରେ ଖୋଳାଇଛନ୍ତି ଏବଂ ଗୋଟିଏ ପାଠଶାଳା ମଧ୍ୟ ସ୍ଥାପନ କରିଛନ୍ତି । ଦେଉଲୀ ଗ୍ରାମରେ ଅଗରୁ ପୋଖରୀ ନଥିବାରୁ ପୋଖରୀ ପ୍ରତିଷ୍ଠା ଖୁବ ସମାରୋହରେ ହୋଇଥିଲା । ଆଖପାଖରୁ ଅନେକ ଲୋକ ଆସିଥିଲେ । ଫେରିବା ସମୟରେ ମଟର ବସ ଧକ୍କା ଖାଇ ଚୂରମାର ହୋଇଗଲା । ଡ୍ରାଇଭର, କ୍ଲିନର ଆହତ ହୋଇଛନ୍ତି ।

—*—

## ସଂସ୍କୃତ କନଭୋକେଶନ

ପୁରୀ ୭-୧-୩୩

ହୋମାରର ବେଢେଲିର ରାଜା ଶ୍ରୀ ଜାର୍ନ୍ଦ୍ୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ବେହାର ଓଡ଼ିଶାର ସଂସ୍କୃତ କନଭୋକେସନ ଅନୁଷ୍ଠିତ ହୋଇଥିଲା । ସଂସ୍କୃତ ଆସୋସିଏସନର ୭୫ ଜଣ ସଭ୍ୟଙ୍କ ମଧ୍ୟରୁ ୬୦ ଜଣ ଉପସ୍ଥିତ ଥିଲେ । ଅନ୍ୟାନ୍ୟ ମାନଙ୍କ ମଧ୍ୟରୁ ବେହାର ଓଡ଼ିଶା ବ୍ୟବସ୍ଥାପକ ସଭାର ସଭାପତି ଶ୍ରୀ ଲକ୍ଷ୍ମୀନାରାୟଣ ସିଂହ, ଶିକ୍ଷା ବିଭାଗର ଡିରେକ୍ଟର ଫକସ ସାହେବ, ଡାକ୍ତର ହରିଚନ୍ଦ୍ର ଶାସ୍ତ୍ରୀ, ପଣ୍ଡିତ ଇଶ୍ୱରୀ ଦତ୍ତ, ଦୁର୍ଗାଦତ୍ତ ଶାସ୍ତ୍ରୀ, ପୁରୀ ସଂସ୍କୃତ କଲେଜର ଅଧ୍ୟକ୍ଷ ଶ୍ରୀ କରୁଣାକର କର, ରାଏବାହାଦୁର ହରିହରନାଥ, ଶ୍ରୀଗଣେଶ ମିଶ୍ର, ଶ୍ରୀ ବୈଦ୍ୟରତ୍ନ ମାଗୁଣି ବ୍ରହ୍ମାଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଅନେକ ବିଷୟରେ ଆଲୋଚନା ହୋଇଥିଲା । ବେହାର ଓଡ଼ିଶାରେ ସଂସ୍କୃତ ଶିକ୍ଷାର ପ୍ରସାର ଓ ଉନ୍ନତି କମିଟି ଯେଉଁ ଉପାୟମାନ ପ୍ରଣୟନ କରି ଯାଇଛି ତାହା ଅନେକ ଅଂଶରେ ପରିବର୍ତ୍ତିତ କରି ଗୃହୀତ ହୋଇଥିଲା । ପାଟନା ସିନେଟ ଅନ୍ୟାନ୍ୟ ଓ ହରଗୃହ ଶାସ୍ତ୍ରୀଙ୍କୁ ଫେଲୋ ନିର୍ବାଚିତ କଲେ । ସଂସ୍କୃତ ଆସୋସିଏସନର କାଉନସିଲରେ ବୈଦ୍ୟରତ୍ନ ମାଗୁଣି ବ୍ରହ୍ମାଙ୍କ ଜଣେ ମେମ୍ବର କରାଗଲା ।

—*—

# ବିହାର ନେତା

## ରାଜେନ୍ଦ୍ର ପ୍ରସାଦ ଗିରଫ ହେଲେ

ନିଖିଳଭାରତ କଂଗ୍ରେସର ବର୍ତ୍ତମାନ କାର୍ଯ୍ୟକାରୀ ସଭାପତି ଶ୍ରୀ ରାଜେନ୍ଦ୍ର ପ୍ରସାଦ ଗତ ଶୁକ୍ରବାର ୬ ତାରିଖରେ ଗିରଫ ହୋଇଛନ୍ତି । ବାଙ୍କିପୁର ଜେଲରେ ଅଧ୍ୟାପକ କୃପାଳିନିଙ୍କ ଶରୀର ଅସୁସ୍ଥ ହୋଇଥିଲା । ଶ୍ରୀ ରାଜେନ୍ଦ୍ର ପ୍ରସାଦ ସେଠାକୁ ତାଙ୍କୁ ଦେଖିବାକୁ ଯାଇଥିଲେ । ସେଠାରୁ ଫେରିବା ସମୟରେ ଜେଲ ଫାଟକପାଖରେ ତାଙ୍କୁ ଗିରଫ କରାଗଲା । କଂଗ୍ରେସର ସଭାପତି ରୂପେ ସେ ଆଇନ ଅମାନ୍ୟ କାର୍ଯ୍ୟ ପରିଚାଳନା କରୁଥିବାରୁ ତାଙ୍କୁ ଫୌଜଦାରି ଆଇନରେ ୧୭ କ ଓ ଖ ଦଫାରେ ଗିରଫ କରାହୋଇଛି ।

—*—

## ବୋମ୍ବେରେ ଗିରଫଦାରି

ଏ ମାସ ପର୍ଯ୍ୟନ୍ତ ବୋମ୍ବେରେ ଆଇନ ଅମାନ୍ୟ ଆନ୍ଦୋଳନ ଲାଗି ୪ହଜାର ୩ ଶହ ୪୫ ଜଣ ଗିରଫ ହୋଇଛନ୍ତି । ବୋମ୍ବେ ହାଇକୋର୍ଟର ଭୂତପୂର୍ବ ସରକାରି ଏଡଭୋକେଟ ଜେନେରେଲ ଶ୍ରୀଯୁକ୍ତ ଦେଶାଇଙ୍କୁ ୧୦ ହଜାର ଟଙ୍କା ଜୋରିମାନା ଓ ଶ୍ରୀଯୁକ୍ତ କର୍ଷଣ ଦାସଙ୍କୁ ୫ ହଜାର ଟଙ୍କା ଜୋରିମାନା କରାଯାଇଛି ।

—*—

## ବୋମ୍ବେରେ ହିନ୍ଦୁ ମୁସଲମାନ ଗୋଳମାଳ

## ପିଲାଖେଳର ହତ୍ୟାକାଣ୍ଡ

ବୋମ୍ବେ ୯-୧-୩୩

ବୋମ୍ବେ ସହରର ନର୍ଥବ୍ରୁକ ବଗିଚାରେ କେତେଜଣ ପିଲା ଟେନିସ ଖେଳୁଥିଲେ । ବଗିଚା ବାହାରେ କେତେଜଣ ଲୋକ ଠିଆହୋଇ ଖେଳ ଦେଖୁଥିଲେ । ଜଣେ କାବୁଲିବାଲା ସେଠାରେ ଠିଆହୋଇ ଖେଳ ଦେଖୁଥିଲା । ହଠାତ୍ ଟେନିସ ବଲଟା ଛିଟିକି ଆସି ତା ଦେହରେ ବାଜିଗଲା । କାବୁଲିବାଲା ରାଗିଯାଇ ସେ ଖେଳୁଥିବା ପିଲାରୁ ଜଣଙ୍କୁ ମାରିଲା । ଏହା ଦେଖି ଆଉକେତେକ ଜଣ କାବୁଲି ବାଲା କାର୍ଯ୍ୟରେ ପ୍ରତିବାଦ କରିବାରୁ କାବୁଲିବାଲା ସେମାନଙ୍କ ସହିତ ମାରପିଟ ଆରମ୍ଭ କଲା । ପାଟି ଶୁଣି ଅନେକ ଲୋକ ଜମାହୋଇଗଲେ । ହିନ୍ଦୁମାନେ ପିଲାପକ୍ଷ ଏବଂ ମୁସଲମାନମାନେ କାବୁଲିବାଲାପକ୍ଷ ନେଲେ । ଖୁବ ଜୋରରେ ମାରପିଟ ଚାଲିଲା । ଶେଷରେ ପୁଲିସ ଆସି ପହଞ୍ଚିବାରୁ ଗୋଳମାଳ ଭାଙ୍ଗିଗଲା । ୧୮ ଜଣ ହିନ୍ଦୁ, ୭ ଜଣ ମୁସଲମାନ ଓ ଜଣେ ପାର୍ଶି ଭୀଷଣ ଭାବରେ ଆଘାତ ପ୍ରାପ୍ତ ହୋଇଛନ୍ତି । ଦୁଇଜଣ ମୁସଲମାନ ମରିଛନ୍ତି ।

—*—

## ମ୍ୟୁନିସିପାଲଟି ସଭାରେ ମହିଳା ସଭ୍ୟ

ବିହାରଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତ୍ୟେକ ମ୍ୟୁନିସିପାଲିଟି କମିଟି କେତେଜଣ ମେମ୍ବର ନିର୍ବାଚିତ ହେବାର ବ୍ୟବସ୍ଥା ଅଛି । ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ସାର ଗଣେଶ ଦତ୍ତ ସିଂହ ପ୍ରତ୍ୟେକ ଡିଭିଜନାଲ କମିସନରମାନଙ୍କ ନିକଟ ଲେଖିଛନ୍ତି ଯେ ସେମାନେ ଯେପରି ପ୍ରତ୍ୟେକ ମ୍ୟୁନିସିପାଲିଟି ପାଇଁ ମହିଳା ପ୍ରତିନିଧିଙ୍କ ନାମ ସୁପାରିଶ କରି ମନ୍ତ୍ରୀଙ୍କ ନିକଟ ପଠାନ୍ତୁ । ସରକାର ସେନାମ ତାଲିକାରୁ କାହାକୁ ପ୍ରତିନିଧି ନିର୍ବାଚନ କରିବେ ।

—*—

## ପୁରୀରେ

# ନୂଆ ମସଜିଦ

ମାର୍କଣ୍ଡ ସାହି ଦେଉଳ ନିକଟରେ କେତେଜଣ କାବୁଲି ପଠାଣ ଗୋଟିଏ ମସଜିଦ ତିଆରି କରିବା ଉଦ୍ଦେଶ୍ୟରେ ମ୍ୟୁନିସିପାଲିଟିର ବିନା ଅନୁମତିରେ ଆରମ୍ଭ କରିଛନ୍ତି । ପୁରୀ ବଡ଼ଦାଣ୍ଡର ଉଭୟପାର୍ଶ୍ୱର ଜାଗାମାନ ଲିଜରେ ଦିଆହେଲା, ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ଅନ୍ୟ କୌଣସି ଧର୍ମର କୌଣସି ଉପାସନାର ସ୍ଥାନ ପୂର୍ବରୁ ନାହିଁ କେବଳ ହିନ୍ଦୁମାନଙ୍କର ସୁବିଧାନିମନ୍ତେ ସେ ଜମିମାନ ଲିଜରେ ଦିଆହେଲ କରାଯାଇଥିଲା—ଉଦ୍ଦେଶ୍ୟ ଯେ ରଥରେ ସେମାନେ ରଥ ଟାଣିବେ ଓ ଠାକୁରଙ୍କୁ ଫୁଲ ତୁଳସି ଯୋଗାଇବେ । ବର୍ତ୍ତମାନ ଏକ ମସଜିଦ ହେବାର ଉପକ୍ରମ ହେବାରୁ ହିନ୍ଦୁ ସମ୍ପ୍ରଦାୟ ଅତ୍ୟନ୍ତ ବିରକ୍ତ । କେତେଜଣ ବଶିଷ୍ଠ ସହରବାସି ମ୍ୟୁନିସିପାଲିଟି ଅଫିସରେ ଆପତ୍ତି କରି ଏକ ଦରଖାସ୍ତ ଦେଇଛନ୍ତି ।

—*—

## ଓଡ଼ିଶା ଗଡ଼ଜାତ ଶାସନରେ ପରିବର୍ତ୍ତନ

## ପଲିଟିକେଲ ଏଜେଣ୍ଟ ରହିବେ ନାହିଁ

ଓଡ଼ିଶା ଗଡ଼ଜାତର ପଲିଟିକେଲ ଏଜେଣ୍ଟ ସମ୍ବଲପୁରରେ ବସନ୍ତି, ସେଠାରେ ତାଙ୍କ ଅଫିସ ଥାଏ । ବର୍ତ୍ତମାନ ସରକାର ସ୍ଥିର କରିଛନ୍ତି ଯେ ମୋଗଲବନ୍ଦି ସହିତ ଗଡ଼ଜାତର କୌଣସି ସମ୍ପର୍କ ରହିବ ନାହିଁ । ଓଡ଼ିଶାରୁ ଓଡ଼ିଶା ଗଡ଼ଜାତ ବାହାରିଯିବ । ଓଡ଼ିଶା ଏବଂ ମଧ୍ୟପ୍ରଦେଶର ଗଡ଼ଜାତ ରାଜ୍ୟମାନ ଏକତ୍ର ଲେଫଟେନାଣ୍ଟ ସାହେବଙ୍କର ଜଣେ ଏଜେଣ୍ଟ ଅଧିନରେ ରହିବେ । ବର୍ତ୍ତମାନ ପଲିଟିକେଲ ଏଜେଣ୍ଟଙ୍କ ଅଫିସରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ କାର୍ଯ୍ୟରୁ ବାହାର କରିବାର ନୋଟିସ ହୋଇଛି ।

—*—

## ଦେଶୀୟରାଜ୍ୟ ଆଲୱାରରେ

## ବିଷମ ଅଶାନ୍ତି

ଦେଶୀୟରାଜ୍ୟ ଅଲୱାରର ରାଜା ହିନ୍ଦୁ କିନ୍ତୁ ତାଙ୍କର ଅଧିକାଂଶ ପ୍ରଜା ମୁସଲମାନ । କେତେକ ଉଚ୍ଚାକାଂକ୍ଷୀ ମୁସଲମାନଙ୍କ କୁମନ୍ତ୍ରଣାରେ ପଡ଼ି ଏ ରାଜ୍ୟର ମୁସଲମାନ ପ୍ରଜାମାନେ ସେଠା ରାଜ ସରକାର ବିରୁଦ୍ଧରେ ବିଦ୍ରୋହ କରି ନାନାଦି ଉପଦ୍ରବ କରୁଛନ୍ତି । ମହାରାଜା ଶାନ୍ତି ଶୃଙ୍ଖଳା ଆଣିବାପାଇଁ ବହୁଯତ୍ନ କରି ମଧ୍ୟ ଏପର୍ଯ୍ୟନ୍ତ ସଫଳକାମ ହୋଇପାରି ନାହାନ୍ତି । ବର୍ତ୍ତମାନ ଭାରତ ସରକାର ସେଠା ପ୍ରଜାଙ୍କ ବିଦ୍ରୋହ ଦମନ ଉଦ୍ଦେଶ୍ୟରେ ସରକାରୀ ପଲଟନ ଫୌଜ ପଠାଇଛନ୍ତି । ଗୁଳି ମାଡ଼ରେ ଅନେକ ପ୍ରଜା ମଲେଣି, କେତେ ଗ୍ରାମ ପୋଡ଼ି ଧୂଳିସାତ ହେଲଣି । ଅନେକ ପ୍ରଜା ମଧ୍ୟ ଆଲୱାର ରାଜ୍ୟ ଛାଡ଼ି ମୋଗଲବନ୍ଦିକି ପଳାଇ ଆସିଛନ୍ତି ।

—*—

## ମୁସଲମାନ ନେତା ଡାକ୍ତର ଆନସାରି

## ବିଲାତରୁ ଫେରୁଛନ୍ତି

ଡାକ୍ତର ଆନସାରି ଚିକିତ୍ସା ଏବଂ ସ୍ୱାସ୍ଥ୍ୟଲାଭ ନିମିତ୍ତ ଇଉରୋପ ଯାତ୍ରା କରିଥିଲେ । ସେଠାରୁ ସେ ଫେରି ଏମାସ ୨୬ ତାରିଖରେ ଭାରତରେ ପହଞ୍ଚିବେ ।

Digitized by srujanika@gmail.com

# ବିହାର ଓଡ଼ିଶାରେ

## ନୂଆ ଆଇନ

ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାରେ ସରକାର ଏକ ନୂଆ ଆଇନ ପାଶ କରିବେ ବୋଲି ଗତ ୭ ତାରିଖରେ ପ୍ରକାଶ କରିଛନ୍ତି । ନୂଆ ଆଇନଟି ସାଧାରଣ ନିରାପଦ ଆଇନ ନାମରେ ପରିଚିତ । ସରକାରଙ୍କ ପକ୍ଷରୁ ପ୍ରକାଶ ଯେ ବଡ଼ଲାଟ ଯେ କେତେକ ଅର୍ଡ଼ିନାନ୍‌ସ ପାଶ କରିଥିଲେ ତାହାର କାର୍ଯ୍ୟକାଳ ଡିସେମ୍ବର ୨୯ ତାରିଖରେ ଶେଷ ହେଲା । ଏ ଆଇନ ବଳରେ ସରକାର ଆଇନ ଅମାନ୍ୟ ଆନ୍ଦୋଳନକୁ ଦବାଇ ପାରିବାରେ ସକ୍ଷମ ହୋଇଛନ୍ତି । ସମ୍ପୂର୍ଣ୍ଣ ଭାବରେ ଯେ ସେ ଆନ୍ଦୋଳନ ଦବିଗଲାଣି ତାହା ନୁହେଁ । ସରକାର ଟିକିଏ ନରମ ହୋଇଗଲେ ଏ ଆନ୍ଦୋଳନ ପୁଣି ବ୍ୟାପିଯିବାର ସମ୍ଭାବନା । ଏ ଆଇନ ଅମାନ୍ୟ ଆନ୍ଦୋଳନର ଉଦ୍ଦେଶ୍ୟ ସରକାରଙ୍କ କାର୍ଯ୍ୟରେ ବାଧାଦେଇ ସରକାରଙ୍କୁ ସନ୍ତ୍ରସ୍ତ କରିବା, ଏ କାର୍ଯ୍ୟଦ୍ୱାରା ଲୋକ ସାଧାରଣଙ୍କର ବିଶେଷ କଷ୍ଟ ଏବଂ ଘୋର ଅଶାନ୍ତି ହେବ ବୋଲି ସରକାର ଆଶଙ୍କା କରନ୍ତି । ଏଥିପାଇଁ ସରକାରଙ୍କର ବିଶେଷ ଆଇନ ବ୍ୟବସ୍ଥା ଦରକାର । ଭାରତର ଅନ୍ୟାନ୍ୟ ସବୁ ପ୍ରଦେଶରେ ଯେଉଁ ସବୁ ଆଇନ ଦରକାର ସେସବୁ ଆଇନ ଭାରତ ସରକାର ଭାରତବର୍ଷରେ ଶାନ୍ତି ଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ବ୍ୟବସ୍ଥାପକ ସଭାରେ ପାଶ କରାଇ ନେଇଛନ୍ତି । ବର୍ତ୍ତମାନ ବେହାର-ଓଡ଼ିଶା ସରକାର ବେହାର-ଓଡ଼ିଶାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ବିଶେଷ ଆଇନର ବ୍ୟବସ୍ଥା କରିବା ଦରକାର ବୋଲି ଭାବନ୍ତି । ଏ ନୂଆ ଆଇନ ବର୍ତ୍ତମାନର ସରକାର ଏବଂ ଭବିଷ୍ୟତର ସରକାରଙ୍କ ସ୍ୱରାଜ୍ୟଶାସନରେ ଅତ୍ୟନ୍ତ ସାହାଯ୍ୟ କରିବାର ଆଶା । ଏପରି ଗୋଟିଏ ଆଇନ ହାତରେ ଥିଲେ ସରକାର ସହଜରେ ଏ ଆଇନ ଅମାନ୍ୟ ଆନ୍ଦୋଳନ ପରି ଅନିଷ୍ଟକାରୀ ଆନ୍ଦୋଳନକୁ ଦବାଇ ପାରିବେ । ଏ ଆଇନର ଯେଉଁ ସବୁ ଦଫା ଯେଉଁ ସ୍ଥାନରେ ଦରକାର ହେବ ସରକାର ସେହିସବୁ ଦଫାକୁ ସେଠାରେ ସରକାରୀ ଇସ୍ତାହାର ଦ୍ୱାରା ପ୍ରଥମେ ଜଣାଇ ଦେବେ । ନୂଆ ଆଇନର ପ୍ରଥମ ଦଫାରେ ଆଇନର ନାମର ଅର୍ଥ ଏବଂ ଅନ୍ୟାନ୍ୟ ସଂଜ୍ଞା ସ୍ପଷ୍ଟକରଣ କରାଯାଇଛି । ଦ୍ୱିତୀୟ ଦଫାରେ ପୂର୍ବ ଅର୍ଡ଼ିନାନ୍‌ସର ୪, ୧୩, ୧୬ ଏବଂ ୧୮ ଦଫାମାନଙ୍କର ବ୍ୟବସ୍ଥା ଅଛି । ସ୍ଥାନୀୟ ଯେଉଁ ଲୋକଙ୍କୁ ସନ୍ଦେହ କରନ୍ତି ତାଙ୍କୁ ସେହିଠାରେ ରହିବାକୁ ନିର୍ଦ୍ଦେଶ କରିବାର ବ୍ୟବସ୍ଥା ଅଛି । ଯେ କୌଣସି ସ୍ଥାନରେ ସଭା ହେଲେ ସେଠାକୁ ପୁଲିସ ଯାଇପାରିବେ । ଘର ମଧ୍ୟରେ ମଧ୍ୟ ସଭା ହେଲେ ସେଠାକୁ ପୁଲିସ ଯାଇପାରିବ । ୩ୟ ଭାଗରେ ବ୍ୟବସ୍ଥା କରାଯାଇଛି ଯେ ଯେଉଁ ଅଞ୍ଚଳର ଲୋକେ ଶାନ୍ତିଭଙ୍ଗ କରିବେ ସେଠା ପ୍ରଜାସାଧାରଣଙ୍କ ଉପରେ ସରକାର ସମଷ୍ଟି ଭାବରେ ଜୋରିମାନା ଧାର୍ଯ୍ୟ କରି ଆଦାୟ କରିପାରିବେ । ୪ର୍ଥ ଭାଗରେ ଚୌକିଦାରୀ ଟିକସ, ଖଜଣା ଇତ୍ୟାଦି ଦେବା ବିରୁଦ୍ଧରେ ଆନ୍ଦୋଳନ କଲେ ଏଭଳି ଆଇନର କ୍ଷମତା ବଳରେ ସରକାର ଦୋଷୀମାନଙ୍କୁ ଦଣ୍ଡ ଦେଇପାରିବେ । ୫ମ ଭାଗରେ ସରକାରୀ କର୍ମଚାରୀମାନଙ୍କୁ ତାଙ୍କ ଉପଦ୍ରବ କରିବା କିମ୍ବା ବିରକ୍ତ କରିବା ଉଦ୍ଦେଶ୍ୟରେ ଯେଉଁମାନେ ଲଗାତାର ପିକେଟିଂ କଲେ ତାହାର ପ୍ରତିକାରର ବ୍ୟବସ୍ଥା ଅଛି । ଶେଷଭାଗରେ ଉକ୍ତ ଅର୍ଡ଼ିନାନ୍‌ସ ଆଇନର ପ୍ରୟୋଗ ବିଷୟରେ ଯେପରି ବ୍ୟବସ୍ଥା କରାଯାଇଥିଲା ସେହିପରି ରହିଛି ।

---

# କଟକରେ ସଭା

## ମନ୍ଦିର ପ୍ରବେଶ ପ୍ରସ୍ତାବ ଗୃହୀତ ହେଲା

କଟକ ୯, ୧, ୩୩

କାଲି ସନ୍ଧ୍ୟା ୫ଟା ସମୟରେ କଟକ ଟାଉନ ହଲରେ ଏକ ସାଧାରଣ ସଭା ହୋଇଥିଲା । ତହିଁରେ ଶହ ଶହ ଲୋକ ଯୋଗ ଦେଇଥିଲେ । ଶ୍ରୀ ଜଗବନ୍ଧୁ ସାହୁ ସଭାପତି ହୋଇଥିଲେ । ଶ୍ରୀ ରାଧାନାଥ ରଥ ସଭାର ଉଦ୍ଦେଶ୍ୟ ଓ ଡାକ୍ତର ସୁବାରାୟାନ୍‌ଙ୍କ ମନ୍ଦିର ପ୍ରବେଶ ଆଇନର ନକଲ ଇଂରାଜୀରେ ପଢ଼ି ବୁଝାଇ ଦେଇଥିଲେ । ଡାକ୍ତର ସୁବାରାୟାନ୍‌ଙ୍କ ପ୍ରସ୍ତାବ କରିଛନ୍ତି କି ଯେଉଁ ମନ୍ଦିରର ଆୟ ବର୍ଷକୁ ୫୦୦ ଟଙ୍କାରୁ ବେଶି ସେହି ମନ୍ଦିରରେ କୌଣସି ଅସ୍ପୃଶ୍ୟ ହିନ୍ଦୁର ପ୍ରବେଶ ଦାବି କରି ୫୦ ଜଣ ହିନ୍ଦୁ ଭୋଟ ଦାତା ମନ୍ଦିର ମାଲିକଙ୍କ ଠାରୁ ଦରଖାସ୍ତ କଲେ ସେ ହିନ୍ଦୁ ଭୋଟଦାତାମାନଙ୍କର ଏ ବିଷୟରେ ମତ ଗ୍ରହଣ କରିବେ ଏବଂ କିପରି ଭାବରେ ମତ ନିଆଯିବ ସେ ବିଷୟ ପ୍ରାଦେଶିକ ସରକାର ଠିକ କରିବେ । ପାଞ୍ଚଶ ଟଙ୍କାରୁ ଅଧିକ ଆୟର ମନ୍ଦିର ପାଇଁ ସହର ଭିତରେ ମ୍ୟୁନିସିପାଲିଟି ଏବଂ ସହର ବାହାରେ ଲୋକାଲବୋର୍ଡର ଭୋଟରମାନେ ଭୋଟ ଦେବେ । ପାଞ୍ଚଶ ଟଙ୍କାରୁ କମ ହୋଇଥିଲେ ସହରର ଯେଉଁ ୱାର୍ଡରେ ଥିବ ସେହି ୱାର୍ଡ଼ରେ ଭୋଟରମାନେ, ମଫସଲରେ ହେଲେ ଇଉନିୟନ ବୋର୍ଡର ଭୋଟରମାନେ ଭୋଟ ଦେବେ । ସେମାନଙ୍କର କଥା ମନ୍ଦିର ମାଲିକମାନେ ଅବଶ୍ୟ ମାନିବେ । ଅସ୍ପୃଶ୍ୟ ଜାତିର ମନ୍ଦିର ପ୍ରବେଶ ସପକ୍ଷରେ ଯଦି ଭୋଟ ଅଧିକ ହେବ ମନ୍ଦିର ମାଲିକ ସେ କଥା ଗ୍ରହଣ କରିବେ । ଏବଂ ନୋଟିସ ଦ୍ୱାରା ସମସ୍ତଙ୍କୁ ଜଣାଇ ଦେବେ ଯେ ମନ୍ଦିର ପ୍ରବେଶ ଅଧିକାର ଅସ୍ପୃଶ୍ୟ ଜାତିଙ୍କୁ ଦିଆଗଲା ବୋଲି । ଏଥିରେ ଯଦି କେହି ଆପତ୍ତି କରନ୍ତି ତାହାହେଲେ ସେ କଥା ମାସକ ମଧ୍ୟରେ ଜଣାଇବେ କାରଣ ମନ୍ଦିରର ଦେବତାଙ୍କ ପୂଜାନୀତି, ସେବାପୂଜା, ପର୍ବ ଇତ୍ୟାଦି ସମସ୍ତ ବିଧି ପୂର୍ବାବତ ହେବ । କୌଣସି ଲୋକ ସେ ସବୁ କାର୍ଯ୍ୟରେ ବାଧା କିମ୍ବା ହସ୍ତକ୍ଷେପ କରିପାରିବ ନାହିଁ । ଏ ପ୍ରସ୍ତାବ ବ୍ୟବସ୍ଥାପକ ସଭାରେ ଶ୍ରୀଯୁକ୍ତ ସୁବାରାୟାନ୍ ଆଗତ କରିଛନ୍ତି । ବ୍ୟବସ୍ଥାପକ ସଭାରେ ଏ ପ୍ରସ୍ତାବର ବିଚାର ନିକଟରେ ହେବ । ସେଥିରେ ସେ ମଧ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ ଯେପରି ଏ ପ୍ରସ୍ତାବ ଆଇନରେ ପରିଣତ ହୋଇ ୧୯୩୩ ମାର୍ଚ୍ଚ ମାସ ପହିଲାରୁ କାର୍ଯ୍ୟକାରୀ ହେବ । ଶ୍ରୀଯୁକ୍ତ ରଙ୍ଗସ୍ୱାମୀ ଭାରତ ବ୍ୟବସ୍ଥାପକ ସଭାରେ ପ୍ରସ୍ତାବ କରିଛନ୍ତି କି ହିନ୍ଦୁର ସାମାଜିକ ଓ ଧର୍ମଗତ ସଂସ୍କାର କରିବାରେ ସରକାର ପକ୍ଷରୁ ଯେ ଆଇନଗତ ବାଧା ଅଛି ତାହା ସରକାର ଉଠାଇ ଦିଅନ୍ତୁ । ସଭାରେ ଶ୍ରୀ ରାଧାନାଥ ରଥ ଏ କଥା ବିସ୍ତୃତ ଭାବରେ ବୁଝାଇ ସାରିବା ପରେ ଶ୍ରୀଯୁକ୍ତ ସତ୍ୟାନନ୍ଦ-ପୂର୍ଣ୍ଣ ସେନଗୁପ୍ତ ନିମ୍ନଲିଖିତ ପ୍ରସ୍ତାବ ଆଗତ କଲେ । ସେ କହିଲେ, କେତେକ ଜାତିର ଲୋକଙ୍କୁ ଅଛୁଆଁ ଅସ୍ପୃଶ୍ୟ ବୋଲି ଘୋଷଣା କରି ଦେବତା ଦର୍ଶନରୁ ସେ ବଞ୍ଚିତ କରି ହୋଇଛି ତାହା କରିବା ଘୋର ଅନ୍ୟାୟ । ଅସ୍ପୃଶ୍ୟମାନେ ଅନ୍ୟାନ୍ୟ ହିନ୍ଦୁ ଅଣୁବ୍ରତ-ଧର୍ମୀ ହେଲେ ସେମାନଙ୍କୁ ମନ୍ଦିର ପ୍ରବେଶ ଅଧିକାର ଦେବା ଉଚିତ । ସେହି ନିମିତ୍ତ

---

# ପୁରୀରେ ସଭା

## ବିରାଟ ଜନ ସମାଗମ

ତା ୮ ଇଙ୍ଗ ସନ୍ଧ୍ୟା ୬ଟା ସମୟରେ ଶଂଖାରୀଭାରଠାରେ ସଭା ଆରମ୍ଭ ହୋଇଥିଲା । ସହରର ପ୍ରତ୍ୟେକ ସମ୍ପ୍ରଦାୟର ବିଶିଷ୍ଟ ଲୋକମାନେ ଯୋଗ ଦେଇଥିଲେ । ଓଡ଼ିଆ ବ୍ରହ୍ମାନନ୍ଦ ମହାନ୍ତ ସଭାପତି ହେଲେ । ଶ୍ରୀ ମୁରାରି ତ୍ରିପାଠି ସଭାର ଉଦ୍ଦେଶ୍ୟ ବୁଝାଇ ଦେବାପରେ ଶ୍ରୀ ଲୋକନାଥ ମିଶ୍ର ଗୁରୁବାୟୁର ମନ୍ଦିର ଅସ୍ପୃଶ୍ୟମାନଙ୍କୁ ଶୀଘ୍ର ଖୋଲି ଦେବାପାଇଁ ଜାମୋରିନଙ୍କୁ ଅନୁରୋଧ କରି ଏକ ପ୍ରସ୍ତାବ, ଅସ୍ପୃଶ୍ୟମାନଙ୍କ ବିଷୟରେ ଥିବା ସାମାଜିକ କୁସଂସ୍କାର ହିନ୍ଦୁ ଧର୍ମଶାସ୍ତ୍ରର ବିରୁଦ୍ଧ ହେବାରୁ ସେ ସମସ୍ତ ଉଠାଇ ଦେବା ଓ ଅସ୍ପୃଶ୍ୟମାନଙ୍କ ମନ୍ଦିର ପ୍ରବେଶ ବିଷୟରେ ବ୍ୟବସ୍ଥାପକ ସଭାମାନଙ୍କରେ ବର୍ତ୍ତମାନ ଆଗତ ପ୍ରସ୍ତାବମାନଙ୍କର ବିଚାର ପାଇଁ ଅନୁମତି ଦେବାପାଇଁ ବଡ଼ଲାଟଙ୍କୁ ଅନୁରୋଧ କରି ପ୍ରସ୍ତାବମାନ ଆଗତ କରିଥିଲେ । ସତ୍ୟବାଦୀର ଭୂତପୂର୍ବ ସମ୍ପାଦକ ଓ ଶ୍ରୀ ଅଚ୍ୟୁତାନନ୍ଦ ଦାସ ଓକିଲ ଏ ପ୍ରସ୍ତାବକୁ ସମର୍ଥନ ଓ ଅନୁମୋଦନ କରିଥିଲେ । ଶ୍ରୀଯୁକ୍ତ ରଘୁନାଥ ମିଶ୍ର ଓ ଶ୍ରୀ ଲୁଆପିଙ୍ଗ୍ ହୋତା ବକ୍ତୃତା ଦେଇଥିଲେ । ପ୍ରସ୍ତାବମାନ ସର୍ବସମ୍ମତି କ୍ରମେ ଗୃହୀତ ହୋଇ ବଡ଼ଲାଟ, ଜାମୋରିନ ଓ ଭାଇସରୟଙ୍କ ଅସ୍ପୃଶ୍ୟତା ନିବାରଣ ସଂଘକୁ ତାର ଯୋଗେ ପଠାଯାଇଅଛି । ସଭାରେ ପ୍ରାୟ ୨୦୦୦ରୁ ବେଶି ଲୋକ ଯୋଗ ଦେଇଥିଲେ ।

---

ସରକାରୀ ଆଇନରେ ଯେ ବାଧା ଅଛି ତାହା ଉଠିଯିବା ଦରକାର । ଶ୍ରୀ ନଗେନ୍ଦ୍ର କୁମାର ଘୋଷ ଏ ପ୍ରସ୍ତାବକୁ ସମର୍ଥନ କରି କହିଲେ ଯେ ବିଧବା ବିବାହ ଶାରଦା ଆଇନ, ସତୀଦାହ ପ୍ରଥା ବନ୍ଦ, ଦେବୋତ୍ତର ଓ ଗୁରୁଦ୍ୱାର ଆଇନ ଯେତେବେଳେ ବ୍ୟବସ୍ଥା ସଭାରେ ଧାର୍ଯ୍ୟ ହୋଇଛି ସେତେବେଳେ ହିନ୍ଦୁ ସମାଜକୁ ତାଙ୍କ ସଂସ୍କାର କରିବା ବିଷୟରେ ଆଇନ ପ୍ରସ୍ତାବ କଲାବେଳେ ସରକାର ଆପତ୍ତି କରି ନପାରନ୍ତୁ ଏବଂ ବଡ଼ଲାଟ ଶୀଘ୍ର ପ୍ରସ୍ତାବରେ ଅନୁମତି ଦେବା ଉଚିତ । ପଣ୍ଡିତ ବାସୁଦେବ ରଥ ଏ ପ୍ରସ୍ତାବକୁ ସମର୍ଥନ କରିବାପରେ ସଭା ଭଙ୍ଗ ହେଲା । ସଭାପତି ଏ ପ୍ରସ୍ତାବକୁ ତାର ଦ୍ୱାରା ବଡ଼ଲାଟଙ୍କ ନିକଟ ପଠାଇଛନ୍ତି ।

---

## ଖଦଡ଼ର ମୂଲ୍ୟ କମିଲା

ଉତ୍କଳ ଖଦି ମଣ୍ଡଳ ଖଦଡ଼ ଉପରେ ଶତକଡ଼ା ୨୫ ଟଙ୍କା ମୂଲ୍ୟ କମାଇଦେଇ ଥିବାର ପ୍ରକାଶ, ବଜାରରେ ପୂର୍ବଠାରୁ କମ ଦାମରେ ଖଦଡ଼ ବିକ୍ରି ହେଉଛି ।

---

## ମହାତ୍ମାଙ୍କ ସେକ୍ରେଟାରି ଶ୍ରୀ ପ୍ୟାରେଲାଲ ବନ୍ଦୀ

ମହାତ୍ମା ଗାନ୍ଧିଙ୍କ ସେକ୍ରେଟାରି ଶ୍ରୀଯୁକ୍ତ ପ୍ୟାରେଲାଲ ଗତ ୬ ତାରିଖ ସକାଳେ ଜରୁରୀ ଅର୍ଡ଼ିନାନ୍‌ସ ବଳରେ ଗୁପ୍ତ ବିଭାଗ ପୁଲିସ ଦ୍ୱାରା ବନ୍ଦୀ ହୋଇଛନ୍ତି ।

---

Split by PDF Splitter

Digitized by srujanika@gmail.com

Split by PDF Splitter



## ସମ୍ବାଦ

ଯାଜପୁର ୧୫ ଡ଼ି ଅନ୍ତର୍ଗତ ମୌଃ ଭଙ୍ଗସ କଣ୍ୟାର ନାମ ଭଣ୍ଡାରଣିଅ ଗ୍ରାଃ ଡାଟିଆ ଶ୍ରୀ ରାଧାରମଣ ଠାକୁର ବଳେଇଥିଲ ମୌଃ ଭଙ୍ଗସଙ୍କର ସେବାଏତ-କାର ଶ୍ରୀ ଅଧିକାରୀ ରଘୁନାଥ ଦାସ ପିଃ ଭଗୀରଥି ଚରଣ ଦାସ ଆଜକୁ ମାସେ ହେଲା ଶ୍ରୀ ଭଗବଙ୍କ ପୂଜା ଅଛ କାର୍ଯ୍ୟରୁ ବନ୍ଦ ହୋଇ କାର୍ଯ୍ୟକରୁ ନଥିବାରୁ ତାଙ୍କ ପ୍ରତି ଭବିଷ୍ୟତରେ ଆମ୍ଭେମାନେ ଉକ୍ତ କାର୍ଯ୍ୟ ଅନୁଷ୍ଠାନ କରିବାକୁ ଇଚ୍ଛୁକ ଅଛୁଁ ।

ଦସ୍ତଖତ

୧-ଶ୍ରୀ ଦାମୋଦର ଦାସ
୨-ଅଦ୍ୱୈତ ପ୍ରସାଦ ଦାସ
୩-ଚାନ୍ଦ୍ରଚରଣ ଦାସ
୪-ଭଗୀରଥିଚରଣ ଦାସ
୫-ଆନନ୍ଦକିଶୋର ଦାସ
୬-ଗଙ୍ଗାଧର ଦାସ
୭-ହୃଷୀକେଶ ଦାସ
୮-ଦିବାକର ଦାସ

---

ନ ୨୧୦ ନମ୍ବର ଜାରି ସନ ୧୯୩୨ ମସିହା
ଇଃ ସବଜଜ କଟକ

ଗଙ୍ଗା ବାଇ ଓଗେର ସାଃ ଚଉଧୁରୀ ବଜାର ସାମିଲ ମାଛିଆବୋଷ ବଜାର କଟକ ଡିଃ ମାନେ
ରଘୁନାଥ ମାହାନ୍ତି ଓଗେର ସାଃ ସିଂଗପୁର ଗ୍ରାଃ କାଶିମବାଦ ସାଃ କଟକ ଦେଃ ମାନେ

ଡିକ୍ରି ବାବଦର ଜରିମାନା ଟଙ୍କା ସକାଶେ ଦେଃ ମାନଙ୍କ ତଳ ଲେଖିଲ ସମ୍ପତ୍ତିମାନ ତା ୧୬।୧।୩୩ ରଖେ ଦଶ ଘ ୧୨ ଣ୍ଟା ସମୟ ନିଲାମହେବ

ଲେଖିଲ ସମ୍ପତ୍ତି

୧ । ଜିଃ କଟକ ଥାନା ଓ ସବ ରେଜି ମୁଃ କଟକ ସଦର ଇଲକାଧୀନ ଗ୍ରାଃ କାଶିମବାଦ ନ ୨୫୩୨ ନମ୍ବର ତୌ ମୌଃ ଯେତଙ୍ଗ ଖାଃ ଦଃ ସ୍ୱରଜଙ୍ଗା ପାଟଣା ଜମିଦାରି ସଃ ଜମା ସାବକ ଟ୬୫୯ ହାଲ ଟ୧୬୭୯ ତହିଁ ମଧ୍ୟରୁ ଉଃ ଟ୦୷୷ କୁ ୧୬ ପଣ ଖାନାରେ ତହିଁ ମଧ୍ୟରୁ ଉଃ ଟ୦।/୪ କୁ ସଦର ଜମା ହାଲ କୁ ଟ୪୯୷୷୬ ତହସିଲ ସମସ୍ତ ପ୍ରକାର ସବୁକଳ ସହିତ ବନ୍ଧକ ଅଛି ନିଲାମହେବ ଅଃ ମୂଃ ଟ୫୦୦୯

୨ । ନ ୩୯୩୨ ନମ୍ବର ତୌ ଉଃ ମୌଃ ଜାଗପୁର ଜମିଦାରିର ତହିଁର ସଦର ଜମା ସାବକ ଟ୧୯୬୯ ଓ ହାଲ ଟ୧୬୭ ମଧ୍ୟରୁ ୧୫ ଟ୦।/୪ କୁ ଜମିଦାରି ଅଂଶ ଓ ତହସିଲ ସମସ୍ତ ପ୍ରକାର ସବୁକଳ ସହିତ ବନ୍ଧକ ଅଛି ନିଲାମହେବ ଅଃ ମୂଃ ଟ୯୦୦୯

୩ । ମୌଃ କାଉଁରିସ ସାବକ ନ ୧୨ ନମ୍ବର / ୧୨ ସିଃ ଖରିଦା ଜମାବନ୍ଦି ମଃ ଘଃ ଜାରି ସାବକ ଏ୫—୨୨୧ ଜମା ଟ୮୷୬ ହାଲ ମୌଃ ଜାଜପୁର ଖା ୫୬୫ ତା ଏ୨—୮୬ ଜମା ଟ୬୷ ଓ ମୌଃ ଭେନ୍ଦୁଲିଆ ନ ୬୫୫ ନମ୍ବର ଖାତା ଏ୨—୪୮ କୁ ଜମା ଟ୭୷ ଏରୂପ ଏ୫—୩୨ କୁ ଜମା ଟ୧୩/ ତହିଁ ମଧ୍ୟରୁ ଉଃ ଟ୦।/୪ ବନ୍ଧକ ଅଛି ନିଲାମହେବ ଅଃ ମୂଃ ଟ୧୫୦୯

୪ । ନ ୩୯୩୩ ନମ୍ବର ତୌ ଉକ୍ତ ସାବକ ମୌଃ ଜାଗପୁର ଇଲକାରେ ଥିବା ଖରିଦା ଜମାବନ୍ଦି ମଧ୍ୟରେ ଖଜାଣା ନ ୫୧୦ / ୩ ନମ୍ବର ସିଃ ଏ୦—୯୯୧ କୁ ଜମା ଟ୧। ତାହା ହାଲ ବନ୍ଦୋବସ୍ତରେ ଜାଗପୁର ଓ ଭେନ୍ଦୁଲିଆ ଦୋ ୨ ଟି ମୌଜା ହୋଇ ଭେନ୍ଦୁଲିଆ ମୌଜାରେ ନ ୯୫୧ ନମ୍ବର ଖାତା ଏ୦—୮୬ କୁ ଜମା ଟ୨/ ହୋଇଅଛି ତହିଁ ମଧ୍ୟରୁ ଉଃ ଟ୦।/୪ କୁ ହାଲ ମତେ ଏ୦—୨୮ କୁ ଜମା ଟ୦୷ ଓ ତହସିଲ ସମସ୍ତ ପ୍ରକାର ସବୁକଳ ସହିତ ବନ୍ଧକ ଅଛି ନିଲାମହେବ ଅଃ ମୂଃ ଟ୨୫୯

୫ । ନ ୩୯୩୧ ନମ୍ବର ଉଃ ମୌଃ ଜାଗପୁର ଇଲକାରେ ଥିବା ଲଃ ଜାଯାଗିର ନ ୩୨୫ / ୧୨ ନମ୍ବର ସିଃ ଏ୧—୦୧୧ କୁ ଜମା ଟ୧। ତାହା ହାଲକୁ ଜାଗପୁର ଓ ଭେନ୍ଦୁଲିଆ ମୌଜାରେ ପରିଣତ ହୋଇ ଉକ୍ତ ସମ୍ପତ୍ତି ଭେନ୍ଦୁଲିଆ ମୌଜା ଉକ୍ତ ନ ୨୬୯ ନମ୍ବର ଖାତା ଏ୧—୦୭ କୁ ଜମା ଟ୨/ ମଧ୍ୟରୁ ଉଃ ଟ୦।/୪ କୁ ଏ୦—୩୩୬ କୁ ସାବକ ଜମା ଟ୦।୷୮ ଓ ହାଲ ଏ୦—୩୫—୧ / ୩ କୁ ଜମା ଟ୦୷ ତହସିଲ ସମସ୍ତ ସବୁକଳ ସହିତ ବନ୍ଧକ ଅଛି ନିଲାମହେବ ଅଃ ମୂଃ ଟ୪୦୯

୬ । ନ ୨୧୯୩ ନମ୍ବର ଉଃ ତାଃ ମାହାଭୋଲ ମୌଃ ଖଣ୍ଡାଏତା ହାଲ ରାଣୀପଡ଼ା ଖାଃ ଜମାବନ୍ଦି ନ ୩ / ୩ ନମ୍ବର ସିଃ ହାଲ ମୁତାବକ ନ ୩୪ ନମ୍ବର ଥାନା ମୌଃ ବଡ଼ ଖଣ୍ଡାଏତା ନ ୩୨୫ ନମ୍ବର ଖାତା ଏ୧—୫୪ ଜମା ଟ୪୯ ଓ ନ ୩୩୪ ନମ୍ବର ଖାତା ଏ୦—୬୯ ଡ଼ିଃ କୁ ଜମା ଟ୨୯ ଏରୂପ ଏ୨—୩୩ କୁ ଜମା ଟ୬୯ ମଧ୍ୟରୁ ଉଃ ଟ୦।/୪ ଅଂଶ ବନ୍ଧକ ଅଛି ନିଲାମହେବ ଅଃ ମୂଃ ଟ୫୦୯

---

ନ ୧୦୨୮ ନମ୍ବର ଜାରି ସନ ୧୯୩୨ ମସିହା
କଟକ ମୁକାମ ୨ୟ ମୁନସଫଙ୍କ ଅଦାଲତ

ପଦ୍ମଲ ଗରିବ ଡ଼ିଃ
ମାଲ୍ୟାଧର ପଟ୍ଟନାୟକ ଦେଃ

ତା ୧୬।୧।୩୩ ସନରେ ନିଲାମହେବ

୧ । କଟକ ଜଲ୍ଲା ଅନ୍ତର୍ଗତ ପୁଲିସ ଷ୍ଟେସନ ଓ ସବରେଜିଷ୍ଟ୍ରି ସାଲେପୁର ଗ୍ରାଃ ମାଲଭଞ୍ଜନଗର ନ ୧୮୧୦ ନମ୍ବର ତୌଜି ମୌଃ ଗୌଡ଼ପଡ଼ା ନ ୧୪୨ ନମ୍ବର ଥାନା ଇଲକାରେ ଥିବା ଜାଯାଗିର ସ୍ଥିତିବାନ ନ ୧୦୧ ନମ୍ବର ଖାତା ନ ୨୩୮ ନମ୍ବର ଗଡ଼ଡ଼ା ଏ୦—୧୦୪ ଓ ନ ୧୦୨ ନମ୍ବର ଖାତା ନ ୫୫୬ ନମ୍ବର ଗଡ଼ଡ଼ା ଏ୦—୫୮୫ ଏରୂପ ଗାସୁ ଏ୦—୬୮୯ ଡ଼ିଃ କୁ ଜମା ଟେ୧୷୷ ଉକ୍ତ ବୃତ୍ତି ଓ ତହିଁରେ ଥିବା ସକଳ ପ୍ରକାର ସବୁକଳ ସହିତ ନିଲାମହେବ ଅଃ ମୂଃ ଟ୫୦୯

୨ । ତୁଃ ସୁଗଣା ନ ୬୬୩।୬୫।୬୬।୬୫।୬୭ ୬୫।୬୮।୬୫।୬୮ ନମ୍ବର ତୌଜି ମୌଃ ହାଟପଡ଼ା ନ ୧୫୫ ନମ୍ବର ଥାନା ଇଲକାରେ ଥିବା ସ୍ଥିତିବାନ ନ ୧୧ ନମ୍ବର ଖାତା ଓ ନ ୩୨୧ ନମ୍ବର ଓ ନ ୩୨୨ ନମ୍ବର ଗଡ଼ଡ଼ା ଦାଃ ଏ୨—୪୫୫ କୁ ଜମା ଟ୧୪୫/ ଉକ୍ତ ବୃତ୍ତି ଓ ତହିଁରେ ଥିବା ସକଳ ପ୍ରକାର ଦଖଲ ସହିତ ନିଲାମହେବ ଅଃ ମୂଃ ଟ୫୦୯

---

ନ ୩୯୩ ନମ୍ବର ଉଚ୍ଛେଦ ଜାରି ସନ ୧୯୩୨ ମସିହା
ଇଃ କଟକ ମୁଃ ପ୍ରଥମ ମୁନସଫି

ଶ୍ରୀ ମଧୁସୂଦନ ରଣା ଡ଼ିଃ
ଯୋଗି ମଲ୍ଲିକ ଦେଃ

ନିଲାମ ତା ୧୬।୧।୩୩

୧ । କଟକ ଡ଼ିଃ ପୋଃ ଓ ... ରେଃ ମୁଃ ଜଗତସିଂହପୁର ଇଃ ଗ୍ରାଃ ହରିହରପୁର ନ ୩୩୨ ନମ୍ବର ଥାନା ମୌଃ ତହିଁରେ ଥିବା ହାଲ ଦାଃ ମୁଃ ନ ୨୬ ନମ୍ବର ଖାତା ଦାଃ ଲାଃ ଦାର ଅଧନ ସ୍ଥିତିବାନ ଅନ୍ୟ ସହକଦାର ମାନଙ୍କର ନାମସାମିଲ ଦେଣଦାର ନାମର ଏ୦—୧୧ ମଧ୍ୟ ଏ୦—୫ କୁ ଜମା ଟ୧୷ ବୃତ୍ତି ତହସିଲ ଦେଣଦାର ଦାଖଲ ଓ ପରଭରର ଅଂଶ ଓ ବଳବାଠ ସହିତ ଏ ମୋକଦ୍ଦମାରେ ନିଲାମହେବ ଅଃ ମୂଃ ଟ୧୦୯

୨ । ଗ୍ରାଃ ଏକଲ ନ ୩୧୧ ନମ୍ବର ଥାନା ମୌଃ ବଡ଼ ବୋଦବୋଲ ଖାଃ ଦାଃ ଶିଙ୍ଗରପୁରରେ ଥିବା ହାଲ ଦାଃ ମୁଃ ଦେଣଦାର ସ୍ତ୍ରୀ ଚନ୍ଦ୍ରୀ ଦେଇ ନାମର ନ ୪୮୧ ନମ୍ବର ଖାତା ଦାଃ ସ୍ଥିତିବାନ ଏ୦—୮ କୁ ଜମା ଟ୦।/୩ ବୃତ୍ତି ଏ ମୋକଦ୍ଦମାରେ ନିଲାମହେବ ଅଃ ମୂଃ ଟ୧୦୯

---

ନ ୨୨୩ ନମ୍ବର ଜାରି ସନ ୧୯୩୨ ମସିହା
ଇଃ ୨ୟ ମୁଃ କଟକ

କୃଷ୍ଣଚନ୍ଦ୍ର ବଳବନ୍ତରାୟ ଡ଼ିଃ
ନିଧି ବେହେରା ଦେଃ

ଜାରଡିକ୍ରି ଓଗେର ଟଙ୍କା ଆଦାୟ ସକାଶେ ତା ୧୬।୧।୩୩ ରଖେ ନିମ୍ନଲିଖିତ ସମ୍ପତ୍ତି ନିଲାମ ହେବ ।

୧ । ଜିଃ କଟକ ଥାଃ ରେଃ ମୁଃ ସାଲେପୁର ତୁଃ ସୁଗଡ଼ା ମୌଃ ମଣ୍ଡିଦା ଇଲକାରେ ଥିବା ନ ୩୦୫ ନମ୍ବର ଖାତା ସ୍ଥିତିବାନ ଏ୨—୯୯୯ କୁ ଜମା ଟ୧୧୷ ମଧ୍ୟରୁ ଏ୦—୬୮୨ କୁ ଜମା ଟ୨୷୷ ତହିଁରେ ଥିବା ବାଡ଼ି ଉପରସ୍ଥ ଗଛପତ୍ର ବଳବାଠ ସହିତ

୨ । ଗ୍ରାଃ ଏକଲ ମୌଃ ଏକଲ ନ ୩୦୨ ନମ୍ବର ଖାତା ସ୍ଥିତିବାନ ଏ୪—୩୦୪ କୁ ଜମା ଟ୧୫୷ ମଧ୍ୟରୁ ଏ୧—୧୯୪ କୁ ଜମା ଟ୪।/

---

ନ ୧୧୬୭ ନମ୍ବର ଜାରି ସନ ୧୯୩୨ ମସିହା
କେନ୍ଦ୍ରାପଡ଼ା ମୁଃ ମୁନସଫି ଅଦାଲତ

ବଇଦ୍ୟନାଥ ପଟ୍ଟନାୟକ ଡ଼ିଃ
ମଧୁ ବେହେରା ଓଗେର ଜଜମେଣ୍ଟ ଦେଃ

ଉକ୍ତ ମୋକଦ୍ଦମାର ନିଲାମ ଧାର୍ଯ୍ୟ ତା ୧୬।୧।୩୩ ରଖେ ଜରିମାନା ଟ୯୯୧୩

୧ । କଟକ ଜଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସାଃ ଡ଼ିଃ ଓଃ ସଃ ରେଃ ଗ୍ରାଃ ସୁକୁନ୍ଦା ନ ୬୦୮ ନମ୍ବର ତୌ ମୌଃ ଭାସ୍କରଦେଇପୁର ଇଲକାରେ ଥିବା ନ ୧ ନମ୍ବର ବିବାଦ ନାମସାମିଲ ଜଇ ବେହେରା ନାମର ନ ୩୫୩ ନମ୍ବର ଖାତା ଦାଃ ସ୍ଥିତିବାନ ଏ୦—୧୧ ଡ଼ିଃ ଜମା ଟ୦।୷ ମଧ୍ୟରୁ ଏ୦—୫—୫ ଡ଼ିଃ ଗ୍ରାଃ ମଙ୍ଗଳପୁର ମୌଃ ମଙ୍ଗଳପୁର ଇଲକାରେ ଥିବା ନ ୧ ନମ୍ବର ଦେଣଦାର ନାମସାମିଲ ମାଧ ବେହେରା ନାମର ନ ୩୫୪ ନମ୍ବର ଖାତା ଦାଃ ସ୍ଥିତିବାନ ସାହି ଏ୦—୮ ଡ଼ିଃ ଜମା ଟ୦୷ ମଧ୍ୟରୁ ଏ୦—୪ ଡ଼ିଃ ଏରୂପ ଏ୦—୯—୫ ଡ଼ିଃ ନିଲାମହେବ ଅଃ ମୂଃ ଟ୧୦୯

୨ । ଗ୍ରାଃ ମଙ୍ଗଳପୁର ନ ୫୧୩୩ ନମ୍ବର ତୌ ମୌଃ ମଙ୍ଗଳପୁର ଇଲକାରେ ଥିବା ନ ୧ ନମ୍ବର ଦେଣଦାର ନାମସାମିଲ ମାଧ ବେହେରା ନାମର ନ ୬୦୦ ନମ୍ବର ଖାତା ଦାଃ ଏ୦—୨୩ ଡ଼ିଃ କୁ ଜମା ଟ୦୷ ମଧ୍ୟରୁ ଏ୦—୧୧— ଡ଼ିଃ ନିଲାମହେବ ଅଃ ମୂଃ ଟ୧୨୯ ମାତ୍ର ।

---

Digitized by srujanika@gmail.com

Split by PDF Splitter

REGISTERED NO. P 6

15

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା
The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି.

ବାର୍ଷିକ ଅଗ୍ରୀମ ମୂଲ୍ୟ ଟ ୩ ୯
ପ୍ରତିଖଣ୍ଡ ଟ ୦ ୯

| ୬୮ ଭାଗ | Cuttack, Saturday the 21st January 1933<br>ମକର ୭ ଦିନ ସନ ୧୩୪୦ ସାଲ ଶନିବାର | ୩ ୟ ସଂଖ୍ୟା |
|---|---|---|

## ମ୍ୟୁନିସିପାଲ ଚେୟାରମାନ ମଣିଷ ମାରିଲେ

ମାନ୍ଦ୍ରାଜ ଭିଲୁପୁରର ମ୍ୟୁନିସିପାଲିଟିର ଚେୟାରମାନଙ୍କୁ ପୁଲିସ ଗିରଫଦାର କରି ବନ୍ଦୀ କରିଅଛନ୍ତି । ଚେୟାରମାନଙ୍କ ବିରୁଦ୍ଧରେ ଅଭିଯୋଗ ଯେ ସେ ଭିଲୁପୁର ମ୍ୟୁନିସିପାଲିଟିର ସଦସ୍ୟ ମିଃ ସି ନାରାୟଣ ଗାଉଣ୍ଡାରଙ୍କୁ ହତ୍ୟା କରିଅଛନ୍ତି ଏବଂ ମ୍ୟୁନିସିପାଲିଟିର ସମ୍ପାଦକ ମିଃ. ଆର. ଭି. ରାମସ୍ୱାମୀ ଗାଉଣ୍ଡାରଙ୍କୁ ଗୁରୁତର ଆଘାତ କରିଅଛନ୍ତି ।

## ଆଲର୍ଓ୍ୱାର ସମସ୍ୟା

ଭାରତ ସରକାର ଅଲର୍ଓ୍ୱାର ମହାରାଜଙ୍କ ସାହାଯ୍ୟ କରିବା ନିମନ୍ତେ ଭାରତ ସୈନ୍ୟ ବିଭାଗରୁ ଅନେକ ସୈନ୍ୟ ପଠାଇଛନ୍ତି, ଏ ସୈନ୍ୟମାନେ ବିଦ୍ରୋହୀ ମୁସଲମାନଙ୍କ ଗ୍ରାମମାନଙ୍କରେ ପ୍ରଶି ସେମାନଙ୍କୁ ତାଙ୍କ ଗ୍ରାମରୁ ବାହାର କରି ଗ୍ରାମ ଦଖଲ କରି ସେମାନଙ୍କ ଘର ଦ୍ୱାର ଲୁଟ ତରାଜ କରିବାକୁ ଲାଗିଛନ୍ତି । ହିନ୍ଦୁ ଅଧିବାସୀମାନେ ସମସ୍ତେ ଗ୍ରାମମାନ ଛାଡ଼ି ମୁସଲମାନଙ୍କ ଦୌରାତ୍ମ୍ୟରେ ପଳାଇ ଥିଲେ ବର୍ତ୍ତମାନ ସେମାନେ ଗ୍ରାମମାନଙ୍କୁ ସେମାନଙ୍କ ନିଜସ୍ୱ ସମ୍ପତ୍ତି ଫେରି ଆସିଲେଣି । ମୁସଲମାନ ବିଦ୍ରୋହୀ ନେତାମାନେ ଅଲର୍ଓ୍ୱାର ମହାରାଜଙ୍କ ଶାସନ ମାନୁନାହାନ୍ତି ଭାରତ ସରକାରଙ୍କ ପ୍ରେରିତ ସୈନ୍ୟ ବାହିନୀର କର୍ତ୍ତାମାନଙ୍କ ନିକଟରେ ଅସ୍ତ୍ରଶସ୍ତ୍ରମାନ ତ୍ୟାଗ କରୁଛନ୍ତି । ବର୍ତ୍ତମାନ ଅଲର୍ଓ୍ୱାର ରାଜ୍ୟର ଅନେକ ଗ୍ରାମ ଏବଂ ସହର ସୈନ୍ୟ ବିଭାଗର ଶାସନ ଅଧୀନରେ ରଖାଯାଇଛି । ବିଦ୍ରୋହ ଦମନ ହୋଇ ରାଜ୍ୟରେ ଶାନ୍ତି ଶୃଙ୍ଖଳା ସ୍ଥାପିତ ନହେବା ପର୍ଯ୍ୟନ୍ତ ଭାରତ ସୈନ୍ୟ ବିଭାଗ ଅଧୀନରେ ରହିବାର ସ୍ଥିର ହୋଇଛି ।

## ଭରତପୁର ସରକାରଙ୍କ ଋଣ

ଭରତପୁର ଷ୍ଟେଟରେ ଶାସନ ସଂସ୍କାର ନିମନ୍ତେ ଭରତପୁର ସରକାର ତାଙ୍କ ରାଜ୍ୟ ପ୍ରଜାମାନଙ୍କ ନିକଟରୁ ୧୨୦୦୦୦୦ ସ୍ୱର୍ଣ୍ଣ ମୁଦ୍ରା ଋଣ ଗ୍ରହଣ କରୁଅଛନ୍ତି ।

## କଟକ ଜିଲାବୋର୍ଡ

ଆସନ୍ତା ବର୍ଷରେ କଟକ ଜିଲାବୋର୍ଡ ସ୍ଥିର କରିଅଛନ୍ତି ଯେ ପ୍ରାଥମିକ ଶିକ୍ଷାରେ ୨ଲକ୍ଷ ୬୨ହଜାର ଟଙ୍କା ଖର୍ଚ୍ଚ କରିବେ ।

—o—

## ଟିକିଲି ତାଲୁକାବୋର୍ଡ

ଟିକିଲି ତାଲୁକାବୋର୍ଡର ପ୍ରେସିଡେଣ୍ଟ, ମଞ୍ଜୁଶାର ଜେମିନ୍ଦାର ଓ ଏଡ଼େଣ୍ଟ ଶ୍ରୀଯୁକ୍ତ ସାନ୍ତୋଷ ଦେଓ ନବ ଥର ହୋଇଛନ୍ତି ।

## ମାନ୍ଦ୍ରାଜ ପ୍ରଦେଶର ନୂଆ ଭୋଟର ଲିଷ୍ଟ

ଆସନ୍ତାବର୍ଷ ନୂତନ ଶାସନ ସଂସ୍କାର ଅନୁସାରେ ଯେ ଭୋଟରଲିଷ୍ଟ ଛପାହେବ ସେଥି ନିମନ୍ତେ ୧୨ଲକ୍ଷ ଟଙ୍କା ଖର୍ଚ୍ଚହେବ ବୋଲି ମାନ୍ଦ୍ରାଜ ସରକାର ସ୍ଥିର କରିଛନ୍ତି ।

## ସାରଦା ଆଇନ ଜାରି

୧୧ ବର୍ଷର ଗୋଟିଏ ବାଳିକାକୁ ବିବାହ ଦେଇଥିବା ଅଭିଯୋଗରେ ମଫସଲ ପଟ୍ଟନର ଜଣେ ଲୋକଙ୍କୁ ୩୦୦ଟଙ୍କା ଏବଂ ପୁରୋହିତଙ୍କୁ ୫୦ଟଙ୍କା ଜରିମାନା ଏବଂ ୧୦ଦାଉରଙ୍କରେ କରାହୋଇଛି ।

## ଘୁମୁସର ତାଲୁକାବୋର୍ଡ

ଘୁମୁସର ତାଲୁକାବୋର୍ଡର ପ୍ରେସିଡେଣ୍ଟ ନିର୍ବାଚନ କାର୍ଯ୍ୟ ଶେଷହୋଇ ଯାଇଛି । ଶ୍ରୀଯୁକ୍ତ ଅଭିମନ୍ୟୁ ପଟ୍ଟନାୟକ ବି. ଏ. (ଅସ୍କର ପ୍ରାପ୍ତ କଲେକ୍ଟରଙ୍କ ନାଇବ) ସଭାପତି ନିର୍ବାଚିତ ହୋଇଛନ୍ତି ।

## ବିଲାତ ଉଦାର ନୀତିଦଳର ଭବିଷ୍ୟତ ଲଏଡ୍ ଜର୍ଜଙ୍କ ବାଣୀ

ଲଣ୍ଡନ ୧୭-୧-୩୩

ମିଷ୍ଟର ଲଏଡ଼ଜର୍ଜ ଲଏଡ୍ ଜର୍ଜ ୭୦ ବର୍ଷରେ ପଦାର୍ପଣ କରିଅଛନ୍ତି । ସେ ଘୋଷଣା କରିଅଛନ୍ତି ଯେ ଉଦାର ନୀତିଦଳର ସ୍ଥାନ ଆଉ କମନ୍‌ସରେ ନାହିଁ । ଉଦାର ନୀତିଦଳର ମୁକ୍ତ ଅଙ୍ଗଣ୍ୟ, ସେ ଦଳ ଭିତରେ ଲଏଡ଼ ଜର୍ଜ ଆଉ କୌଣସି ସମ୍ପର୍କ ରଖିବେ ନାହିଁ ବୋଲି ସ୍ଥିର କରିଛନ୍ତି ।

## ବଙ୍ଗନେତା ସୁଭାଷଚନ୍ଦ୍ର ଖଲାସ ହୋଇ ୟୁରୋପ ଯିବେ

ଶ୍ରୀଯୁକ୍ତ ସୁଭାଷ ବୋଷଙ୍କ ସ୍ୱାସ୍ଥ୍ୟ କ୍ରମେ କ୍ରମେ ଅବନତି ଆଡ଼କୁ ଗତି କରିବାରୁ ଭାରତ ସରକାର ତାଙ୍କୁ ମୁକ୍ତ ଦେବାର ସ୍ଥିର କରିଛନ୍ତି । ସୁଭାଷ ବୋଷଙ୍କ ଆତ୍ମୀୟମାନେ ବର୍ତ୍ତମାନ ତାଙ୍କୁ ଚିକିତ୍ସା ନିମନ୍ତେ ୟୁରୋପର ସୁଇଜରଲାଣ୍ଡ ଦେଶକୁ ପଠାଇବାର ବନ୍ଦୋବସ୍ତ କରୁଛନ୍ତି ।

## ମିରଟ ବିଚାରର ଶେଷ ଅଧିକାଂଶଙ୍କୁ ଦ୍ୱୀପାନ୍ତର ଦଣ୍ଡ

ଭାରତରେ ସାମ୍ୟବାଦ ପ୍ରଚାର କରିଥିବା ଏବଂ ଭାରତରୁ ଇଂରାଜ ଶାସନ ଉଠାଇ ଦେବାପାଇଁ ଚେଷ୍ଟା କରିଥିବା ଅପରାଧରେ ଭାରତ ସରକାର ୩୧ ଜଣ ଲୋକଙ୍କ ବିରୁଦ୍ଧରେ ମୋକଦ୍ଦମା କରିଥିଲେ । ମୋକଦ୍ଦମା ସାଢ଼େ ତିନିବର୍ଷ ଚାଲିଲା । ବର୍ତ୍ତମାନ ମିରଟର ସେସନସ ଜଜ ତାଙ୍କର ରାୟ ଦେଇଛନ୍ତି । ରାୟରେ ନିମ୍ନଲିଖିତ ପ୍ରକାରେ ଦଣ୍ଡର ବ୍ୟବସ୍ଥା ହୋଇଛି । ୩୧ ଜଣ ବନ୍ଦୀଙ୍କ ମଧ୍ୟରୁ ଶ୍ରୀ କିଶୋରୀଲାଲ ଘୋଷ, ଡାକ୍ତର ବିଶ୍ୱନାଥ ମୁଖାର୍ଜି, ଶ୍ରୀ ସୁରେନ୍ଦ୍ରନାଥ ବାନାର୍ଜିଙ୍କୁ ଖଲାସର ହୁକୁମ ହୋଇଛି । ମିଷ୍ଟର ମୁଜାଫର ଅହମଦଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ହୋଇଛି । ମିଷ୍ଟର ଡାଙ୍ଗେ, ମିଷ୍ଟର ସ୍ପ୍ରାଟ, ମିଃ ଘାଟେ, ମିଃ ଯୋଗଲେକର, ମିଃ ନିମ୍ବକରଙ୍କୁ ୧୨ ବର୍ଷ ଦ୍ୱୀପାନ୍ତର ଦଣ୍ଡ ହୋଇଛି । ମିଷ୍ଟର ବ୍ରାଡ଼ଲି, ମିଃ ମିରଜା ବର, ମିଃ ଉସମାନଙ୍କୁ ୧୦ ବର୍ଷ ଦ୍ୱୀପାନ୍ତର ଦଣ୍ଡ ହୋଇଛି । ମିଃ ଧର ସିଂହ, ମିଃ ଯୋଶୀ, ମିଃ ମଜିଦଙ୍କୁ ୭ ବର୍ଷ ଦ୍ୱୀପାନ୍ତର, ଶ୍ରୀଯୁକ୍ତ ଅଯୋଧ୍ୟା ପ୍ରସାଦ, ଶ୍ରୀଯୁକ୍ତ ଦେସାଇ, ଶ୍ରୀଯୁକ୍ତ ଘୋଷ ଏବଂ ହେଶଭଙ୍କୁ ୫ ବର୍ଷ ଦ୍ୱୀପାନ୍ତର ଦଣ୍ଡ ହୋଇଛି । ଶ୍ରୀଯୁକ୍ତ ଚଟର୍ଜି, କଦମ, ମିଷ୍ଟର ହଚିନସନ, ମିଷ୍ଟର ମିତ୍ର ଏବଂ ମିଷ୍ଟର ଆଲବେ ଓ ସାଇଗଲଙ୍କୁ ୪ ବର୍ଷ ଜେଲ ଦଣ୍ଡର ହୁକୁମ ହୋଇଛି । ଗୋପାଳ ବସାକ, ଅଲବେ, ଗୋସ୍ୱାମୀ ଓ କଦମଙ୍କୁ ତିନିବର୍ଷ ସଶ୍ରମ ଜେଲ ଦଣ୍ଡ ହୋଇଛି ।

Digitized by srujanika@gmail.com

# ଉତ୍କଳଦୀପିକା

**ଜାନୁୟାରୀ ତା ୨୯ ରିଖ ଶନିବାର**

## ବିଲାତରେ ଓଡ଼ିଆ ଭୋଜି

ଗୋଲଟେବୁଲ ପ୍ରତିନିଧି ପାରଲାଖେମୁଣ୍ଡିର ରାଜା ଶ୍ରୀ ରାମଚନ୍ଦ୍ର ଦେବ ଗତ ତା ୧୩ ରିଖ ଦିନ ଲଣ୍ଡନ ସହରସ୍ଥ କ୍ଲାରିଜ ହୋଟେଲରେ ଏକ ଭୋଜି ଯୋଗାଡ଼ କରିଥିଲେ। ଲଣ୍ଡନର ଭେଟେରନ ରାଜନୀତିଜ୍ଞ ଏବଂ ଭାରତମନ୍ତ୍ରୀ ସାର ସାମୁଏଲ ହୋର ଏ ଭୋଜରେ ଯୋଗ ଦେଇଥିଲେ। ରାଜା ରାମଚନ୍ଦ୍ର ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବାରେ ବହୁତ ସାହାଯ୍ୟ କରିଥିବାରୁ ସାର ସାମୁଏଲଙ୍କୁ ଧନ୍ୟବାଦ ଜ୍ଞାପନ ଏବଂ କୃତଜ୍ଞତା ଦେଇଥିଲେ। ସେ କହିଲେ ଯେ ସର ହୋର ଓଡ଼ିଶାର ପ୍ରକୃତ ମଙ୍ଗଳକାମୀ ବନ୍ଧୁ। ତାଙ୍କର ଯତ୍ନ ଏବଂ ଇଚ୍ଛାରେ ଆଜ ଓଡ଼ିଆଙ୍କର ସ୍ୱତନ୍ତ୍ର ପ୍ରଦେଶ ଗଠନ ଇଚ୍ଛା ସଫଳ ହୋଇଛି। ଓଡ଼ିଆମାନେ ନୂଆ ଶାସନ-ସଂସ୍କାର କାର୍ଯ୍ୟ କରିବା ବିଷୟରେ ସରକାରଙ୍କୁ ପୂର୍ଣ୍ଣ ସାହାଯ୍ୟ କରିବେ। ସେ ଆଶା କରନ୍ତି ଓଡ଼ିଶାପ୍ରଦେଶର ସୀମା ଏପରି ଭାବରେ ନିର୍ଦ୍ଧାରିତ ହେବ ଯେ ଯେପରି ଅନ୍ୟାନ୍ୟ ପ୍ରଦେଶରେ ପ୍ରବାସୀ ସମସ୍ତ ଓଡ଼ିଆ ରାଜ୍ୟ ଏକତ୍ରିତ ହେବେ। ଓଡ଼ିଶା-ରାଜ୍ୟ ଚିରକାଳ ଭାରତ ସରକାରଙ୍କ ସାହାଯ୍ୟ ଉପରେ ନିର୍ଭର କରି ରହିବନାହିଁ। ନିଜ ରାଜ୍ୟ ଶାସନ ନିମନ୍ତେ ଅର୍ଥ ସେ ନିଜେ ଉତ୍ପନ୍ନ କରି ଭାରତ ସରକାରଙ୍କ ଅର୍ଥ ସାହାଯ୍ୟରୁ ମୁକ୍ତି ଦେବ। ଶେଷରେ ସେ ଭାରତମନ୍ତ୍ରୀ ଏବଂ ତାଙ୍କର ସହଧର୍ମିଣୀ ଲେଡି ହୋରଙ୍କ ସ୍ୱାସ୍ଥ୍ୟକାମନା କରିଥିଲେ। ଭାରତ ମନ୍ତ୍ରୀ ସାର ସାମୁଏଲ ଉତ୍ତରରେ କହିଥିଲେ ଯେ ଧର୍ମ ପ୍ରାଣତାକୁ କେବଳ ଓଡ଼ିଆମାନଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ଏକତା ଏବଂ ଜାତୀୟତା ରକ୍ଷିତ ହୋଇ ପାରିଛି ଏବଂ ଅତୀତରେ ବିଷୟ ଯେ ଶତ ଶତ ବର୍ଷ ଉତ୍ତାରୁ ଆଜ ପୁଣି ଭାରତ ଶାସନ ଅଧୀନରେ ପ୍ରବାସୀ ଓଡ଼ିଆମାନେ ସଂଯୋଜିତ ହେବେ। ସେ ଆଶା କରନ୍ତି ଓଡ଼ିଶା ଦେଶବାସୀମାନେ ଏହି ଏକତା ରକ୍ଷା କରି ଶାସନସଂସ୍କାରକୁ ସଫଳ ରୂପରେ କାର୍ଯ୍ୟରେ ଲଗାଇବେ। ଦେଶର ଜମିଦାର ସମ୍ପ୍ରଦାୟ ବେଶି ପରିମାଣରେ ରାଜନୀତିରେ ଯୋଗଦେବା ନିହାତି ଦରକାର। ସେ ଭେବେ ଆଶା କରନ୍ତି ନ ଥିଲେ ଯେ ଗୋଲଟେବୁଲର ଏ ନିର୍ବାଚିତ ଏକକୋଷ୍ଟ ଲୋକଙ୍କୁ ପୁଣି ଏପରି ଭାବରେ ଦେଖିବେ। ଗୋଲ-ଟେବୁଲ ଏଥିଲୋକଙ୍କୁ ଦେଖି ଦେଇ ଧନ୍ୟ ହୋଇଛି। ଓଡ଼ିଶାର ଜନ୍ମଭାଗ୍ୟ ବିପର୍ଯ୍ୟସ୍ତ ହେଲେ ବି ସେ ବୃଦ୍ଧମାନଙ୍କ ମଧ୍ୟରେ ତାର ଧର୍ମ ପ୍ରାଣତା ଅକ୍ଷୁଣ୍ଣ ରଖିବାରେ ସକ୍ଷମ ହୋଇଛି। ପାରଲାଖେମୁଣ୍ଡିର ରାଜବଂଶର ପ୍ରଦେଶ ପ୍ରୀତି ବିଷୟରେ ସେ କହିଥିଲେ। ବର୍ତ୍ତମାନ ରାଜା ରାମଚନ୍ଦ୍ର ବିଲାତରେ ଅଛନ୍ତି। ସେ ବରହମପୁରରୁ ଅନୁପସ୍ଥିତ ଥିବା ସତ୍ତ୍ୱେ ସେ ପୁନର୍ବାର ପୁଣି ଗଞ୍ଜାମ ଡିଷ୍ଟ୍ରିକ୍ଟବୋର୍ଡର ସଭାପତି ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହୋଇ ପାରିଛନ୍ତି ଏହା ତାଙ୍କର ଲୋକପ୍ରିୟତା ଏବଂ କାର୍ଯ୍ୟ ଦକ୍ଷତାର ପରିଚୟ ଏହା ଭାରତ ମନ୍ତ୍ରୀ କହିଥିଲେ।

---

## ଅସାର ଉକ୍ତି

ଖଲ୍ଲିକୋଟର ରାଜା ଶ୍ରୀ ରାମଚନ୍ଦ୍ର ଦେବ ଭାରତର ଜମିଦାରମାନଙ୍କ ପ୍ରତିନିଧି ଭାବରେ ବିଲାତ ଗୋଲଟେବୁଲ ସଭାରେ ଯୋଗ ଦେଇଥିଲେ। ବୋବିଲିର ରାଜା ପ୍ରଥମେ ମନୋନୀତ ହୋଇଥିଲେ ଭାବ ସେ ମାନ୍ଦ୍ରାଜ ସରକାରଙ୍କ ପ୍ରଧାନ ମନ୍ତ୍ରୀ କାର୍ଯ୍ୟ ପାଇଥିବାରୁ ବିଲାତ ଯିବାକୁ ଅକ୍ଷମ ହେଲେ ଏବଂ ତାଙ୍କ ସ୍ଥାନରେ ଶେଷ ମୁହୂର୍ତ୍ତରେ ସରକାର ରାଜା ରାମଚନ୍ଦ୍ର ଦେବଙ୍କୁ ମନୋନୀତ କରି ପଠାଇଲେ। ପୂର୍ବରୁ ଭାରତ ସରକାର ଓଡ଼ିଶା ସ୍ୱତନ୍ତ୍ର ହେବା ବିଷୟରେ ସ୍ପଷ୍ଟ ଭାବରେ ପ୍ରଚାରଣା କରିଥିଲେ ଏବଂ ଭାରତ ମନ୍ତ୍ରୀ ସାର ସାମୁଏଲ ହୋର ଏଥି ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇଥିବାର ପ୍ରକାଶ ପାଇଥିଲା। ଗତ ୧୩ ତାରିଖରେ ସାର ସାମୁଏଲଙ୍କୁ ଧନ୍ୟବାଦ ଅର୍ପଣ ନିମନ୍ତେ ଖଲ୍ଲିକୋଟ ରାଜା ଏକ ଭୋଜର ବ୍ୟବସ୍ଥା କରିଥିଲେ। ସେ ଭୋଜରେ ପ୍ରଧାନ ଅତିଥି ସାର ସାମୁଏଲ ଏବଂ ତାଙ୍କ ପତ୍ନୀ ଲେଡି ହୋରଙ୍କ ସ୍ୱାସ୍ଥ୍ୟ କାମନା କରି ଖଲ୍ଲିକୋଟ ରାଜା ବକ୍ତୃତା କରି ବିଲାତ ସରକାରଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ "ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପରିଚାଳନାରେ ନିଅଣ୍ଟ ହେଉଥିବା ୩୬ ଲକ୍ଷ ଟଙ୍କା ଭାରତ ସରକାରଙ୍କୁ ବେଶି ଦିନ ନିମନ୍ତେ ଦେବାକୁ ପଡ଼ିବ ନାହିଁ କାରଣ ଉତ୍କଳ ବାହାରେ ତାହାର ଉପରେ ନିର୍ଭର ନକରି ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ଚେଷ୍ଟା କରିବ"। ଏ ଉକ୍ତିର ଅର୍ଥ ଆମ୍ଭେମାନେ ବୁଝିବାକୁ ଅକ୍ଷମ। ଭାରତ ସରକାରଙ୍କ ଠିକ ଯେ ଏ ନିଅଣ୍ଟ ଟଙ୍କା ଭାରତ ସରକାର ଦେବେ। ଖଲ୍ଲିକୋଟ ରାଜା କାହିଁକି ଏତେ ବ୍ୟସ୍ତ ଭାରତ ସରକାରଙ୍କ ସ୍ୱାର୍ଥରେ? ଉତ୍କଳର ବଳଶାଳୀରେ ନିଷ୍ପେଷିତ ପ୍ରଜା-ଶ୍ରେଣୀ ଯେ ଆଉ ଗୋଟିଏ ପାହୁଲା ଦେବାକୁ ଅକ୍ଷମ। ଉତ୍କଳ ବାଣିଜ୍ୟ ବ୍ୟବସାୟ ସବୁ ଲଣ୍ଡ ଭଣ୍ଡ, ଉତ୍କଳର ଯେ ଲବଣ ସମ୍ବାଦ ନାହିଁ ବୁଝିବାର ପଦାର୍ଥମାନଙ୍କର ରପ୍ତାନି ନାହିଁ। ତାହା ଉପରେ ନିର୍ଭର କରି ଖଲ୍ଲିକୋଟ ରାଜା ତାହା ତରଫରୁ ଏତ ଏ ଆଶ୍ୱାସନାର ବାଣୀ ବିଲାତ ସରକାର ମଣ୍ଡଳକୁ ଶୁଣାଇଲେ? ଉତ୍କଳର ଜର ଯେପରି ଯାହା ହେବାର ହୋଇ ପାରୁଛି। ଆଉ ବଢ଼ିବ କିପରି ତା କ'ଣ? ଗତ ବାଲ୍ୟଗତର ସରକାର ଇଚ୍ଛା କଲେ ଅନେକ ଟଙ୍କା କମାଇ ପାରନ୍ତି ତାରୁ ଅଧିକ କେଉଁଠାରୁ?

---

## ବିହାର ଓଡ଼ିଶା ବ୍ୟବସ୍ଥାପକ ସଭା ଅଡିନ୍ୟାନ୍ସର ବିଚାର

ପାଟଣା ୧୬।୧।୩୭

ବିହାରଓଡ଼ିଶା ବ୍ୟବସ୍ଥାପକ ସଭାର କାର୍ଯ୍ୟ ଆଜଠାରୁ ଆରମ୍ଭ ହେଲା। ପାଟଣାର ପ୍ରସିଦ୍ଧ ବାରିଷ୍ଟର ମୁସଲମାନ ସମାଜର ନେତା ସାର ଅଲି ଇମାମଙ୍କ ମୃତ୍ୟୁରେ ସମବେଦନା ପ୍ରକାଶ କଲେ।

ସରକାରଙ୍କ ପକ୍ଷରୁ ମାନ୍ୟବର ମିଃ ହୁଇଟ ବିହାରଓଡ଼ିଶା ପ୍ରଦେଶ ନିମନ୍ତେ ନୂତନ ଅଡିନ୍ୟାନ୍ସ ବିଚାର ନିମନ୍ତେ ଉପସ୍ଥାପିତ କଲେ। ମେମ୍ବର ବାବୁ ଶ୍ରୀକୃଷ୍ଣ ପ୍ରସାଦ ପ୍ରସ୍ତାବକରି କହିଲେ ଯେ ଗତ ବର୍ଷ ଆଇନ ହୋଇଥିବା ଅଡିନ୍ୟାନ୍ସ କିପରି କାର୍ଯ୍ୟକାରୀ ହୋଇଛି ତାହା ଆମ୍ଭମାନଙ୍କୁ ଅଜ୍ଞାତ। ସରକାରଙ୍କ ରିପୋର୍ଟ ଏବଂ ଏ ବିଷୟରେ ଭାରତ ସରକାରଙ୍କ ଚିଠି ପତ୍ର ଇତ୍ୟାଦି ମେମ୍ବର-ମାନଙ୍କୁ ଜଣାଇ ଦିଆଯାଉ। ସରକାରଙ୍କ ତରଫରୁ ମାନ୍ୟବର ହୁଇଟ ସାହେବ କହିଲେ, "ତାହା ଅସମ୍ଭବ, ସରକାରଙ୍କର ଏ ସବୁ ଗୁପ୍ତ ଚିଠି ପତ୍ର ଦେଖାଇ ଦିଆଯିବନାହିଁ। ଏ ବିଷୟରେ ଯାହା ଯେତେବେଳେ ଦରକାର ହେବ ଆବଶ୍ୟକ ହେଲେ ଆମେ ପ୍ରକାଶ କରିବୁ। ଆଇନ ଅମାନ୍ୟ ଆନ୍ଦୋଳନ ବନ୍ଦ ଥିବା ଯଦି କରୁଛ, ତାକୁ ଦବାଇବା ନିମନ୍ତେ ଭାରତ ସରକାର ନୂଆ ଆଇନ କରାଇଛନ୍ତି। ରାଜ୍ୟର ଅବସ୍ଥା ଦୃଷ୍ଟିରେ ବର୍ତ୍ତମାନ ଆମର ଏ ପ୍ରଦେଶରେ ନୂଆ ଆଇନର ଦରକାର। ପ୍ରଦେଶରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଏପରି ଗୋଟାଏ ଆଇନ ବର୍ତ୍ତମାନ ଏବଂ ଭବିଷ୍ୟତ ସରକାର ଉଭୟଙ୍କ ପାଇଁ ଦରକାର। ଆଇନ ଅମାନ୍ୟ ଆନ୍ଦୋଳନ ଏକଦମ ବନ୍ଦ ହୋଇସାରି ନାହିଁ। ଅଡିନ୍ୟାନ୍ସ ପ୍ରଭାବରୁ ଟିକିଏ ଦେବକ ଦବ ଯାଇଛି। ଏପରି ଗୋଟାଏ ଆଇନ ନ ରହିଲେ ପୁଣି ଦେଶରେ ଗୋଳମାଳ ଅଶାନ୍ତି ଲାଗିବ। ପୁଣି ଆଇନ ଅମାନ୍ୟ ଆନ୍ଦୋଳନ ତେଜ ହୋଇ ଉଠିବ। ଏ ଆଇନ ସରକାରଙ୍କୁ ବହୁତ ସାହାଯ୍ୟ କରିବ।" ହୁଇଟ ସାହେବଙ୍କ ବକ୍ତୃତା ପରେ ମିଃ ହସନ ଜାନ କହିଲେ, "ଏ ଆଇନକୁ ଚିରସ୍ଥାୟୀ ନକରି କେବଳ ସମସ୍ତ ନିମନ୍ତେ କାର୍ଯ୍ୟକାରୀ କରାଯାଉ।"

ରାୟ ବାହାଦୁର ଦ୍ୱାରକାନାଥ ଆପତ୍ତି କରି କହିଲେ, "ନାହିଁ, ଏପରି ଗୋଟାଏ ଲୋକ ପୀଡ଼ନକାରୀ ଆଇନ ଦରକାର ନାହିଁ। ଲୋକଙ୍କର ଯାହା ଟିକିଏ ସ୍ୱାଧୀନତା ଅଛି ତାହା ଏ ଆଇନ ନଷ୍ଟ କରିଦେବ।"

ପଣ୍ଡିତ ଗୋଦାବରୀଶ ମିଶ୍ର କହିଲେ, "ଏପରି ଆଇନ କରିବା ନିହାତି ଅନ୍ୟାୟ"।

ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ସିଂହ କହିଲେ, "ସମଗ୍ର-ଭାରତ ନିମନ୍ତେ ଭାରତ ସରକାର ଯେତେବେଳେ ଗୋଟାଏ ଏହିପରି ଆଇନ କରି ସାରିଛନ୍ତି ଏ ପ୍ରଦେଶ ନିମନ୍ତେ ଏପରି ଗୋଟାଏ ଆଇନର ପ୍ରୟୋଜନୀୟତା ମୁଁ ଉପଲବ୍ଧି କରି ପାରୁନାହିଁ, ତେବେ ଯଦି ଏ ଆଇନଟା ଗ୍ରହଣ କରାଯାଏ ତେବେ ଖୁବ୍ କମ୍ ସମୟ ନିମନ୍ତେ ଗ୍ରହଣ କରିବା ଉଚିତ।"

ଖାଁ ବାହାଦୁର ହକ କହିଲେ, "ନୂଆ ସରକାର ଗଢ଼ାହେବା ପର୍ଯ୍ୟନ୍ତ ଏ ଆଇନକୁ ଜାରି କରାଗଲେ କରାଯାଉ।"

ସରକାର ତରଫରୁ ପ୍ରସ୍ତାବ ହେଲାଯେ ଏ ବିଲ୍‌ଟି ବିଚାର ନିମନ୍ତେ ଏକ ସ୍ୱତନ୍ତ୍ର କମିଟି ଗଠାଯାଇ ସେ କମିଟି ଏ ବିଲ୍‌ର ବିଚାର କରନ୍ତୁ ଏବଂ ତାପରେ ସେ କମିଟିର ପ୍ରସ୍ତାବ ବ୍ୟବସ୍ଥାପକ ସଭାରେ ପଢ଼ାଯାଉ।

ଏ ବିଷୟରେ ଭୋଟ ନିଆହେଲା। ସରକାରଙ୍କ ତରଫରେ ୪୬ ଏବଂ ବିପକ୍ଷରେ ୩୦ ଭୋଟ ହେଲାରୁ ଏକ କମିଟି ନିଯୁକ୍ତ ହୋଇ ଏ ଆଇନର ବିଚାର-ନିମନ୍ତେ ସ୍ଥିର ହେଲା। ମୁସଲମାନଙ୍କ ତରଫରୁ ଜଣେ ସରକାରଙ୍କ ବିପକ୍ଷରେ, ବାକି ଜଣ ତଟସ୍ଥ ରହିଲେ, ବାକି ସମସ୍ତ ମୁସଲମାନ ସରକାରଙ୍କ ତରଫରୁ ଭୋଟ ଦେଲେ।

### ମେମ୍ବର ଲକ୍ଷ୍ମୀଧର ବାବୁ

ଓଡ଼ିଶାରୁ ଯାଇଥିବା ସମସ୍ତ ମେମ୍ବର ଏ ନୂଆ ଆଇନ ବିପକ୍ଷରେ ଭୋଟ ଦେଲେ। କେବଳ ଲକ୍ଷ୍ମୀଧର ବାବୁ ସରକାରଙ୍କ ପକ୍ଷରେ ଭୋଟ ଦେଇଛନ୍ତି।

---

Digitized by srujanika@gmail.com

Split by PDF Splitter



# ସ୍ପେନର ରଜା

## ଲଙ୍କାଦ୍ୱୀପକୁ ଆସିବେ

ସ୍ପେନର ବହିଷ୍କୃତ ରଜା ଫାନସୋଙ୍କ ପୁତ୍ର ବ୍ରିଟିଶ ଯୁଦ୍ଧ ଜାହାଜରେ ସୈନିକର କାର୍ଯ୍ୟ ଶିକ୍ଷା କରୁଛନ୍ତି । ବର୍ତ୍ତମାନ ସେ ଲଙ୍କା ଦ୍ୱୀପରେ ଥିବାରୁ ତାଙ୍କ ବାପା ତାଙ୍କୁ ଦେଖିବାପାଇଁ ସେଠାକୁ ଆଗମନ କରୁଛନ୍ତି ।

---

## ଫିଲିପାଇନ ସ୍ୱାଧୀନତା

### ମାର୍କିନ ରାଷ୍ଟ୍ରପତି ନାମଞ୍ଜୁର

ଫିଲିପାଇନ ଦ୍ୱୀପପୁଞ୍ଜ ଯୁକ୍ତରାଜ୍ୟ ଶାସନ ଅଧୀନରେ ବହୁକାଳରୁ ଅଛି । ସେଠା ଅଧିବାସୀମାନେ ଯୁକ୍ତରାଜ୍ୟ କବଳରୁ ଫିଲିପାଇନକୁ ମୁକ୍ତ କରି ସ୍ୱାଧୀନ କରିବା ଉଦ୍ଦେଶ୍ୟରେ ବହୁତ ଉଦ୍ୟମ ଲଗାଇଛନ୍ତି । ସେହି ଉଦ୍ୟମ ଫଳରୁ ଯୁକ୍ତରାଜ୍ୟ କଂଗ୍ରେସ ବୈଠକରେ ସ୍ଥିର ହୋଇଅଛି ଯେ କ୍ରମେ କ୍ରମେ ଆଜଠାରୁ ଦଶ ବର୍ଷ ମଧ୍ୟରେ ଫିଲିପାଇନକୁ ସ୍ୱାଧୀନ କରାଯିବ । ଯୁକ୍ତରାଜ୍ୟର କୃଷକ ସମ୍ପ୍ରଦାୟ ଫିଲିପାଇନର ଏ ଉଦ୍ୟମରେ ବହୁତ ସାହାଯ୍ୟ କରିଅଛନ୍ତି । କିନ୍ତୁ ସେଠା ରାଷ୍ଟ୍ରପତି ମିଃ ହୁଭର କଂଗ୍ରେସର ଏମନ୍ତ କରୁଥିବେ ମତ ପ୍ରକାଶ କରି ତାଙ୍କର ନିଜର ଅଧିକ କ୍ଷମତା ବଳରେ କଂଗ୍ରେସର ଏ ପ୍ରସ୍ତାବକୁ ନାମଞ୍ଜୁର କରିଛନ୍ତି । ରାଷ୍ଟ୍ରପତି ନାମଞ୍ଜୁର କରିବାରୁ ଏ ମୁକ୍ତି ପ୍ରସ୍ତାବ ପୁଣି ଥରେ ବିଚାର ନିମନ୍ତେ ସିନେଟ ସଭାକୁ ପଠାଯିବ । ଯଦି ସେ ସିନେଟ ସଭା ଏ ମୁକ୍ତି ପ୍ରସ୍ତାବକୁ ଗ୍ରହଣ କରନ୍ତି ତେବେ ରାଷ୍ଟ୍ରପତିଙ୍କ ନାମଞ୍ଜୁର କୌଣସି କାମରେ ଲାଗିବ ନାହିଁ । କିନ୍ତୁ ଯଦି ସେମାନେ ରାଷ୍ଟ୍ରପତିଙ୍କ ପ୍ରସ୍ତାବର ସମର୍ଥନ କରନ୍ତି ତାହାହେଲେ ଫିଲିପାଇନରେ ବିଶେଷ ଗୋଳମାଳ ହେବାର ସମ୍ଭାବନା । ରାଷ୍ଟ୍ରପତିଙ୍କ ମତ ଯେ ଯଦି ଆମେରିକା ଫିଲିପାଇନ ସହିତ ସମ୍ପର୍କ ତ୍ୟାଗ କରେ ଏବଂ ଫିଲିପାଇନ ସ୍ୱାଧୀନ ହୁଏ ତାହାହେଲେ ତାର ସ୍ୱାଧୀନତା ବେଶିଦିନ ସ୍ଥାୟୀ ହେବନାହିଁ । ବିଦେଶି ଲୋକଙ୍କ ପ୍ରବଳ ବ୍ୟବସାୟ ସ୍ପୃହାରେ ଏପରିଭାବରେ ପ୍ରବଳ ହେବଯେ ଶୀଘ୍ର ହିଁ ଫିଲିପିନୋମାନଙ୍କର ସମସ୍ତ ପ୍ରକାର ସୁଖ ଏବଂ ସୁବିଧା ବିନଷ୍ଟ ହୋଇଯିବ । ଆମେରିକା ଏପର୍ଯ୍ୟନ୍ତ ବିଦେଶୀ ବ୍ୟବସାୟୀଙ୍କ କବଳରୁ ଫିଲିପିନୋଙ୍କୁ ରକ୍ଷା କରି ଅଛି । ଫିଲିପିନୋମାନଙ୍କର ବର୍ତ୍ତମାନର ନାବାଳକ ଅବସ୍ଥା, ଏ ଅବସ୍ଥାରେ ତାଙ୍କୁ ସ୍ୱାଧୀନ କରି ଛାଡ଼ିଦେବା ଫିଲିପିନୋମାନଙ୍କ ପକ୍ଷରେ ମହା-ଅମଙ୍ଗଳକର ହେବ ।

---

## ବଡ଼ଲାଟଙ୍କ ନିମନ୍ତ୍ରଣ

### ସମସ୍ତ ଗୋଲଟେବୁଲ ପ୍ରତିନିଧିମାନଙ୍କୁ

ଭାରତବର୍ଷର ବଡ଼ଲାଟ ଲର୍ଡ ଉଇଲିଙ୍ଗଡନ ଗତ ଗୋଲଟେବୁଲ ବୈଠକରେ ଯୋଗ ଦେଇଥିବା ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରି ତାଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଅନୁରୋଧ କରିଛନ୍ତି । ସାକ୍ଷାତର ଉଦ୍ଦେଶ୍ୟ ଯେ ଭାରତ ଆଗାମୀ ଶାସନ-ସଂସ୍କାର ବିଷୟରେ ପରାମର୍ଶ ହେବ ।

---

# ଲାଟ ବଡ଼ଲାଟଙ୍କ

## ନାଚ

ଡିସେମ୍ବର ମାସ ଏବଂ ଜାନୁଆରୀ ମାସର ପ୍ରଥମ ଦୁଇ ସପ୍ତାହ ବଡ଼ଲାଟ ସାହେବ କଲିକତାରେ ପ୍ରତିବର୍ଷ ଅବସ୍ଥାନ କରନ୍ତି । ତାଙ୍କର ରହିବା ନିମନ୍ତେ ସ୍ୱତନ୍ତ୍ର ଏକ ପ୍ରାସାଦ ବେଲଭେଡିଅର ନାମରେ ଅଛି । ଅନେକ ଭୋଜି, ନାଚ, ସଭା, ଖେଳ ଏହି ସମୟ ମଧ୍ୟରେ ହୋଇଥାଏ ଏବଂ ଭାରତବର୍ଷର ଅଧିକାଂଶ ରଜା, ମହାରଜା, ବିଶିଷ୍ଟ ଲୋକମାନେ ଏ ସମୟରେ କଲିକତାକୁ ଆଗମନ କରିଥାନ୍ତି । ଗତ ୧୪ ତାରିଖରେ କଲିକତା ବେଲଭେଡିଅର ପ୍ରାସାଦରେ ଏକ ଅଦ୍ଭୁତ ନାଚର ବ୍ୟବସ୍ଥା ହୋଇଥିଲା । ବଡ଼ଲାଟ, ଲାଟ ଏବଂ ବିଶିଷ୍ଟ ସରକାରୀ କର୍ମଚାରୀମାନେ ଅନେକ ଇତିହାସ ପ୍ରସିଦ୍ଧ ଲୋକମାନଙ୍କର ବେଶଭୂଷାରେ ମଣ୍ଡିତ ହୋଇ ଏ ନାଚରେ ଯୋଗ ଦେଇଥିଲେ । ବଡ଼ଲାଟ ଇଂଲଣ୍ଡର ରଜା ପ୍ରଥମ ଚାର୍ଲସଙ୍କ ପରି ଏବଂ ତାଙ୍କ ସହଧର୍ମିଣୀ ହେନେରିଏଟା ମାରିଆଙ୍କ ପରି ବେଶ ହୋଇଥିଲେ । ଓ୍ୱାରେନ ହେଷ୍ଟିଂସଙ୍କ ପରି ବଙ୍ଗଳାର ଲାଟ ପୋଷାକ ପିନ୍ଧିଥିଲେ । ରାଜପୁତ ଯୋଦ୍ଧାର ବେଶ ଭାରତ ସରକାରଙ୍କ ମନ୍ତ୍ରୀ କୁମାର ଜସ୍ୱନ୍ତ ସିଂହ ଗ୍ରହଣ କରିଥିଲେ । କୁଚବିହାରର ମହାରାଣୀ ଇନ୍ଦିରାଦେବୀ ମରହଟ୍ଟା ରମଣୀ ପରି ପୋଷାକ ପିନ୍ଧିଥିଲେ । ଅନ୍ୟାନ୍ୟ ବିଶିଷ୍ଟ ଲୋକମାନେ ସେହିପରି ପୁରାକାଳର ପୋଷାକପତ୍ର ପିନ୍ଧି ଏ ନାଚରେ ଯୋଗ ଦେଇଥିଲେ ।

---

## ପ୍ରଫେସର କ୍ରିପାଲନି

ପାଟନା ୧୩-୧-୩୩

ପ୍ରଫେସର କ୍ରିପାଲନିଙ୍କ ବକ୍ସର ଜେଲ ମଧ୍ୟରେ ସଦର ସବଡିଭିଜନ ଅଫିସରଙ୍କ ଦ୍ୱାରା ବିଚାର ହୋଇଥିଲା । ତାଙ୍କୁ ୬ ମାସଜେଲ ଦଣ୍ଡ ଦିଆ ହୋଇଛି ।

---

## ଲର୍ଡ ହୋୱାର୍ଡ ଖଲାସହେଲେ

ବିଲାତ ଏଡିନବରାର ଲର୍ଡ ହୋୱାର୍ଡ ଅସାବଧାନ ଭାବରେ ମଟର ଚଲାଇ ଜର୍ଜ ହଲ ନାମକ ଜଣେ ଲୋକଙ୍କୁ ଆଘାତ କରି ତା ଜୀବନନାଶ କରିଥିବା ଅଭିଯୋଗରେ ବନ୍ଦ ହୋଇଥିଲେ କିନ୍ତୁ ଅଦାଲତ ବିଚାରରେ ବର୍ତ୍ତମାନ ସେ ନିର୍ଦ୍ଦୋଷ ପ୍ରମାଣିତ ହୋଇ ଖଲାସ ହୋଇଛନ୍ତି ।

---

## ମହାତ୍ମାଙ୍କ ସହିତ ସାକ୍ଷାତ

ସାର ଲାଲୁଭାଇ ସାମଲଦାସ ଗତ କେତେ ଦିନ ହେଲା ଦକ୍ଷିଣ ଭାରତରେ ଅସ୍ପୃଶ୍ୟତା ନିବାରଣ ସମ୍ପର୍କରେ ଗସ୍ତ କରୁଥିଲେ । ଗସ୍ତରୁ ଫେରି ମହାତ୍ମାଙ୍କ ସାକ୍ଷାତ କରିବା ଆକାଂକ୍ଷୀ ହୋଇଛନ୍ତି ।

---

## ବଡ଼ଲାଟଙ୍କ ଜରୁରି ଡାକରା

ସାର ତେଜ ବାହାଦୁର ସାପ୍ରୁ ଏବଂ ମିଃ ଜୟକର ଭାରତ ବଡ଼ଲାଟଙ୍କ ଜରୁରି ତାର ପାଇ ତାଙ୍କ ସହିତ ଦେଖା କରିବା ନିମନ୍ତେ ଦିଲ୍ଲୀ ଯାତ୍ରା କରିଛନ୍ତି ।

---

## ଆଚାର୍ଯ୍ୟ ହରିହର ଦାସ

### ପୁରୀରେ ଗିରଫ ହେଲେ

ପୁରୀରେ ୧୭ ତାରିଖରେ ଆଚାର୍ଯ୍ୟ ହରିହର ବନ୍ଦୀ ହୋଇଛନ୍ତି । ୧୮ ତାରିଖରେ ତାଙ୍କ ମକଦ୍ଦମାର ବିଚାର ହେବ ।

---

# ପୁଣି ଯୁଦ୍ଧର ଆଶଙ୍କା

## ଜାପାନର ବିରୁଦ୍ଧ ଭାବ

ପୃଥିବୀର ୧୯ ଟା ରାଜ୍ୟର ପ୍ରତିନିଧିଙ୍କୁ ନେଇ ଜେନେଭା ରାଷ୍ଟ୍ର ସମ୍ମିଳନୀର ସ୍ୱତନ୍ତ୍ର କମିଟି ଜାପାନ ଚାଇନା ସମସ୍ୟା ନିଷ୍ପତ୍ତି ସମ୍ପର୍କରେ ବସିଥିଲା । ସେ କମିଟିରେ ଜାପାନ ପ୍ରତିନିଧି ରାଷ୍ଟ୍ରସଂଘର ନିର୍ଦ୍ଧାରଣ ବିରୁଦ୍ଧରେ କେତେକ କଥା କହି ସାର ଡ୍ରୋମଣ୍ଡଙ୍କ ପ୍ରସ୍ତାବର ତୀବ୍ର ପ୍ରତିବାଦ କରିଥିଲେ ଏବଂ ପ୍ରକାଶ କରିଥିଲେ ଯେ ଜାପାନ ପ୍ରସ୍ତାବକୁ ଗ୍ରହଣ କରିବ ନାହିଁ । ଏ ପ୍ରସ୍ତାବର ବିଚାର ଏବଂ ଗ୍ରହଣ ନିମନ୍ତେ ଜାପାନ ସରକାରଙ୍କୁ ୪୮ ଘଣ୍ଟା ସମୟ ଦିଆ ହୋଇଛି-ଯଦି ଏ ପ୍ରସ୍ତାବ ଜାପାନ ଗ୍ରହଣ ନକରେ ତେବେ ଏ ରାଷ୍ଟ୍ରସଂଘ ନିୟମାବଳୀର ୧୫ ଦଫା ଅନୁଯାୟୀ ଏକଥା ରାଷ୍ଟ୍ରସଂଘର ପୂରା ସମ୍ମିଳନୀରେ ପଡ଼ିବ । ଏ ସମ୍ମିଳନୀର ସଭ୍ୟମାନେ ଯାହା ନିର୍ଦ୍ଧାରଣ କରିବେ ସେହି ଅନୁସାରେ କାର୍ଯ୍ୟ ହେବ । ଜାପାନ ଯଦି ସେମାନଙ୍କ ନିର୍ଦ୍ଧାରଣ ବିପକ୍ଷରେ ଯିବେ ତାହାହେଲେ ପୃଥିବୀର ସମସ୍ତ ସରକାର ଜାପାନ ସହିତ ସମସ୍ତ ପ୍ରକାର ସମ୍ପର୍କ ତ୍ୟାଗ କରିବେ ଏବଂ ଏହାପରେ ଦରକାର ପଡ଼ିଲେ ଯୁଦ୍ଧ କରି ଜାପାନକୁ ଚୀନ ରାଜ୍ୟ ଉପରେ ଏ ଅଯଥା ଅତ୍ୟାଚାର ଏବଂ ଆକ୍ରମଣର ଏବଂ ରାଷ୍ଟ୍ରସଂଘକୁ ଏ ଅପମାନର ଉଚିତ ପ୍ରତିଫଳ ଦେବେ । ଆମେରିକା ଜାପାନର ଏ ଆଚରଣରେ ଅତ୍ୟନ୍ତ ବିରକ୍ତ । ଆମେରିକା ଯୁକ୍ତରାଜ୍ୟର ରାଷ୍ଟ୍ରପତି ମିଷ୍ଟର ହୁଭର ତାଙ୍କର ଲଣ୍ଡନରେ ଥିବା ପ୍ରତିନିଧିଙ୍କ ନିକଟକୁ ତାର କରିଛନ୍ତି ଯେ "ଜାପାନ ମଞ୍ଚୁରିଆ ବିବାଦ ଏପର୍ଯ୍ୟନ୍ତ ତୁଟିନାହିଁ । ରାଷ୍ଟ୍ରସଂଘ ଏ ବିଷୟରେ କୌଣସି ସିଦ୍ଧାନ୍ତରେ ଉପନୀତ ନ ହୋଇ ବୃଥା ସମୟ ନଷ୍ଟ କରୁଛନ୍ତି । ଜାପାନ ବିପକ୍ଷରେ ରାଷ୍ଟ୍ରସଂଘ ନିୟମାବଳୀର ୧୫ ଏବଂ ୧୬ ଦଫା ଅନୁସାରେ କାର୍ଯ୍ୟ କରିବା ଜରୁର ଦରକାର । ଏହିପରି କାର୍ଯ୍ୟ କରିବାର ବ୍ୟବସ୍ଥା ଅବିଳମ୍ବେ କର ।"

---

## ଜିଲାବୋର୍ଡର ଉଦାସୀନତା

ବିଠୋଲ ଥାନା ଖୁରୁଦା, ମର୍ଦୋଳ ଇତ୍ୟାଦି ଗ୍ରାମମାନଙ୍କରେ ଗତ ଦୁଇମାସ ହେଲା ହଇଜା ଅତି ପ୍ରବଳ ଭାବରେ ଲାଗିଛି । ଗତ ଦୁଇ ମାସ ମଧ୍ୟରେ ୩୨ ଜଣ ଲୋକ ମୃତ୍ୟୁ ମୁଖରେ ପଡ଼ିଛନ୍ତି । କିନ୍ତୁ ଦୁଃଖର କଥା ଜିଲାବୋର୍ଡର ସ୍ୱାସ୍ଥ୍ୟ ବିଭାଗ ତରଫରୁ କୌଣସି ଡାକ୍ତର ସାହାଯ୍ୟ ନିମନ୍ତେ ସେଠାକୁ ପ୍ରେରିତ ହୋଇ ନାହାନ୍ତି ।

—o—

## କୃତି ଓଡ଼ିଆ ଯୁବକଙ୍କ ପ୍ରତ୍ୟାଗମନ

ଭିଙ୍ଗାରପୁର ଜମିଦାର ଶ୍ରୀ ଜୟରାମ ଦାସଙ୍କ ପୁତ୍ର ମିଃ ଜଗନ୍ନାଥ ଦାସ ଜର୍ମାନର ବର୍ଲିନ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଡାକ୍ତର ଉପାଧିଲାଭ କରି ସ୍ୱଦେଶକୁ ଫେରି କଟକରେ ଅବସ୍ଥାନ କରୁଛନ୍ତି ।

—o—

କନିକା ମେନେଜର ଶ୍ରୀ ଜୟରାମ ଦାସଙ୍କ ପୁତ୍ର ମିଃ ଜଗନ୍ନାଥ ଦାସ ବିଲାତରେ ଡାକ୍ତର ପାସକରି ଫେରି ଆସି ପୁରୀରେ ସରକାରୀ ଚାକିରିରେ ଯୋଗ ଦେଇଛନ୍ତି ।

---

Digitized by srujanika@gmail.com

Split by PDF Splitter



# କଲିକତାରେ

## ଡକାୟତି

ଜଗେନ୍ଦ୍ର ଚୌଧୁରୀ, ମହାବୀର ପ୍ରସାଦ, ନଟବର କର୍ତ୍ତା, ବଟକୃଷ୍ଣ କର୍ତ୍ତା, ଶୁକ୍ରବାରଦିନ ସ୍ଥଳରେ କଲିକତା ସହର ଇମାମବକ୍ସଗଲିରେ ବାସକରୁଥିବା ଶ୍ରୀମତୀ ଲକ୍ଷ୍ମୀମଣି ଦାସିଙ୍କ ହତ୍ୟା କରି ତାଙ୍କ ଘରୁ ୨୭ ହଜାର ଟଙ୍କା ମୂଲ୍ୟର ଗହଣା ଇତ୍ୟାଦି ଚୋରି କରିଥିବା ଅପରାଧରେ ଅଭିଯୁକ୍ତ ହୋଇଛନ୍ତି। ଶୁକ୍ରବାର ଦିନ ସ୍ଥଳରେ ଲକ୍ଷ୍ମୀମଣି ଦାସୀ ତାଙ୍କ ନିଜ ନର୍ଦ୍ଦମା ଏବଂ ନର୍ଦ୍ଦମାର ଯୋଡ଼ଏ ଶିଶୁ ସ୍ନାନ ସହିତ ଶୟନ କରିଥିଲେ। ଚୋଷବୃତ୍ତି ସମୟରେ ଏ ଡକାୟତମାନେ ଘରେ ପଶି ଲକ୍ଷ୍ମୀମଣିଙ୍କ ଉପରି ଚିପି ମାରିଦେଇ ନର୍ଦ୍ଦମା ଉପରେ ଧାକ୍କାର ଅନ୍ୟତ୍ର କରି ଗୃହରେ ଥିବା ୨୭ ହଜାର ଟଙ୍କାର ମୂଲ୍ୟର ଧନରତ୍ନାଦି ଅପହରଣ କରି ନେଇ ଯାଇଛନ୍ତି। ମକଦ୍ଦମା ବିଚାରାଧୀନ।

## ସାହିତ୍ୟ ପୁରସ୍କାର ଘୋଷଣା

ସମ୍ବଲପୁର ଗଙ୍ଗାଧର ସାହିତ୍ୟ ପରିଷଦ ସନ ୧୯୩୭ ସାଲ ପାଇଁ ପ୍ରବନ୍ଧ ପ୍ରତିଯୋଗିତାରେ ନିମ୍ନଲିଖିତ ପୁରସ୍କାରମାନ ଦେବାର ସ୍ଥିର କରିଅଛନ୍ତି।

୧। ଧରଣୀଧର ପଦକ (ସ୍ୱର୍ଣ୍ଣ) ୮ କବିବର ଗଙ୍ଗାଧରଙ୍କ ପ୍ରକୃତି ବର୍ଣ୍ଣନ।

୨। ସହଗ ପଦକ (ସ୍ୱର୍ଣ୍ଣ) ଓଡ଼ିଆ ଉପନ୍ୟାସର ଉପାଦାନ। (୧୯୩୬ ସାଲ ଶେଷପର୍ଯ୍ୟନ୍ତ ପ୍ରକାଶିତ ଉପନ୍ୟାସ ଗୁଡ଼ିକର ଭାବ, ଭାଷା, ବିଷୟ ଓ ଶୈଳୀର ସମାଲୋଚନା)।

୩। ଗ୍ରାମ ପ୍ରସାଦ ପଦକ (ସ୍ୱର୍ଣ୍ଣ) ୮ ଗ୍ରାମପ୍ରସାଦ ଚଉଧୁରୀ ବି. ଏ. ବି. ଟି. ଙ୍କ ଜୀବନୀ।

୪। ଗାୟତ୍ରୀ ପଦକ (ରୌପ୍ୟ) (ସ୍କୁଲ ଛାତ୍ରମାନଙ୍କ ପାଇଁ) କୁମାରୀ ଜୀବନ।

୫। ମାଧୁରୀ ଉତ୍ତମ ପଦକ (ରୌପ୍ୟ) (ହାଇସ୍କୁଲ ଛାତ୍ରଙ୍କ ପାଇଁ) ଛାତ୍ର ଜୀବନରେ ଜାଗୃତିର ଆଦର୍ଶ।

ନୋଟ—ପ୍ରବନ୍ଧ ଲେଖକମାନେ ନିଜର ନାମ ଓ ଠିକଣା କେବଳ ୧ମ ପୃଷ୍ଠାରେ ଲେଖିବେ। ପ୍ରବନ୍ଧ ଆସନ୍ତା ଅପ୍ରେଲ ତା ୩୧ ରଖ ମଧ୍ୟରେ ନିମ୍ନଠିକଣାରେ ପହଞ୍ଚିବା ଆବଶ୍ୟକ। କୌଣସି ବିଷୟ ଜାଣିବାର ଆବଶ୍ୟକ ହେଲେ ଉତ୍ତର ପାଇଁ ଟିକଟ ଦେବେ। ପ୍ରବନ୍ଧ ଫେରସ୍ତ ଦେବାର ନିୟମ ନାହିଁ। ଅତଏବ ଲେଖକ ନକଲ ରଖି ପ୍ରବନ୍ଧ ରେଜେଷ୍ଟ୍ରି ଡାକରେ ପଠାଇବେ।

୧୪.୧.୩୭ } ଶ୍ରୀ ଚିତ୍ତାନନ୍ଦ ଚଉଧୁରୀ
ସମ୍ପାଦକ
ସମ୍ବଲପୁର } ଗଙ୍ଗାଧର ସାହିତ୍ୟ ପରିଷଦ

## ପଲ୍ଲୀ ସେବକ ନିତିବାର ଶିକ୍ଷା

ପାଟକୁରା ବୃନ୍ଦାବନ ନାମକ ପଲ୍ଲୀରେ ସମବାୟ ସ୍ଥଳରେ ଗ୍ରାମ ସଂଗଠନ କାର୍ଯ୍ୟ ଚାଲିଛି। କଟକ ଜିଲ୍ଲା ବୋର୍ଡ ଶ୍ରୀଯୁକ୍ତ ରାଧାଶ୍ୟାମ ଦାସ ଗତ ଏକ ସପ୍ତାହ ହେଲା ପଲ୍ଲୀବାଳକ ଓ ଯୁବକମାନଙ୍କୁ ପଲ୍ଲୀ-ସେବକ ହେବା ନିମନ୍ତେ ଚରିତ୍ର, ସ୍ୱାସ୍ଥ୍ୟ, ସ୍କୁଲ ଆଦ୍ୟ-ଚିକିତ୍ସା ଓ ଅନ୍ୟାନ୍ୟ ଖେଳ ବିଷୟର ଶିକ୍ଷା ଦେଉଥିଲେ। ଗତ ୧୪ ତାରିଖ ଦିନ ଓଡ଼ିଶାର ସୁପରିଟେଣ୍ଡେଣ୍ଟ କମିଶନର ସାହେବ ପଲ୍ଲୀ-ମଙ୍ଗଳ-ସମିତିର ପ୍ରଦର୍ଶନୀ ଦେଖିବାକୁ ଯାଇଥିଲେ। ତାଙ୍କର କ୍ଲର୍କ ସେକ୍ରେଟାରି ଓ ଡେପୁଟି କଲେକ୍ଟର, ଜୋଏଣ୍ଟ ରେଜିଷ୍ଟ୍ରାର ଶ୍ରୀ ... ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଶ୍ରୀ ... ସାହେବ ଲିଆରିଙ୍କ ଅବସରପ୍ରାପ୍ତ ଡେପୁଟି କଲେକ୍ଟର, ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ; ଡି. ସାହୁ ପ୍ରଭୃତି ଏଥିରେ ଯୋଗ ଦେଇଥିଲେ। କମିଶନର ସାହେବ ପଲ୍ଲୀ ସେବକଙ୍କ ଖେଳ ବ୍ୟାୟାମର ପ୍ରଦର୍ଶନୀ ଓ ଚିତ୍ରାବଳୀ ଦେଖି ଅତ୍ୟନ୍ତ ପ୍ରୀତ ହୋଇଥିଲେ ଓ ରାଧାଶ୍ୟାମ ବାବୁଙ୍କୁ ତାଙ୍କ କାର୍ଯ୍ୟ ନିମନ୍ତେ ଧନ୍ୟବାଦ ଦେଇଥିଲେ।

---

ମହାଶୟ,

ଭାଟି ଗଞ୍ଜାମ ମକଦ୍ଦମାରେ ପ୍ରଜାର ଜମି ନିଲାମ ବିଷୟ 'ସତ୍ୟସମାଚାର' କାଗଜରେ ଛପା ହେବାଦ୍ୱାରା ପ୍ରଜା ଉପରେ ଯେ କୋର୍ଟ ଜଦା ହେଉଅଛି ସେ ବିଷୟ ଆମ୍ଭେ ଯେ ପତ୍ର ଆପଣଙ୍କୁ ଲେଖିଥିଲୁ ତାହା ବୋଧହୁଏ ସ୍ଥାନାଭାବରୁ ଗତ ସପ୍ତାହରେ ଛପାଇ ପାରି ନାହାନ୍ତି। ଆଗାମୀ ସପ୍ତାହରେ ତାହା ଛପାଇ ଆପଣ ମନ୍ତବ୍ୟ ମଧ୍ୟ ପ୍ରକାଶ କଲେ ବାଧିତ ହେବୁ।

ପ୍ରଜାମାନଙ୍କର ବର୍ତ୍ତମାନ ଅବସ୍ଥା ବିବେଚନାରେ ତାଙ୍କୁ ଅଧେ ଖଜଣା ମାଫ ଓ ଜମିଦାରଙ୍କୁ ମଧ୍ୟ ଅଧେ ରାଜସ୍ୱ ମାଫ ଦେବା କାରଣ ଗଭର୍ଣ୍ଣମେଣ୍ଟଙ୍କ ନିକଟ ଜମିଦାର ସଭାରୁ ଆବେଦନ କରିସିବାର ପ୍ରସ୍ତାବ ବିଷୟ ଆମ୍ଭେ ଯେ ପତ୍ର ଲେଖିଥିଲୁ ତାହା ଆପଣ ଛପାଇ ଅଛନ୍ତି। ସଭାର ଆବେଦନମାନଙ୍କରେ କୌଣସି ଫଳ ହେଉନାହିଁ ଯଦି ଜମିଦାରମାନେ ଆଇନ ଅନୁସାରେ କଲେକ୍ଟରଙ୍କ ନିକଟ ପୃଥକ ଆବେଦନ ନ ପଠାନ୍ତି। ସେହି ଆବେଦନରେ ତାଙ୍କୁ ଯେ ପରିମାଣ ରାଜସ୍ୱ ମାଫ ଦରକାର ସେହି ପରିମାଣ ଖଜଣା ପ୍ରଜାଙ୍କୁ ମାଫ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଲେଖି ଦେବାକୁ ହେବ। ଏହିପରି ଅନେକ ଦରଖାସ୍ତ ପଡ଼ିଗଲେ ସଭାର ସାଧାରଣ ଆବେଦନ ଉଚିତ ଯୋଗଦାନ ହେବ। ବିଶେଷ ସୁଖେର ବିଷୟ ଯେ ଜଣେ ବଡ଼ ଜମିଦାର ବାବୁ ଗଣେଶ ଲାଲ ପଣ୍ଡିତ ତାଙ୍କର ଏକ ବଡ଼ ତାଲୁକ ଯାହାର ସଦର ଜମା ପ୍ରାୟ ଟ ୧୩୦୦୦ଙ୍କା ହେବ ତାହାର ଦେଢ଼ଭାଗାଂଶ ଖଜଣା ଓ ରାଜସ୍ୱ ମାଫ ଦେବାପାଇଁ ଆବେଦନ କରନ୍ତି। ଉତ୍ତର କୁଳରୁ ବାବୁ କୃଷ୍ଣ ଚନ୍ଦ୍ର ଘୋଷ ଜମିଦାର ଏ ବିଷୟରେ ତାଙ୍କର ମତ ପ୍ରଚାର କରାଇ ଅଛନ୍ତି। ଅନ୍ୟ ତାଙ୍କ କଲେକ୍ଟରଙ୍କ ନିକଟ ପୃଥକ ଆବେଦନ କରିବା ଉଚିତ। ପୁରୀ ଓ ବାଲେଶ୍ୱରର ଜମିଦାରମାନେ ମଧ୍ୟ ଏ ପନ୍ଥା ଗ୍ରହଣ କରନ୍ତୁ। ଅଧିକନ୍ତୁ ଜମିଦାରମାନେ ଆସନ୍ତା ଏପ୍ରେଲ କିସ୍ତିର ଖଜଣା ଓ ରାଜସ୍ୱ ଆଦାୟର ସମ୍ଭାବନା ନାହିଁ ତା' ବିଷୟରେ ତାଙ୍କ ହୃଦୟଙ୍ଗମ କରି ଅମ୍ଭେ ଆଉ ଏ ବିଷୟରେ ତାଙ୍କ ମତ ଥିଲେ ଆଉ ହେଲା ନାହିଁ ଶୀଘ୍ର କଲେକ୍ଟରଙ୍କ, ଦରଖାସ୍ତ ଦେବେ ଓ ସଭାକୁ ମଧ୍ୟ ଜଣାଇବେ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବାର ସ୍ଥିର ହୋଇଅଛି। ସେହି ଘୋଷଣା କରିବା ହୁଣ୍ଡି ମନସ୍ଥ ଦାଖଲକାରୀ ବ୍ରିଟିଶଗଭର୍ଣ୍ଣମେଣ୍ଟଙ୍କ ନିକଟରେ ଲୁଚିଛି। ଜମିଦାରମାନଙ୍କ ଉପରେ ଗୁରୁତର ଦାୟିତ୍ୱ ଆସିବ। ତାଙ୍କୁ ମଧ୍ୟ ତାଙ୍କର ନିଜ ସ୍ୱାର୍ଥରକ୍ଷାର୍ଥେ ସଚେତ ହେବାକୁ ହେବ। କାର୍ଯ୍ୟତାଲିକା ତାଙ୍କ ସଭାର ସଭ୍ୟଙ୍କୁ ନୂତନ ଭାବେ ଗଠିତ କରିବାକୁ ହେବ। ଏ ସମ୍ବନ୍ଧରେ ସଭା ଯାହା କରିଅଛନ୍ତି ଓ କରିବାକୁ ହେବ ତାହା ପାରନ୍ତରେ ଜଣାଇବୁ।

କଟକ } ଭବଦୀୟ
୨୮।୧।୩୭ } ଶ୍ରୀ କନକଲତା ପାଣ୍ଡବ

# ଓଡ଼ିଶାର କୃଷକ

ଓଡ଼ିଆ କୃଷକର ଦୁଃଖ ସହିତ ଅନ୍ୟ କାହାର ଦୁଃଖ ତୁଳନା କରାଯାଇପାରେ ? ଓଡ଼ିଆ କୃଷକର ଦୁଃଖ ଅତୁଳନୀୟ ଓ ଅନିର୍ବଚନୀୟ, ସେ ଦୁଃଖର ଉପମା। ... ବର୍ଷରେ ... ପେଟପୂରା ଖାଇବାକୁ ... ଜୀବନରେ ଯେ ଜାଣେନାହିଁ ଲକ୍ଷ୍ମୀ ଓ ଲକ୍ଷ୍ମୀ ... କିଏ, ... ଜୀବନର ... ଖାଇବାକୁ ଅଣ୍ଡାପାଇଁ ସୁବା ଦେବେ ମିଳେନାହିଁ, ତାର ଦୁଃଖ ଆଉ କିଏ ବୋଲି ବର୍ଣ୍ଣନା କରିବ ? ... କୃଷକର ଜନ୍ମ ହୋଇଛି ଦୁଃଖରେ, ଜୀବନ କାଟେ ଦୁଃଖରେ, ମୃତ୍ୟୁ ମଧ୍ୟ ହୁଏ ଦୁଃଖରେ।

ଓଡ଼ିଶାର ଜନସଂଖ୍ୟାର ଶତକଡ଼ା ... ଜଣ କୃଷିରେ ଜୀବନ ନିର୍ବାହ କରନ୍ତି। କୃଷି ହେଉଛି ଏହି ଦେଶର ପ୍ରଧାନ ବ୍ୟବସାୟ। ... ତାକୁ ଭାବ ଯୋଗ୍ୟ ଆଉ କୌଣସି ... ଏ ଦେଶରେ ନାହିଁ। ଅର୍ଥାତ୍ ଓଡ଼ିଶାର ... ସମସ୍ତେ ଏହି କୃଷି ଉପରେ ନିର୍ଭର ... ଏହି ଦୃଷ୍ଟିରେ ଓଡ଼ିଆ କୃଷକର ପ୍ରାଧାନ୍ୟ ସ୍ୱତଃସିଦ୍ଧ। କିନ୍ତୁ ତାର ପ୍ରାଧାନ୍ୟ ଦୃଷ୍ଟିରେ ତାର ... ସେପରି ପ୍ରାଧାନ୍ୟ ଦିଆଯାଇନାହିଁ। ଏହା କେଉଁ ଦୁର୍ଭାଗ୍ୟ ନୁହେଁ ଅଥବା କଣ ? ... ଉପରେ ... ଅସାଧ୍ୟ ହେଉ ... ଉପଯୁକ୍ତ ଯର ଅଭାବରୁ ଦେଶର ଆଜି ଏ ଦୁର୍ଦ୍ଦଶା।

ସାଧାରଣ ଓଡ଼ିଆର ... ଅନେକ ଲୋକ ଅନେକ ମତ ଦେଇ ... ଅନୁଲଗ୍ନାଲଙ୍କ ମତରେ ଓଡ଼ିଆମାନେ ... ଓଡ଼ିଆମାନେ ... କଥା ... ମତରେ ଓଡ଼ିଶାର କୃଷକ ... ନ୍ୟାୟରେ ... କରିବାକୁ ... ବାଲୁ ହେବ, ସେ ... ଦେଖି ... ଓ ... ଦେଖାଇ ... ମଧ୍ୟ ସେମାନେ ଅତି ପରିଶ୍ରମଶୀଳ ଏବଂ ... ଭୂମିର ଲୋକେ ସେମାନଙ୍କର ... ଥାଇ ତା ... ଶାନ୍ତ ଧୀର। ... ବାଧା ... ଏବଂ ... ପ୍ରଦେଶରେ ଏହିମାନେ ... ମେଟକାଫ୍ ସାହେବ ଲେଖିଛନ୍ତି—"... ଓ ନିମ୍ନଶ୍ରେଣୀର ଲୋକେ ... ସେମାନେ ...ମୀକ ମହଲ୍ୟ ... ଓ କଠିନ ପରିଶ୍ରମ ପାଇଁ ... ଶ୍ରେଣୀରେ ... ।... ଉପରେ ... ସହିତ ସେଥିପାଇଁ ଓଡ଼ିଆ ... ନାହିଁ।" ... ସର୍ବନାଶ ଆଳସ୍ୟ ଓଡ଼ିଆକୁ ... ଓଡ଼ିଶାର ଗଗନ ... ସାହାଯ୍ୟ ... ଉଦ୍ଦେଶ୍ୟରେ ମହାତ୍ମା ଜୀଙ୍କ ... ... କଲ୍ୟାଣ ... ଏବା ... ଲୋକଙ୍କୁ ... ଓଡ଼ିଶାର ପ୍ରଜାଙ୍କ, ଓଡ଼ିଶାର ପ୍ରଜାଙ୍କୁ, ଓଡ଼ିଶାର ... ମାନଙ୍କୁ, ଓଡ଼ିଶାର ଓଡ଼ିଆଙ୍କୁ, ଓଡ଼ିଶାର ... ଚଳକ୍ଟ, ଓଡ଼ିଶାର ପ୍ରଜାଙ୍କୁ, ଓଡ଼ିଶାର ...

୨୨ ପୃଷ୍ଠା ୩ୟ କଲମରେ ଦେଖନ୍ତୁ

Digitized by srujanika@gmail.com

32                                                                 26-2-32

# JECI ENDI CHADDARS

BEST FOR WINTER. PURE SILKY, NOT A SINGLE THREAD OF COTTON IS MIXED, UNSHRINKABLE, DURABLE, SOFT AND CHEAPEST. PRICE REDUCED CONSIDERING WORLD-WIDE ECONOMICAL CRISIS.

## Reduced Price Rs. 6/-

Per Pair—(6 by 1½ yds.)

POSTAGE & PACKING FREE. MONEY REFUNDED IF UNAPPROVED.

PLEASE READ WHAT OUR CUSTOMERS SAY.

"I have pleasure to state that Endi Chadars supplied by m/s. Jagannath Chanan Ram of Ludhiana, are very cheap and the firm is very prompt in its dealings."
(Sd.) Jatindra Mohan Chatterjee,
Dy. Collector, Jessore.
Dated 21-9-32.

"I had occasions to place orders with m/s. Jagannath Chanan Ram of Ludhiana, for some Endi Chadars. I find these useful.
(Sd.) K. P. Ghosh,
Deputy Magistrate,
Jalpaiguri.
Dated 7-9-32.

TO GET YOUR PAIR IN TIME PLEASE ORDER FOR THE SAME IMMEDIATELY.

**Jagannath Chanan Ram,**
Props. JECI WEAVING FACTORY,
LUDHIANA. (Upper India).

୧୬।୧।୩୩

## ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ

ସରାଇକେଲା

ଅଲ୍ପ ଟ ୩୦ ଟଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ଷ ଟେଲରିଂ; ଟ ୬୫ ଟଙ୍କା ନେଇ ୬ ସପ୍ତାହରେ ଫୁଲବୋର୍ଡ ଫଟୋଗ୍ରାଫ୍, ଟ ୩୦ ଟଙ୍କା ନେଇ ଏକମାସରେ ନାନା ପ୍ରକାର ସାବୁନ ଓ ଛାମ ମାଣ୍ଡି ଦେଇ କାଞ୍ଚ, ବେଣବେଳି ପ୍ରଭୃତି ନାନା ପ୍ରକାର ଗୃହଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଉଅଛୁ। ଅମ୍ଭେମାନେ ନଜର ଲୁଗା ଦେଇ କଟିଂ ଓ ସେଲାଇ ଶିକ୍ଷା ଦେଉଅଛୁ। ବାସସ୍ଥାନ ପାଇଁ ଏବଂ ବେମାରି-ବେଳେ ଡାକ୍ତର ଓ ଔଷଧ ଲାଗି ଏକପଇସା ସୁଦ୍ଧା ଲାଗେ ନାହିଁ। ଜଳବାୟୁ ଉତ୍ତମ। ଏଠାରେ ଶିକ୍ଷା ଲାଭକଲେ ଅନ୍ୟର ଅଧୀନ ନ ହୋଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବ। ଅନୁସନ୍ଧାନ କଲେ ଜାଣି-ପାରିବ ଯେ ଏପରି ସୁବିଧା ଆଉ କୌଣସିଠାରେ ନାହିଁ। ସ୍କୁଲଟି ବି. ଏନ୍. ଆର ସିନି ଷ୍ଟେସନଠାରୁ ୬ ମାଇଲ ଦୂରରେ ଅବସ୍ଥିତ। ସେଥିପାଇଁ ସ୍କୁଲର ଲରି ସର୍ବଦା ଯାତାୟାତ କରୁଛି। ବିସ୍ତାରିତ ବିବରଣ ପାଇଁ ଟ ० ୧୯ ଡାକ ଟିକଟସହ ପତ୍ର ଲେଖନ୍ତୁ।

ଦେବରାଜ ଟେଲରିଂ ଏଣ୍ଡ୍ ଇଣ୍ଡଷ୍ଟ୍ରିୟଲ ଇନ୍‌ଷ୍ଟିଚ୍ୟୁସନ୍
ପୋ: ସରେଇକେଲା, ଭାୟା ସିନି, ଜିଲ୍ଲା ସିଂହଭୂମ

---

ଡିସେମ୍ବର ୧୯୩୩

## ଟୋଟର, କୋରଣ୍ଡ ଓ ଏକଶିରାର

ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଟୋଟର ଗୋଡ଼ କୋରଣ୍ଡ ଓ ଏକଶିରା ହୋଇ ନ ଥାଉଁ କି ଏହା ଗୋଟିଏ ଦିନରେ ଉପଶମ ହେବ। ବର୍ତ୍ତଲେ ମୂଲ୍ୟ ଫେରନ୍ତ ଦିଆଯିବ। ପ୍ରତ୍ୟେକର ମୂଲ୍ୟ ଟ୧୯/୦ ମାତ୍ର।

ଡାକମାସୁଲ ସ୍ୱତନ୍ତ୍ର

ଶ୍ରୀ ଭରତଚନ୍ଦ୍ର ମହାନ୍ତି

ପୋ: ଅ: ସରେଇକଳା

ଭାୟା-ସିନି। ସିଂହଭୂମ ଜିଲ୍ଲା

---

୪୧                                                  ୨୪।୧।୩୩

## ଅବ୍ୟର୍ଥ ଫଳ

ବହୁ ପ୍ରଶଂସିତ

**ସରସ୍ୱତୀ କବଚ**

ଏହା କୌଣସି ସ୍ତ୍ରୀ ବା ପୁରୁଷ ଧାରଣ କଲେ ସେ ଶକ୍ତି କର୍ଣ୍ଣିତ ହୁଏ।

**ଅକ୍ଷୟ କବଚ**

ଏହି କବଚ ଧାରଣ କଲେ ସ୍ୱପ୍ନ ଦୋଷ ଦୂର ହୁଏ ଓ ବୀର୍ଯ୍ୟ ସ୍ତମ୍ଭନ ହୁଏ।

ପ୍ରତ୍ୟେକ କବଚର ମୂଲ୍ୟ ଟ ୫୧

ଡାକଖର୍ଚ୍ଚ ସ୍ୱତନ୍ତ୍ର

ଅର୍ଡର ଦେଇଦେଲେ ଅଗ୍ରୀମ ଟ ୧୧ ଦେବ

ପ୍ରାପ୍ତିସ୍ଥାନ

ମାୟାଧର ବିଶ୍ୱାଳ

ପୋ: ଅ: ବାଲକଖୁର

ଭାୟା କଣ୍ଟୋଳ, କଟକ

---

୫୭                    ନୋଟିସ                    ୫।୩।୩୩

ଏତଦ୍ୱାରା ଯେ ସଃ କଟକ ମିଉନିସିପାଲିଟିରେଥିବା ମଧୁସୂଦନ ରାଜାଙ୍କ ବଙ୍ଗଳାର ପଶ୍ଚିମ ଛଉଣୀରେଥିବା ବଙ୍ଗଳା ସହିତରେ ୫ ଗୋଟା ବଡ଼ ପାଇଖାନା ଓ ଦୁଇ ଗୋସଲଖାନା ଓ ଏକ ଗୋଦାମ କାମରା ଓ ବରଣ୍ଡା ୪ ଗୋଟା ଓ ଉପର ମହଲରେ କାମରା ୪ ଗୋଟା ଓ ଗୋସଲଖାନା ଦୁଇଗୋଟା ଏ ବାଦ ପୃଥକ ବବର୍ଚ୍ଚିଖାନା ଗୋ ୧ ଟା, ଗୋଦାମ ଘର ଏକଗୋଟା ଓ ମଟର ରଖିବା ଘର ଏକଗୋଟା ଓ ବଗିଚା ଅଛି ଉକ୍ତ ଘର ବେଶ ଆଲୋକର ଓ ବାୟୁ ଗମନାଗମନର ବିଶେଷ ସୁବିଧା ଅଛି। ଭଡ଼ା ଦିଆଯିବ। ଉକ୍ତ ଘର ରାଜା, ମହାରାଜା ଓ ଅଫିସର ମାନଙ୍କର ରହିବା ଉପଯୋଗୀ ସ୍ଥାନ ଅଟେ। ଆବଶ୍ୟକ ଥିଲେ ଉକ୍ତ ଘର ଭଡ଼ା ବିଷୟ ବନ୍ଦୋବସ୍ତ ସହର କଟକ, ଚୌଧୁରୀବଜାର ନିବାସୀ ଇଉସୁଫ୍ ଅହମଦ୍ ମୁଲା ଓରଫ ନନ୍ନୁ ସାହେବଙ୍କ ପଚାରନ୍ତୁ। ୧୬।୧।୩୩

---

୫୪                    ବିଜ୍ଞାପନ                    ୬୧।୧।୩୩

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ-ଅଛି ଯେ କଟକ ଗୃହପାଲ ରାସ୍ତାର ୬୮ ଶ ମାଇଲ ପକ୍କା କାର୍ଯ୍ୟ ନିମନ୍ତେ ଟେଣ୍ଡର ତା ୩୧ ଖ ଜାନୁଆରୀ ୧୯୩୩ ଅପରାହ୍ଣ ଘ ୬ ଟା ପର୍ଯ୍ୟନ୍ତ ଗୃହୀତ ହେବ। ଉକ୍ତ କାର୍ଯ୍ୟ ନିମନ୍ତେ ଏଷ୍ଟିମେଟ ଟ ୮,୭००୧ ଅଟେ। ଟେଣ୍ଡର ଦାଖଲ ସମ୍ବନ୍ଧରେ ସବିଶେଷ ବିବରଣ ତା ୧୫।୧।୧୯୩୩ ର କଟକ ଡିଷ୍ଟ୍ରିକ୍ଟ ଗେଜେଟରୁ କିମ୍ବା କଟକ ଡିଷ୍ଟ୍ରିକ୍ଟ ଇଞ୍ଜିନିୟରଙ୍କର ଅଫିସରୁ ବୁଝିପାରିବେ।
ତା ୧୬।୧।୧୯୩୩

K. Mitra
offg. District Engineer
Cuttack.
16-1-33

---

No. 53                                                    28. 1 33

Advertisement

Wanted a trained Matriculate for the post of an Additional teacher of the Gupta Middle English School of this State on a time scale pay of Rs. 25-1-40/- per month with benefit of the State Provident Fund. The candidate must be an energetic young man having special qualification in sports.

Applications stating age, qualifications and past services together with copies of testimonials will be received by the undersigned upto the 20th January 1932.

Superintendent,
Nayagarh State.
P. O. Nayagarh. Via Khurda Road Stn.
B. N. Ry

---

No. 54                                                    28. 1, 33

WANTED two assistants on Rs. 55t each, qualifications I. A. or I. Sc. Applications should reach before the 23rd January.

Also wanted a typist on Rs. 10. Must be Matriculate with thorough knowledge of typing at the rate of 30 words per minute. Apply before 1st February.

S. ANWAR YUSOOF,
Secretary to the Legislative Council,

Digitized by srujanika@gmail.com

Split by PDF Splitter



୩୨ ୨୧।୧।୩୩

## ନୋଟିସ

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆ-ଯାଉଅଛି କି ବଡ଼ମ୍ବା ଷ୍ଟେଟର ନିମ୍ନଲିଖିତ ଅବକାରୀ, ତମାଖୁ ଠିକା ଓ ବନ୍ୟଜାତ ଦ୍ରବ୍ୟମାନ ସନ ୧୯୩୩।୩୪ ମସିହା ସକାଶେ ନିଲାମ କରାଯିବ। ଯେଉଁମାନେ ନିଲାମ ଡାକିବାକୁ ଇଚ୍ଛା କରନ୍ତି ସେମାନେ ଆସନ୍ତା ଫେବ୍ରୁଆରି ମାସ ତା ୭ ରଖ ଠାରୁ ତା ୧୪ ରଖ ସୁଦ୍ଧା ଉପସ୍ଥିତ ହୋଇ ଷ୍ଟେଟର ସୁପରିଣ୍ଟେଣ୍ଡେଣ୍ଟ ସାହେବ କଚେରୀରେ ନିଲାମ ଡାକି ପାରିବେ। ଯାହାଙ୍କ ଡାକ ସର୍ବୋଚ୍ଚ ହେବ କୌଣସି ଆପତ୍ତି ନଥିଲେ ତାଙ୍କ ନାମରେ ନିଲାମ ଖଲାସ କରାଯିବ। ତାହାଙ୍କୁ ଆଇନ ଅନୁସାରେ ଦେୟ ପ୍ରତିପାଳନ କରି ନିରସମନ ଜାମିନଙ୍କୁ ଏକ-ଚତୁର୍ଥାଂଶ ଅଗ୍ରୀମ ଡିପୋଜିଟ କରିବାକୁ ହେବ ଓ ନିରସମନ ଟଙ୍କାର ଶତକଡ଼ା ଟ ୧୦ ହାରରେ ସିକ୍ୟୁରିଟି ଦେବାକୁ ହେବ। ତାହାଙ୍କୁ ଏକବର୍ଷ ପଟ୍ଟାଣ ଲାଇସେନ୍ସ ଦିଆଯିବ। ଇତି। ତା ୨୧।୧।୧୯୩୩

ତପସିଲ

୧। କୋଠଘର
୨। କମଳାଗୁଣ୍ଡି
୩। ଲାକ୍ଷା ଓ ସୁନାରଛାଲି
୪। ବନ୍ୟଜାତ ଜନ୍ତୁର ଶିଂଘ ଓ ଛାଲ
୫। ହରଡ଼ା, ବାହାଡ଼ା, ଅଁଳା
୬। କେନ୍ଦୁପତ୍ର
୭। ଝାଳକୁଦ
୮। ଗାଈଜ ହାଟର ନାମ—
ମୌ। ମାଝିଆକନ୍ଧ
" ମଙ୍ଗରାଜପୁର
" ଦମାନ୍ତ୍ରାଇ
" ଗୋପିନାଥପୁର
" ବାଙ୍କର ସାହି
" ଲକ୍ଷ୍ମୀପାଟ
" ମୁଗ ଗନ୍ଧର୍ଭୀ
" ବଡ଼ବାଉ ସାହି
" ଖଲଦୀପ
୯। ଗୋରୁ, ମହିଷ, ଘିଅ, ଛାଲ, ସାପଛାଲ,
୧୦। ହାଡ଼
୧୧। ମସ୍ତଦଆ ନାମ—
ମାହାଳସ ମୌ। ଗୋପିନାଥପୁର।
" ମୁଗ ଗନ୍ଧର
" ବାଙ୍କ ଉ ସିଂହା
ମାହାଳସ ମସ୍ତଦଆ ଲୁ ୨
ମୌ। କାଣ୍ଡିଆପାଳ
" ମଙ୍ଗରାଜପୁର
" ପସାଙ୍ଗ
" ଗମେଇ
ବାଙ୍କିଆଳ ନାଳ
ଝିଭଣ ଜୋର
ପଥରଖାଇ ନାଳ
ଛେଲକଣ ସୁନୁହ ନାଳ
କଡ଼ବାଠିଆ ଜୋର
ସର୍ଷମୁଣ୍ଡା ନାଳ
ଅଠକାହିଆ ନାଳ
ଦାଣ୍ଡିଶ୍ୱରାଇ ପାଟ
ବାଙ୍କ ଉପିଣ୍ଡା ଜୋର
ଓଂ
୧୨। ମାହାଳସ ଘାଟ ନାମ—
ପଶାଙ୍ଗ
ଗୋପିନାଥପୁର
ବାଙ୍କ ଉ ସିଙ୍ଗା
ଓଂ
୧୩। ଦଣ୍ଡଳ ଫଳ
୧୪। ଗୀଲ
୧୫। କରଞ୍ଜ—
୧୬। ତେଲ
୧୭। ଭାଲିଆ
୧୮। ପଳାସି
୧୯। ଡ଼ାକଛଣ
୨୦। ଖଡ଼ରେଲ
୨୧। ଅଫିମ ଗଞ୍ଜେଇ
ଦୋକାନ ନାମ—
ମନ୍ଦୁଲିଆ
ନିଶାଗଡ଼
ଓମଣ ଗଡ଼ିଆ
} ସ୍ଥାଉଣ୍ଡ ସେଲ
ଓଂ

Superintendent
Baramba State.

---

No 51 28-1-33.

WANTED. Agents for the sale of Swadeshi Hosiery and Drapery on monthly salary including T. A. up to Rs. 225/- P. M. Apply with one anna stamp to—

Duni Chand Gurudial Trading Co.
Ludhiana

---

## ନିଲାମ ଇସ୍ତାହାର

ନ ୧୩୨୩ ମୂଳ ଡିକ୍ରିଜାରୀ ସନ ୧୯୩୨ ମସିହା
ଇଃ ଡ଼ିଷ୍ଟ୍ରିକ୍ଟ ମୁନସଫ କଟକ

ନାରାୟଣ ମାହାନ୍ତି ଓଗେର ଡିକ୍ରିଦାର ମାନେ
ପ୍ରହଲାଦ ଦାସ ଓଗେର ଦେଣଦାର ମାନେ

ଉକ୍ତ ମୋକଦ୍ଦମାରେ ନିମ୍ନଲିଖିତ ସମ୍ପତ୍ତିମାନ ତା ୧୫।୨।୩୩ ରଖରେ ନିଲାମହେବ

୧। ଖଃ କଟକ ପୁଲିସି ଷ୍ଟେସନ ମୁଃ ମାଲେସ୍ପୁର ଥାଃ କୁସୁମଣ୍ଡଳ ମୌଃ ନାରଙ୍ଗାପୁରରେ ଥିବା ନ ୧୩ ମୂଳ ଖ ତା ଦାଃ ଖଃ ଲଃ ବାଦେଇ ୪୧—୬୦ ମଧ୍ୟରୁ ଭିଃ ଟ ୦୫ ୪୦—୮୦ ନିଲାମହେବ ଆଃ ମୁଃ ଟ ୭୦୯

୨। ଖଃ ଏକନ ମୌଃ ଏକନରେ ଥିବା ନ ୪୭ ମୂଳ ଖାତା ଦାଃ ଲଃ ଦାଃ ଜମି ମଧ୍ୟ-ସତ୍ତ୍ୱାଧିକାରୀ ୫୧—୯୩ ଭିଃ ମଧ୍ୟରୁ ୫୦—୨୬—୫ ରୁ ଜମା ଟ ୦୧୦ ଆଃ ମୂଃ ଟ ୨୦୯

୩। ଖଃ ଏକନ ମୌଃ ଏକନରେ ଥିବା ନ ୪୨ ମୂଳ ଖାତା ଦାଃ ଲଃ ଦାଃ ମଧ୍ୟସ୍ୱତ୍ୱାଧିକାରୀ ୫୦—୬୩ ମଧ୍ୟରୁ ୫୦—୫୫ ରୁ ଜମା ଟ ୧୯୪ ଆଃ ମୂଃ ଟ ୫୦୯

୪। ଖଃ ଏକନ ମୌଃ ଏକନରେ ଥିବା ନ ୭୯ ମୂଳ ଖାତା ସ୍ଥିତିବାନ ୫୭—୯୧ ମଧ୍ୟରୁ ୫୦—୪୦ ରୁ ଜମା ଟ ୧।୧୦୩ ଆଃ ମୂଃ ଟ ୩୦୯

---

ବ୍ରତମାନଙ୍କ, ଓଡ଼ିଶାର ସମସ୍ତଙ୍କ ଆଳସ୍ୟ ଯୋଗୁଁପାଇ ସମଗ୍ର ଦେଶଟାକୁ ଖଣ୍ଡ ଦାରିଦ୍ର୍ୟ କରିଦେଉଛି।

ପୂର୍ବେ କୁହାଯାଇଛି ଯେ ଓଡ଼ିଶାର ଜନ-ସଂଖ୍ୟାର ଶତକଡ଼ା ପ୍ରାୟ ୬୭୦୧ ଲୋକ ଲୋକ ପିଛା ହାରାହାରି ୪-୫ ଏକର ଜମି ପଡ଼ୁଥିବା ପ୍ରକାଶରୁ ଜଣାପଡ଼େ। ଏହି ୫ ଏକର ଜମିରୁ ଅନ୍ତତଃ ଅର୍ଦ୍ଧ-ବାର୍ଷିକ ଧାନରୁ। କିନ୍ତୁ ଜମିକୁ ଉର୍ବର କରିବା, ବୈଜ୍ଞାନିକ ପ୍ରଣାଳୀରେ ସୁଷମ କରିବା ବିଷୟ ଉପଯୁକ୍ତ ଜ୍ଞାନ ନଥିବା ଯୋଗୁଁ ସେ ଅର୍ଦ୍ଧାଂଶ ସମସ୍ତରେ ଅଭାବଗ୍ରସ୍ତ ହୁଏ। ସରକାର ମଧ୍ୟ ଏଥିରେ ବିଶେଷ ଦୃଷ୍ଟି ଦେଇ ନାହାନ୍ତି। ଅନ୍ୟାନ୍ୟ ପ୍ରାନ୍ତୀୟ ପ୍ରଦେଶ ମାନଙ୍କରେ କୃଷି ବିଭାଗରେ ଯଥେଷ୍ଟ ଧନ ଖର୍ଚ୍ଚ ହୁଏ। କିନ୍ତୁ ଓଡ଼ିଶାରେ ଏହି ବିଭାଗରେ ଯେତେ ଖର୍ଚ୍ଚ ହୁଏ ତାହା ନଗଣ୍ୟ। କୃଷକର ଅଜ୍ଞତା ଓ ସରକାରଙ୍କ ଅବହେଳା ଯୋଗୁଁ ଦେଶରେ ସବୁବେଳେ ଅଭାବ ଲାଗିରହିଛି। ଓଡ଼ିଶାର ଗୋଟିଏ ସାଧାରଣ ପରିବାରର ବାର୍ଷିକ ଆୟ ତାର ବ୍ୟୟରୁ ନିଅଣ୍ଟ ପଡ଼ୁଥିବା କଥା ନୂତନ ନୁହେଁ।

ଓଡ଼ିଶାର କୃଷକର ଏହି ଦୁର୍ଦ୍ଦଶାର କାରଣ ଅନୁସନ୍ଧାନ ଗଭର୍ଣ୍ଣମେଣ୍ଟ ବସୁ ସନ୍ଧାନ କରିନଥିବା ବଡ଼ ଦୁଃଖର କଥା। ଅନୁସନ୍ଧାନ ଯେ ଏକାନ୍ତ ଆବଶ୍ୟକ ତାହା କହିବା ନିଷ୍ପ୍ରୟୋଜନ। ସ୍ଥୂଳତଃ ନିମ୍ନଲିଖିତ କାରଣ ଗୁଡ଼ିକ ଉଲ୍ଲେଖ କରାଯାଇପାରେ:—

(୧) ଜନସଂଖ୍ୟା ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି କିନ୍ତୁ ତା ଅନୁପାତରେ କୃଷି ଜମିର ପରିମାଣ ବୃଦ୍ଧି ପାଇନାହିଁ।

(୨) ବଂଶର ବୃଦ୍ଧିକ ଖଣ୍ଡ ହୋଇଯାଇ ଅଳ୍ପ ଆକାର ଧାରଣ କରୁଛି। ଲୁଟେମ୍ବୁ ବଦଳେ ସଙ୍ଗେ ଜଣପିଛା ଜମିର ପରିମାଣ ମଧ୍ୟ ହ୍ରାସ ହୋଇପଡ଼ୁଛି।

(୩) ବର୍ଷ ଭିତରେ ପ୍ରାୟ ୪ମାସ କୃଷକ ବେକାର ହୋଇ ବସୁଛି।

କ୍ରମଶଃ—

## ପ୍ରାପ୍ତ

ସମ୍ପାଦକ ମହାଶୟ,

କଟକପୁର ମାଇଗାଁ ରାସ୍ତାର ଭଙ୍ଗ ଅଂଶଟିରେ କାଳି ବିଛାଇବା ପାଇଁ କଟକ କଲେକ୍ଟର ବେଟେଡ ଟଙ୍କା ମଂଜୁର କରାଇଥିଲେ। ସେଥି-ପାଇଁ କରାଯିବାପାଇଁ ସର୍ବସାଧାରଣଙ୍କଠାରୁ ଟେଣ୍ଡର ମଗାଯାଇଥିଲା ଓ ଉକ୍ତ ଟେଣ୍ଡର ଦାଖଲ ପାଇଁ ୧୬।୧।୩୩ ଶେଷ ତାରିଖ ବୋଲି ନୋଟିସ୍ ଦିଆ ଯାଇଥିଲା କିନ୍ତୁ ଗୋପାଳ ମିଶ୍ର ଓ ହରେକୃଷ୍ଣ ସାହୁ ନାମକ ଦୁଇ ଜଣ ଲୋକ ଆଜକୁ ୧୫ ଦିନ ହେବ ଉକ୍ତ କାଳିବଣ କାର୍ଯ୍ୟ ଶେଷକରି ସାରି ୧୬ ତାରିଖରେ ସେମାନଙ୍କର ଟେଣ୍ଡର ଦାଖଲ କରିଅଛନ୍ତି। ବୋର୍ଡରେ ଏହିପରି ଅନେକ କାର୍ଯ୍ୟ ଘଟୁଅଛି। ଏପରି ହେବାର କାରଣ କଅଣ? ସେ ଦୁଇଜଣ ଲୋକ ଡିଷ୍ଟ୍ରିକ୍ଟ ବୋର୍ଡର ଏଷ୍ଟିମେଟ୍ ଅପେକ୍ଷା କମ ରେଟ୍‌ରେ ଉକ୍ତ କାଳିବଣ କାମ ପାଇଁ ଟେଣ୍ଡର ଦେଇ ଅଛନ୍ତି। ଦେଖାଯାଉ ପୂର୍ବ ବଜାର କମିଟିର ଓ ବୋର୍ଡରେ ଏପରି ସ୍ୱଇଚ୍ଛାକ କାର୍ଯ୍ୟ କପରି ଭାବରେ managed ହେଉଛି।

ଅପଣକର

ଶ୍ରୀ—



Digitized by srujanika@gmail.com

Split by PDF Splitter

REGISTERED NO. P 6

21


# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି.

ବାର୍ଷିକ ଅଗ୍ରୀମ ମୂଲ୍ୟ ଟ ୩ ୧
ପ୍ରତିଖଣ୍ଡ ଟ ୦ ୧୯

| ୬୮ ଭାଗ | Cuttack, Saturday the 28th January 1933<br>ମାଘ ଦ ୧୬ ଦିନ ସନ ୧୩୪୦ ସାଲ ଶନିବାର | ୪ ର୍ଥ ସଂଖ୍ୟା |
|---|---|---|



32 26-2-32

## JECI ENDI CHADDARS

BEST FOR WINTER. PURE SILKY, NOT A SINGLE THREAD OF COTTON IS MIXED, UNSHRINKABLE, DURABLE, SOFT AND CHEAPEST. PRICE REDUCED CONSIDERING WORLD-WIDE ECONOMICAL CRISIS.

**Reduced Price Rs. 6/-**

Per Pair—(6 by $1\frac{1}{2}$ yds.)

POSTAGE & PACKING FREE. MONEY REFUNDED IF UNAPPROVED.

PLEASE READ WHAT OUR CUSTOMERS SAY.

"I have pleasure to state that Endi Chadars supplied by m/s. Jagannath Chanan Ram of Ludhiana, are very cheap and the firm is very prompt in its dealings."
(Sd.) Jatindra Mohan Chatterjee,
Dy. Collector, Jessore.
Dated 21-9-32.

"I had occasions to place orders with m/s. Jagannath Chanan Ram of Ludhiana, for some Endi Chadars. I find these useful.
(Sd.) K. P. Ghosh,
Deputy Magistrate,
Jalpaiguri.
Dated 7-9-32.

TO GET YOUR PAIR IN TIME PLEASE ORDER FOR THE SAME IMMEDIATELY.

**Jagannath Chanan Ram,**
Props. JECI WEAVING FACTORY,
LUDHIANA. (Upper India).



୩୩୫ ୧୨।୩୩

## ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ
ସରେଇକଳା

ଆମ୍ଭେ ଟ ୩୦ ଟଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ଷ ଟେଲରିଂ; ଟ ୨୫ ଟଙ୍କା ନେଇ ୨ ମାସରେ ଫୁଲକୋର୍ଷ ଫଟୋଗ୍ରାଫ୍, ଟ ୩୦ ଟଙ୍କା ନେଇ ଏକମାସରେ ନାନା ପ୍ରକାର ସାବୁନ ଓ ନାମ ମାତ୍ର ଫି ନେଇ ନାଲ, କେଶତୈଳ ପ୍ରଭୃତି ନାନା ରକମ ଗୃହଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଉଥାଉଁ। ଅନ୍ୟମାନଙ୍କ ଲୁଗା ନେଇ ଉଁଚ ଓ ସେମାନ ଶିକ୍ଷା ଦେଉଥାଉଁ। ବାସସ୍ଥାନ ପାଇଁ ଏବଂ ଭୋଜନ ବେଳେ ଡାକ୍ତର ଓ ଔଷଧ ଲାଗି ଏକପଇସା ସୁଦ୍ଧା ଲାଗେ ନାହିଁ। ଜଳବାୟୁ ସ୍ୱାସ୍ଥ୍ୟପ୍ରଦ। ଏଠାରେ ଶିକ୍ଷା ସମାପ୍ତ ହେଲେ ଅଳ୍ପ ଅର୍ଥ ନେଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବେ। ଅନୁଷ୍ଠାନ ଭଳି ଛାତ୍ରମାନଙ୍କ ଏପରି ସୁବିଧା ଆଉ କୌଣସିଠାରେ ନାହିଁ। ସ୍କୁଲଟି ବି. ଏନ୍. ଆର ସିନି ଷ୍ଟେସନଠାରୁ ୨ ମାଇଲ ଦୂରରେ ଅବସ୍ଥିତ। ସେଥିପାଇଁ ସର୍ବଦା ଲୋକ ସହରର ସାହାଯ୍ୟ କରୁଛି। ବିସ୍ତାରିତ ବିବରଣ ପାଇଁ ଟ ୧୧ ଡାକ ଟିକଟ ସହ ପତ୍ର ଲେଖନ୍ତୁ।

ସେକରାଜ ଟେଲରିଂ ଏଣ୍ଡ୍ ଇଣ୍ଡଷ୍ଟ୍ରିଅଲ ଇନଷ୍ଟିଚ୍ୟୁସନ୍
ପୋ: ସରେଇକଳା, ଭାୟା ସିନି, ଜିଲ୍ଲା ସିଂହଭୂମ


No 51 28-1-33.

WANTED. Agents for the sale of Swadeshi Hosiery and Drapery on monthly salary including T. A. up to Rs. 225/- P. M. Apply with one anna stamp to—

Duni Chand Gurudial Trading Co.
Ludhiana

No. 53 28. 1 33

Advertisement

Wanted a trained Matriculate for the post of an Additional teacher of the Gupta Middle English School of this State on a time scale pay of Rs. 25-1-40/- per month with benefit of the State Provident Fund. The candidate must be an energatic young man having special qualification in sports.

Applications stating age, qualifications and past services together with copies of testimonials will be received by the undersigned upto the 20th January 1932.

Superintendent,
Nayagarh State.
P. O. Nayagarh. Via Khurda Road Stn.
B. N. Ry

No. 54 28. 1. 33

WANTED two assistants on Rs. 55t each, qualifications I. A. or I. Sc. Applications should reach before the 23rd January.

Also wanted a typist on Rs. 70. Must be Matriculate with thorough knowledge of typing at the rate of 30 words per minute. Apply before 1st February.

S. ANWAR YUSOOF,
Secretary to the Legislative Council.

No 63 28. 1. 33

Is hereby given that the lease for the collection of kendu leaves from the Bamra State will be sold by the undersigned at the Bamra Station in the Rest House premises at 3. 30 P. M. on 7. 2. 33.

Sd/- H. McPherson,
Superintendent
Bamra State.

Digitized by srujanika@gmail.com

Split by PDF Splitter



No. 59 28. 1. 33

Government of Bihar And Orissa
Finance Department.

Advertisement.

An examination for admission to the lower division of the Secretariat will be held in April. Applications will be received by the undersigned up to the 21st February 1933. Age limit 18 to 25, qualifications required I. A. or corresponding examination in case of Anglo Indians. Full details published in Gazette of 18th January. Copies may be obtained from the undersigned or from Commissioner, Cuttack.

Patna.
The 21st January 1933.

Under Secretary
to Government

No. 58. 28. 1. 33

Advertisement.

Wanted a steno-typist on the grade of Rs. 100-5-150 a month for the Office of the Commissioner, Orissa Division. None but really qualified and really experienced men need apply. Applications will be received by the undersigned on or before the 15th February 1933. The selected candidate will have to join at once. No person who is not a native of, or domiciled in the Province need apply. The latter should furnish domicile certificate.

Sd/, B. N. Misra,
Personal Assistant to Commissioner,
Orissa Division.

RAVENSHAW COLLEGE OLD BOYS' ASSOCIATION.
CUTTACK.

The annual meeting (business meeting) of the Association will be held on Saturday, the 4th February, 1933 in the College Assembly Hall at 3. 30 P. M. to consider among other routine business the draft rules of the Association.

Members are cordially invited to attend.

Cuttack

24-1-1933.

N. C. Banerji.
G. S. Das.
Joint Hony. Secretaries.
Ravenshaw College.
Old Boys' Association,

୩୬ ଡିସେମ୍ବର ୧୯୩୩

# ଗୋଦର, କୋରଣ୍ଡ ଓ ଏକଶିରାର

**ଅବ୍ୟର୍ଥ ମହୌଷଧ**

ନୂତନ ଓ ପୁରାତନ ଯେପରି ଗୋଦର ଗୋଡ଼ କୋରଣ୍ଡ ଓ ଏକଶିରା ହେଉ ନା କାହିଁକି ଏକମାସ ମଧ୍ୟରେ ଆରୋଗ୍ୟ ଭଲ ହେବ। ନହେଲେ ମୂଲ୍ୟ ଫେରସ୍ତ ଦିଆଯିବ। ପ୍ରତ୍ୟେକର ମୂଲ୍ୟ ଟ୧୷ ମାତ୍ର।

ଡାକମାସୁଲ ସ୍ୱତନ୍ତ୍ର

ଶ୍ରୀ ଭରତବନ୍ଧୁ ମହାନ୍ତି
ପୋ: ଅ: ଝଣ୍ଡେଇଭଲା
ଭାୟା-ସିନି। ସିଂହଭୂମ ଜିଲ୍ଲା

୬୦ ୧୬।୧।୩୩

## ବିଜ୍ଞାପନ

ମୁ: ଶ୍ରୀମନ୍ତ ଶ୍ରୀ ଯାଦବ ଭା: ନୟାଗଡ଼

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ନୟାଗଡ଼ ରାଜ୍ୟର ଉଲ୍ଲିଖିତ ଅବକାରୀ ଦୋକାନ ଓ ରମନ୍ତା ଠିକା ସନ ୧୯୩୩।୩୪ ମସିହା ସକାଶେ ପ୍ରକାଶ୍ୟ ନିଲାମ କରାଯିବ। ଯେଉଁମାନେ ନିଲାମ ଡାକିବାକୁ ଇଚ୍ଛା କରିବେ, ସେମାନେ ଆସନ୍ତା ଫେବ୍ରୁୟାରୀ ମାସ ତା ୨୩ ଉଗରେ ଓ ପରବର୍ତ୍ତୀ ନିର୍ଦ୍ଦିଷ୍ଟ ତାରିଖ ମାନଙ୍କରେ ଏହି ରାଜ୍ୟର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟରେ ଉପସ୍ଥିତ ହୋଇ ନିଲାମ ଡାକିପାରିବେ। ଯାହାଙ୍କର ଡାକ ସନ୍ତୋଷ ହେବ, କୌଣସି ଆପତ୍ତି ନଥିଲେ, ତାଙ୍କ ନାମରେ ନିଲାମ ଖତମ କରାଯିବ। ତାହାଙ୍କୁ ନିୟମାନୁସାରେ ଜରସବନ ଯମିନକୁ ଏକଚତୁର୍ଥାଂଶ ଅଗ୍ରୀମ ଡିପୋଜିଟ କରିବାକୁ ହେବ ଓ ତାହାଙ୍କୁ ଏକବର୍ଷ ସକାଶେ ଲାଇସେନ୍ସ ଦିଆଯିବ। ଇତି। ତା ୧୮।୧।୩୩

୧। ସରାପ ଦୋକାନ ଗୋ ୭ ଟି।
୨। ରମନ୍ତା ଠିକା।

Superintendant
Nayagarh State

୭୨ ୪।୨।୩୩

## ବିଜ୍ଞାପନ।

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଏ ରାଜ୍ୟର ହାଟ, ଘାଟ, ଡାଇନ-ହାଉସ, ମହୁଆ ଓ ଗଞ୍ଜା, ଅଫିମ, ସିଦ୍ଧି, ଦେଶୀୟ ମଦ ଦୋକାନମାନ ସନ ୧୯୩୩।୩୪ ମସିହା ନିମନ୍ତେ ତା ୨୭-୨-୩୩ ମସିହାଠାରୁ ତା ୭-୩-୩୩ ମସିହା ଯାଏ ଆନନ୍ଦପୁର, ଚମ୍ପୁଆ ଓ ସଦର ସବ୍-ଡିଭିଜନ ଅଫିସ ମାନଙ୍କରେ ନିଲାମ ହେବ।

ଚମ୍ପୁଆ ଓ ଆନନ୍ଦପୁର ସବ୍-ଡିଭିଜନ ମାନଙ୍କରେ ନିମ୍ନ ଲିଖିତ ମଦ, ଗଞ୍ଜା ଓ ଅଫିମ ଦୋକାନ ମାନ ଓ ଷ୍ଟେଟର ରମନ୍ତା ପଟ୍ଟା କେନ୍ଦୁଝର ଗଡ଼ ସଦର କଚେରୀରେ ତା ୮-୩-୩୩ ମସିହା ଠାରୁ ତା ୧୧-୩-୩୩ ମସିହା ଯାଏ ନିଲାମ ହେବ। ନିଲାମ ଗ୍ରହଣେଚ୍ଛୁ ବ୍ୟକ୍ତିମାନେ ନିର୍ଦ୍ଧାରିତ ତାରିଖ ମାନଙ୍କରେ ଉପସ୍ଥିତ ହୋଇ ନିଲାମ ଡାକି ପାରିବେ। ନିଲାମ ଖତମ ହେଲେ ପ୍ରଚଳିତ ନିୟମାନୁସାରେ କବୁଲିୟତ ଲେଖିଦେଇ ପଟ୍ଟା ହାସଲ କରିବେ। ଇତି।

ତଫସିଲ।

ଆନନ୍ଦପୁର ସ: ଡି: ଅଫିସ

| | |
|---|---|
| ନିଜ ଆନନ୍ଦପୁର<br>ଧାକୋଡ଼ା<br>ଶାଳିଣିଆ | ଅଫିମ, ଗଞ୍ଜା, ସିଦ୍ଧି |

ଚମ୍ପୁଆ ସ: ଡି: ଅଫିସ

ବଡ଼ବିଲ-ଅଫମ, ଗଞ୍ଜା, ସିଦ୍ଧି, ମଦ

| | |
|---|---|
| କଣ୍ଡରା, ଉଦାସାହି, ଯୋଡ଼ା,<br>କଟେଲ, ଗୁଆଲି, ଝୁମ୍ପୁରା,<br>ଜୋଦାଗଡ଼ିଆ | ମଦ |

କେନ୍ଦୁଝର ଗଡ଼।
ତା ୧୮।୧।୧୯୩୩ ମସିହା

J. K. Tripathi
Dewan.
Keonjhar State.

୬୭ ୨୮।୧।୩୩

## ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭେ ନୋଟିସ ଦାତା ଜଗିବନ୍ଧୁ ଦାସ ପି: ହରେକୃଷ୍ଣ ଦାସ ସା: ଲୁହାପଡ଼ା ଗ୍ରା ଶାଳଭଡ଼ ନଗର ଥାନା ମାହାଙ୍ଗା ଜି: କଟକ ରୋଷ୍ଟର ଜଣାଇ ମୁସ୍ତର ମନ୍‌ଡ଼ାଇ ପି: ଅଯୋଧ୍ୟା ଦାସ ସା: ଅଲୋକଡ଼ା ଗ୍ରା: ସୁବାପଡ଼ା ଥାନା ମାହାଙ୍ଗା ଜି: କଟକଙ୍କ ନାମେ ତା ୧୦।୧।୩୩ ରଖେ ଟ୩୫୦ଙ୍କା କରଯମନତରେ ନ ୪୭୩୩ ମ୍ବର ମୌଜା ମହିପୁର ଗ୍ରା: ସୁବାପଡ଼ା ଜି: ଟ୦।୯ ରୁ ଦେଇ ଜମା ଟ୨୨।୯ ରେ ନ ୧୬୭ ମ୍ବର ଖେଳପତ୍ର ସମ୍ବନ୍ଧ ତଉଜି ନ ୪ ମ୍ବର ଭୂମି ୧୬୧।୧୬।୪ ପୁଷ୍ଠା ହାର ଏ ଜନ୍ମସ୍ୱ କରିଥିଲି କିନ୍ତୁ ଉପରୋକ୍ତ ମୁସ୍ତର ଜରସମନ ଟଙ୍କା ଦେବାରେ ଟାଳଟୁଳ କରିବା ଓ ଆମ୍ଭଠାରୁ ଦଲିଲ ଓ ଆପନ୍ତ ନେବାରୁ ଅଦ୍ୟ ନୋଟିସ ଦ୍ୱାରା ଉପରୋକ୍ତ ଜମାର ରଦ ରହିତ ହେବାର ପ୍ରସ୍ତାବରୁ ସର୍ବସାଧାରଣଙ୍କୁ ଜଣାଇ ଦେଲୁ। ଇତି। ତା ୨୨।୧।୩୩

ଶ୍ରୀ ଜଗନ୍ନାଥ ଦାସ

୬୧ ୨୮।୧।୩୩

## ନୋଟିସ

ଅଯୋଧ୍ୟା ଦେଇ ସ୍ୱାମୀ ଜଗ ମୁଣ୍ଡି ସା: ଉଆଳିଆ ଗ୍ରା: ଗୋପିନାଥପୁର ଥାନା ଯାଜପୁର ନିବାସୀ

୧। ଜଗବନ୍ଧୁ ସାହୁ ପି: ଗୌରାଙ୍ଗ ସାହୁ
୨। ପି: ରୂପ ସାହୁ ସା: ଗୋପିନାଥପୁର ଗ୍ରା: ଉଦୟପୁର ଥାନା ଯାଜପୁର
୨। କରସିଂ ସାହୁ ସା: ଗୋପିନାଥପୁର ଗ୍ରା: ଉଦୟପୁର
୩। ଲକ୍ଷ୍ମୀଧର ସାହୁ ସା: କାହାନୀ

ଆସାମୀମାନଙ୍କୁ ଯେ ତ କ୍ଷମତା ପତ୍ର ଦେଇଥିଲି ଉକ୍ତ ଆସାମୀମାନେ ଅମ୍ଭର ସମସ୍ତ ଅସମ୍ମତରେ ଖତ କରୁଥିବାର ଜାଣି ଅଦ୍ୟଠାରୁ ଏମାନ ଷ୍ଟେମଡାୟକରୁ ରଦ କରୁଅଛୁ। ଅଦ୍ୟ ତାରିଖରୁ ଏମାନେ ଆମ୍ଭର କୌଣସି ଟଙ୍କା ଲୁଆଣି କରିବେ ନାହିଁ ଓ ଆମ୍ଭ ସମ୍ପତ୍ତିରେ କୌଣସି ମାଲ ମକଦମାରେ କମାଡ଼ବାର ଓ ଜେଲ କରିପାରିବେ ନାହିଁ। ଅଦ୍ୟଠାରୁ ସତର୍କ ହେଲେ।

## ନିଲାମ ଇସ୍ତାହାର

ନ ୨୦୩/୧୯୩୨ ମ୍ବର ଜାରି ସନ ୧୯୩୨ ମସିହା

ଲ: ଏଡ଼ିସ୍ନ ମୁନସଫି କଟକ

କନୁଆର ଲାଲ ଡିକ୍ରି
ଅନନ୍ତ ଦାଶ ଓଗେର ଦେ: ମାଲେ

ଡିକ୍ରିଦାରଙ୍କର ଜାରଭଉ ଓଗେର ଟଙ୍କା ଆଦାୟ ସକାଶେ ଦେଣଦାରର ଜମ୍ବ୍‌ଲିଖିତ ସମ୍ପତ୍ତି ତା ୧୫।୨।୩୩ ରଖେ ନିଲାମହେବ

ଜି: କଟକ ପୁ: ଷ୍ଟେ: ପ: ଭର୍ତ୍ତୋଳ ଗ୍ରା: ଭରଣ ମୌ: କଣିକୋ ଭଲଦାବେ ପ୍ରଜା ହାଲ ଜତୋକସ୍ତର ସ୍ଥିତିବାନ ଇସ୍ତ୍ରଗ ନ ୩୭ ମ୍ବର ଖାତା ଦା: ୫୭—୯୫ ଦ୍ରୁ: ମଧ୍ୟରୁ ଜ ୬ ମ୍ବର ଦେ: ଜଗଲ ୫୧—୫୫୨ ରୁ ଜମା ଟ୫୷ ଅଙ୍କେ ଖା: ମୁ: ଟ୫୦୧

Digitized by srujanika@gmail.com

ଭାରତ

# ଶାସନ ସଂସ୍କାର

## ଗୋଲଟେବୁଲରେ ବ୍ୟବସ୍ଥା

ଭାରତ ଶ୍ରମିକ ସମ୍ପ୍ରଦାୟର ନେତା ମିଃ ଏନ୍‌. ଏମ୍‌. ଯୋଶି ଭାରତର ଶ୍ରମିକମାନଙ୍କ ପ୍ରତିନିଧି ଭାବରେ ଗୋଲଟେବୁଲ ବୈଠକରେ ଯୋଗ ଦେଇଥିଲେ । ୧୮ ତାରିଖରେ ବିଲାତରୁ ଭାରତକୁ ଫେରି ମାନ୍ଦ୍ରାଜଠାରେ ଗୋଲଟେବୁଲର ଫଳାଫଳ ବିଷୟରେ ସେ କହିଲେ ଯେ ଏଥର ଗୋଲଟେବୁଲ ବୈଠକରେ ଭାରତର ହିନ୍ଦୁ ଏବଂ ମୁସଲମାନ ପ୍ରତିନିଧିମାନଙ୍କ କୌଣସି ମତାମତ କିମ୍ବା ପରାମର୍ଶ ଗ୍ରହଣ ନକରି ବିଲାତ ସରକାର ପ୍ରତିନିଧିଙ୍କ ପରାମର୍ଶ ଏବଂ ଇଚ୍ଛା ଅନୁଯାୟୀ କାର୍ଯ୍ୟ ହୋଇଛି । ଶାସନ ବିଷୟକ ଅନେକ କଥାର କୌଣସି ମୀମାଂସା ହୋଇନାହିଁ । ଭାରତ ସରକାର ଏବଂ ପ୍ରାଦେଶିକ ସରକାର ମାନଙ୍କର ଭାରତ ସଚିବଙ୍କ ସହିତ କିପ୍ରକାର ସମ୍ପର୍କ ରହିବ ତାର ମୀମାଂସା ହୋଇନାହିଁ । ଶ୍ରମିକମାନଙ୍କ ନିମନ୍ତେ କିଛି ବ୍ୟବସ୍ଥା ହୋଇନାହିଁ । ଜାତି ଧର୍ମ ନେଇ ଯେତେକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଶ୍ରମିକ ଦଳକୁ ବାଦ ଦିଆଯାଇ ତାହାମନ୍ତେ କୌଣସି ସୁବିଧା କରା ହୋଇ ନାହିଁ । ଗୋଲଟେବୁଲ ଫଳାଫଳ ବିଷୟରେ ସରକାରୀ ଇସ୍ତାହାର ବାହାରିଲା ପରେ ଭାରତର ରାଜନୀତିଜ୍ଞମାନଙ୍କୁ ଏକଯୋଗରେ ଏତେବେଳ ବ୍ୟବସ୍ଥାର ପରିବର୍ତ୍ତନ ନିମନ୍ତେ ଖୁବ ଉଦ୍ୟମ ଲଗାଇବାକୁ ହେବ । ସମସ୍ତେ ଏକତ୍ର ହୋଇ ସହଯୋଗରେ ଯତ୍ନକଲେ ନିଶ୍ଚୟ ଫଳ ହେବାର ସମ୍ଭାବନା ।

—※—

ସାର ତର୍ଜ୍ୟାପତି ଜାହାଙ୍ଗିର ଗୋଲଟେବୁଲ ସଭାରୁ ଫେରି କହିଲେ, "ମୁଁ ଭାରତକୁ ଫେରି ଦେଖୁଛି ସମସ୍ତେ କହନ୍ତି, ଗୋଲଟେବୁଲ ଫଳାଫଳ ବିଷୟରେ କାହାର ଆସ୍ଥା ନାହିଁ । କିନ୍ତୁ ଦୁଃଖ କରିବାର କିମ୍ବା ନିରାଶହେବାର କୌଣସି କାରଣ ନାହିଁ । ଗୋଲଟେବୁଲରେ ଅନେକକାର୍ଯ୍ୟ ହୋଇଛି ଏବଂ ଭାରତର ଅନେକ ସୁବିଧା କରା ହୋଇଛି ।"

———

ଶ୍ରୀଯୁକ୍ତ ଜୟକାର ପୁନାଠାରେ ଏକ ସଭାରେ କହିଲେ, "ମୋର ମୋ ଦେଶବାସିଙ୍କି ଅନୁରୋଧ ସେ କେହି ବିମୁଖ ନହୋଇ ନୂଆ ଶାସନସଂସ୍କାର ବିଷୟରେ ଆଶାନ୍ୱିତ ହୁଅନ୍ତୁ ଏବଂ ସହଯୋଗ କରନ୍ତୁ ଏବଂ ସମସ୍ତେ ମନେ ରଖନ୍ତୁ ଯେ ତୁମ୍ଭେ ସହଯୋଗ ନକଲେ ମଧ୍ୟ ଶାସନସଂସ୍କାର କାର୍ଯ୍ୟ ଦେଶ ଚଳିବକରେ ଚାଲିବ । ତୁମ୍ଭେ କୌଣସି ବାଧାଦେଇ ପାରିବ ନାହିଁ । ହତାଶର କୌଣସି କାରଣ ନାହିଁ ।" ଗୋଲଟେବୁଲର ବ୍ୟବସ୍ଥା ବିଷୟରେ ସେ କହିଥିଲେ, "ପ୍ରାଦେଶିକ ସ୍ୱାତନ୍ତ୍ର୍ୟତା ନିଶ୍ଚୟ ହେବ । ପ୍ରତ୍ୟେକ ପ୍ରଦେଶର ଶାସନଭାର ଲୋକ ପ୍ରତିନିଧି ମନ୍ତ୍ରୀମାନଙ୍କ ହାତରେ ରହିବ ଏବଂ ସେମାନଙ୍କ କାର୍ଯ୍ୟ କଳାପ ନିମନ୍ତେ ସେ ମନ୍ତ୍ରୀମାନେ ପ୍ରାଦେଶିକ ବ୍ୟବସ୍ଥାପକ ସଭାରେ ଦାୟୀ ରହିବେ । ବର୍ତ୍ତମାନ ସରକାରଙ୍କର ସମସ୍ତ ବିଭାଗ ସରକାରଙ୍କ ଦ୍ୱାରା ନିଯୁକ୍ତ ସରକାରୀ କର୍ମଚାରୀମାନଙ୍କଠାରେ ନ୍ୟସ୍ତ ଅଛି । ବ୍ୟବସ୍ଥାପକ ସଭାର କୌଣସି କର୍ତ୍ତୃତ୍ୱ ସେମାନଙ୍କ ଉପରେ ନାହିଁ । କେବଳ ଜେତେଜଣ ମନ୍ତ୍ରୀ କେତେଟା ବାଜେ ବିଭାଗର ଭାରନେଇ ବସିଛନ୍ତି । ସେ ମନ୍ତ୍ରୀମାନଙ୍କର ମଧ୍ୟ କୌଣସି କ୍ଷମତା ପ୍ରକୃତ ଭାବରେ ନାହିଁ । ନୂଆ ଶାସନରେ ସରକାରଙ୍କ ସମସ୍ତ ବିଭାଗ ବ୍ୟବସ୍ଥାପକ ସଭା ଦ୍ୱାରା ନିଯୁକ୍ତ ମନ୍ତ୍ରୀମାନଙ୍କ ହାତରେ ରହିବ । ମନ୍ତ୍ରୀମାନଙ୍କୁ ପୂରା କ୍ଷମତା ଦିଆଯିବ ଏବଂ ସେମାନଙ୍କ ଉପରେ ବ୍ୟବସ୍ଥାପକ ସଭାର ପୂରା କର୍ତ୍ତୃତ୍ୱ ରହିବ । ଲାଟସାହେବ ଜଣେ ରହିବେ । କିନ୍ତୁ ତାଙ୍କର ସାମାନ୍ୟ କ୍ଷମତା ରହିବ । ସେ କେବଳ ସଂଖ୍ୟାଲଘିଷ୍ଠ ଜାତିମାନଙ୍କ ବିଷୟରେ ଏବଂ ରାଜ୍ୟରେ ଅଶାନ୍ତି ଜନକ ବିଶେଷ କୌଣସି ଘଟଣା ଘଟିଲେ ଶାସନରେ ହସ୍ତକ୍ଷେପ କରିପାରିବେ । ଅନ୍ୟ କୌଣସି ବିଷୟରେ ତାଙ୍କର କୌଣସି କ୍ଷମତା ନାହିଁ । କେନ୍ଦ୍ରୀୟ ସରକାରଙ୍କର ମଧ୍ୟ ସେହିପରି ଭାବରେ ସମସ୍ତ ବିଷୟରେ କ୍ଷମତା ରହିବ । କେବଳ ବଡଲାଟଙ୍କର ସୈନ୍ୟ ବିଭାଗ ଏବଂ ପରରାଷ୍ଟ୍ର ବିଭାଗରେ କ୍ଷମତା ରହିବ । ଅନ୍ୟ ସମସ୍ତ ବିଷୟ ମନ୍ତ୍ରୀମାନେ ପୂରା ଦାୟିତ୍ୱ ନେଇ କାର୍ଯ୍ୟ କରିବେ ।

ଏହିପରି ବ୍ୟବସ୍ଥା ନୂଆ ଶାସନରେ ରହିବ । ଏ ବ୍ୟବସ୍ଥା କଣ ଆମ୍ଭମାନଙ୍କ ପକ୍ଷରେ ମଙ୍ଗଳ ଜନକ ନୁହେଁ ?"

———

ଦେଓ୍ୱାନ ବାହାଦୁର ଏ. ରାମସ୍ୱାମୀ ମୁଦାଲିୟର ଗୋଲଟେବୁଲରୁ ଫେରି ମାନ୍ଦ୍ରାଜଠାରେ ଏକ ସଭାରେ କହିଲେ, "ମୁଁ ଗୋଲଟେବୁଲର ଫଳାଫଳ ବିଷୟରେ ଆଦୌ ନିରାଶ ନୁହେଁ । ଏକଥା ସତ ଯେ ଭାରତର ବିଶିଷ୍ଟ ପ୍ରତିନିଧିମାନଙ୍କ ପରାମର୍ଶ ବିଲାତ ସରକାର ଗ୍ରହଣ ନକରି ବିଲାତ ପ୍ରତିନିଧିଙ୍କ କଥାରେ ଚାଲିତ ହୋଇଛନ୍ତି । କିନ୍ତୁ ଏକଥା ପାଇଁ ଆମ୍ଭେମାନେ ସେମାନଙ୍କ ଦୋଷଦେଇ ପାରିବୁ ନାହିଁ । କାରଣ ଆମ୍ଭମାନଙ୍କ ମଧ୍ୟରେ ଏକତାର ବିଶେଷ ଅଭାବ । ନିଜ ନିଜ ମଧ୍ୟରେ ଆମ୍ଭମାନଙ୍କର ମନୋମାଳିନ୍ୟ, ଅବିଶ୍ୱାସ—ଏପରି ଅବସ୍ଥାରେ ବିଲାତ ସରକାର କରନ୍ତେ କ'ଣ ? ଯେଉଁ ଉପରକୁ ବେଶି ମତ ହେଲା ସେହି ଉପରେ ସେ ଚାଲିଲେ । ଭାରତ ସଚିବ ସାର ହୋରଙ୍କ ଚେଷ୍ଟାରେ ସାହାଯ୍ୟ ହେଉ ନଥିଲେ ଫଳ ଅଧିକ ମନ୍ଦ ହେବାର ଆଶଙ୍କା ଥିଲା । ଦ୍ୱିତୀୟ ଗୋଲଟେବୁଲ ବୈଠକ ସମୟରେ ସାର ହୋର ନୂଆ ହୋଇ ସରକାରୀ କାର୍ଯ୍ୟ ଗ୍ରହଣ କରିଥିଲେ ଏବଂ ସେତେ ଅଭିଜ୍ଞତା ତାଙ୍କର ନଥିଲା । କିନ୍ତୁ ବର୍ତ୍ତମାନରେ ତାଙ୍କର ଅନେକ ପରିବର୍ତ୍ତନ ହୋଇଛି । ବର୍ତ୍ତମାନ କାର୍ଯ୍ୟକାରୀ ଖୁବ ଯୋଗ୍ୟ ସେ ହୋଇଛନ୍ତି । ସେ ଖୁବ ସାହସରେ ଆମ୍ଭମାନଙ୍କୁ ସାହାଯ୍ୟ କରିଛନ୍ତି । ତାଙ୍କୁ ଧନ୍ୟବାଦ ।"

—※—

ଆଚାର୍ଯ୍ୟ

# ହରିହର ଦାସ

ଆଚାର୍ଯ୍ୟ ହରିହର ଦାସଙ୍କୁ ଛଅମାସ ଜେଲ ଦଣ୍ଡ ହୁକୁମ ହୋଇଛି ।

———

ଭାରତର

# ସୁନା ରପ୍ତାନୀ

ଜାନୁୟାରୀ ୧୪ ତାରିଖ ଦିନ ଶେଷ ହୋଇଥିବା ସପ୍ତାହରେ ଭାରତରୁ ଦୋଟିଏ ୫୮ ଲକ୍ଷ ଟଙ୍କାର ସୁନା ବିଦେଶକୁ ରପ୍ତାନି ହୋଇଛି ।

———

## ପୁତ୍ରଦ୍ୱାରା ପିତା ନିହତ

ବାପ, ମା, ପୁଅ ସଂସାରରେ ଏହି ତିନିଜଣ ସୁଖରେ ଥାନ୍ତି । ପୁଅର ବୟସ ୧୬ ବର୍ଷ । ଏହି ଅବସ୍ଥାରେ ବାପ ଅନ୍ୟ ଏକ ସୁନ୍ଦର ରମଣୀ ପ୍ରତି ଆସକ୍ତ ହୋଇ ନିଜ ସ୍ତ୍ରୀକୁ ଅନାଦର କରେ ଏବଂ କ୍ରମେ କ୍ରମେ ତା ଉପରେ ଅତ୍ୟାଚାର କରେ । ପୁଅ ଏ କଥା ସହି ନପାରି ବାପକୁ ହାଣିଦେଇ ପୁଲିସ ଆଗରେ ସମସ୍ତ ଘଟଣା କହି ଆତ୍ମ ସମର୍ପଣ କରିଛି ।

———

## କଲିକତାରେ ଅସାଧାରଣ ଶୀତ

କଲିକତାରେ କେତେ ଦିନ ହେବ ଅତି ମାତ୍ରାରେ ଶୀତ ପଡୁଛି । ଶୀତର ପ୍ରକୋପ ଏତେ ଦୂର କେବେ କଲିକତାରେ ହୋଇ ନ ଥିଲା ।

———

## ଭାରତରେ ବିଦେଶୀ ବାଣିଜ୍ୟ ପ୍ରସାର ଚେଷ୍ଟା ପଣ୍ଡହେଲା

ବିଦେଶୀ ବାଣିଜ୍ୟ ବିସ୍ତାର ଭାରତରେ ବେଶି ପରିମାଣରେ ଚାଲିବ ଏହି ଉଦ୍ଦେଶ୍ୟରେ ଦିଲ୍ଲୀରେ ଗୋଟାଏ କମ୍ପାନୀ ଗତ ବର୍ଷ ୧୦ କୋଟି ଟଙ୍କା ମୂଳଧନରେ ସ୍ଥାପିତ ହୋଇଥିଲା । ଟଙ୍କା ପଇସା ଏବଂ ହିସାବପତ୍ରରେ ଗୋଳମାଳ କରିଥିବାରୁ କମ୍ପାନୀର ଡିରେକ୍ଟର ଏବଂ ତାଙ୍କର ସହକାରୀଙ୍କୁ ପୁଲିସ ଗିରଫଦାର କରିଛି ।

———

## କଟକ ଖବର

କଟକ ୨୫-୧-୩୭

ଅଳ ଏଠା ପୁଲିସ ସ୍ୱରାଜ ପ୍ରେସ ଖାନତଲାସ କରିଥିଲେ । କାଲି ରାତିରୁ କେତୋଟି ବର୍ଷା ହେଉଛି । ସହରରେ ବସନ୍ତ ରୋଗର ପ୍ରକୋପ ବଢ଼ିଛି । ଚାଉଳ ଅମଦାନି ବହୁ ପରିମାଣରେ କମି ଗଲାଣି । ଚାଉଳ ଟଙ୍କାକୁ ୨୨ ସେର ଏବଂ ମୁଗ ୧୫ ସେର ବିକ୍ରୀ ହେଉଛି ।

———

## ବଙ୍ଗନେତା ସୁଭାଷ ଚନ୍ଦ୍ର ମୁକ୍ତ ହେବେ

ଶ୍ରୀଯୁକ୍ତ ସୁଭାଷଚନ୍ଦ୍ର ବୋଷ କ୍ଷୟରୋଗରେ ଭୋଗୁଥିବାରୁ ଏବଂ ଜେଲଖାନାରେ ତାଙ୍କର ରୋଗ ଆରୋଗ୍ୟ ହେବାର ସମ୍ଭାବନା ନଥିବାରୁ ସରକାର ତାଙ୍କୁ ମୁକ୍ତିଦେବେ ଏହି ସର୍ତ୍ତରେ ଯେ ସେ ଏଠାରେ କୌଣସି ରାଜନୈତିକ ଆନ୍ଦୋଳନରେ ଯୋଗ ନଦେଇ ଚିକିତ୍ସା ନିମନ୍ତେ ୟୁରୋପ ଯାତ୍ରା କରିବେ । ସୁଭାଷଚନ୍ଦ୍ରଙ୍କ ଭ୍ରାତା ଡାକ୍ତର ସୁନୀଲ ବୋଷ ପ୍ରକାଶ କରିଛନ୍ତି ଯେ ଖଲାସ ହେବା ପରେ ସମ୍ଭବତଃ ସୁଭାଷଚନ୍ଦ୍ର କଟକ ଯାଇ ତାଙ୍କ ପିତା ରାୟ ବାହାଦୁର ଶ୍ରୀ ଜାନକୀ ନାଥ ବୋଷଙ୍କ ନିକଟରେ କିଛି ଦିନ ରହିବେ । ଏହିଠାରୁ ୟୁରୋପ ଯିବାର ବନ୍ଦୋବସ୍ତ ହେବ ।

—୦—

Digitized by srujanika@gmail.com

# ଉତ୍କଳଦୀପିକା

ଜାନୁୟାରୀ ତା ୨୮ ରିଖ ଶନିବାର

## ସମାଜ ସଂସ୍କାର

ଦେଶର ସାଧାରଣ ଲୋକେ ବୁଝିଦେଲାପେଟ ପୂର୍ତ୍ତିକର ଅନ୍ନ ପାଉନାହାନ୍ତି । ଅର୍ଥାଭାବରୁ ଶୀତ-ବସ୍ତ୍ର ବ୍ୟବହାର କରିବା ତ ଦୂରର କଥା ଲଜ୍ଜା-ନିବାରଣ ନିମନ୍ତେ ସାମାନ୍ୟ ବସ୍ତ୍ରଖଣ୍ଡେ ମଧ୍ୟ ସମସ୍ତଙ୍କର ନାହିଁ । କଲେରା, ବସନ୍ତ, ମେଲେରିଆ, ଶରୀରସ୍ଥାୟୀ ଚର୍ମରୋଗ ଏ ଦେଶରେ ଉପଦ୍ରବ କରୁଛନ୍ତି । କୃଷିଜୀବି ଲୋକ ବଳବାନ୍ ଗୋରୁ ଛାଡ଼ିଦେଇ ଖୋରାକି ଉଦ୍ଦେଶ୍ୟରେ ବିଦେଶ ପଳାଉଛନ୍ତି । ଚାଷ କରିବାକୁ କ'ଣ ପାଇବେ, ଯାହା ଅମଦାନି କରେ ତାହା ଖଜଣାକୁ ନିଅଣ୍ଟ । ପଥର, ଗୌଡ଼-ଜାଗର, କଇଁକର ଦେଇ କୁଟୁମ୍ବ ଭରଣପୋଷଣ ନିମନ୍ତେ ରହିବେ କ'ଣ ? ବିଦେଶରେ ମଧ୍ୟ କାରବାର ବନ୍ଦ । ସୁବିଧା ବା ଏବେ ଅଧିକ କୁଆଡୁ ? ଯେଉଁ-ଲୋକ ମାସକୁ ୨୦ ଟଙ୍କା ଶ୍ରାବଣର ପରିଶ୍ରମ କରି ଉପାର୍ଜନ କରୁଥିଲା ସେ ବର୍ତ୍ତମାନ ମାସକୁ ୧୫ ଟଙ୍କା ଉପାର୍ଜନ କରିବା ଦୁରୂହ । ଧାନ ଟଙ୍କାରେ ୧୬ ସେରିଏ ମିଳିଲେ ମଧ୍ୟ ଲୋକେ ଅନାହାରରେ ରହୁଛନ୍ତି । ଲୁଗା ଅତି ସସ୍ତା ହେଲେ ମଧ୍ୟ ପିନ୍ଧିବାକୁ ଲୋକେ ପାଉ ନାହାନ୍ତି । ଦେଶର ଏ ଅବସ୍ଥା, ଏ ଅଭାବ ଦୂରୀଭୂତ କରିବା ଉପାୟ ନିମନ୍ତେ କ୍ଷମତା ଥାଉ ବା ନଥାଉ ଦେଶର ଏକ ସମ୍ପ୍ରଦାୟର ଲୋକେ ସମାଜ ସଂସ୍କାର ଉଦ୍ଦେଶ୍ୟରେ ଆଇନ କରିବାରେ ବ୍ୟସ୍ତ । ଶାରଦା ଆଇନ, ବିବାହ-ବିଚ୍ଛେଦ ଆଇନ, ଧର୍ମ୍ମପ୍ରଚାର ଆଇନ ଏହିପରି ନୂଆ ନୂଆ ନାନାଦି ଆଇନର ସୃଷ୍ଟି ହେଉଛି । ସମାଜ ସଂସ୍କାର ବିଷୟରେ ଆଇନ ଗଢ଼ାହୁଏ କେବଳ ସାର ହେଉଛି, କିନ୍ତୁ ଦେଶ ଯେ ଭିକ୍ଷା ମାଗିବାକୁ ବସିଲାଣି, ଅର୍ଥାଭାବରେ ପାଗଳ ହେଲେଣି, ଅର୍ଥ ଚିନ୍ତା ଲୋକଙ୍କର ଏକ-ମାତ୍ର ଚିନ୍ତା ହୋଇ ପଡ଼ିଛି, ପେଟ ପୋଷିବାକୁ ଲୁଅନ୍ତି ମଲେଷିତ, ନେତାମାନେ ଏକଥା ଭାବନ୍ତି ବା ନାହିଁ ଆଇନ କଲେ ଦେଶଟା ସ୍ୱର୍ଗ ପାଲଟିବ ? ଦେଶର କୃଷି ଉପରେ ବୈଜ୍ଞାନିକ ପ୍ରଣାଳୀରେ ଉନ୍ନତ ହେବ, କୃଷିଜାତ ପଦାର୍ଥମାନ ଉପରେ ବିଦେଶ ସ୍ଥାନ ହେବ, ଦେଶର ବ୍ୟବ-ସାୟ ଉପରେ ନୂତନ ନିୟମ ହେବେ, ଦେଶର ବାଣିଜ୍ୟ ବ୍ୟବସାୟର ଉପରେ ଉନ୍ନତି ହେବ ଏବଂ ଶିଳ୍ପ କଳାର ଏ ବିଷୟରେ କିଛି ଚେଷ୍ଟା ନାହିଁ । କେବଳ ବକ୍ତୃତାରେ ସମସ୍ତ ସମସ୍ୟାରେ ଉପଦେଶ କେତେ କେତେ କହିବାର ଶୁଣାଯାଏ । କିନ୍ତୁ କାର୍ଯ୍ୟରେ କେତେଦୂର କ'ଣ ହେବ କରୁଛନ୍ତି ?

## ଇଉରୋପରେ ଧାନ ଆମଦାନୀ ବହୁ ପରିମାଣରେ ହେଲା

ଏ ବର୍ଷ ମଧ୍ୟ ଇଉରୋପରେ ବହୁ ପରିମାଣରେ ଧାନ ଫସଲ ହୋଇ ଖୁବ ଭଲ ଅମଦାନି ହୋଇଛି । ହଲାଣ୍ଡ, ଡେନମାର୍କ, ସ୍ୱିସ୍, ଅଷ୍ଟ୍ରିଆ, ଜର୍ମେନୀ ପ୍ରଭୃତି ସ୍ଥାନରେ ଧାନ ଖୁବ ଭଲ ହୋଇଥିଲା । ଏବର୍ଷ ବେଶି ପରିମାଣରେ ଅମଦାନୀର ଚେଷ୍ଟା ଚାଲିଛି ।

## ନଦୀ ମାହାସୁଲ

କାଠଯୋଡ଼ି ନଦୀରେ ପାଣି କମିଗଲେ ବାଲି ଉପରେ ରାସ୍ତା ହୋଇଥାଏ ଏବଂ ପାଣି ଅଂଶ ଉପରେ ପୋଲ ହୁଏ । ଏହି ରାସ୍ତା ଏବଂ ପୋଲ କାହାର ହୁଏ ତାହା ଆମକୁ ଜଣାନାହିଁ । ଗଲା ମଙ୍ଗଳବାରେ ପାର ହବାକୁ ହେଲେ ସିଟାକୁ ୨ ଟଙ୍କା ଏବଂ ଫେରିବାକୁ ଦୁଇଟଙ୍କା ପଡ଼େ । କୁଆଖାଇ ନଦୀରେ ମଧ୍ୟ ସେହି ଅନୁସାରେ ମାହାସୁଲ ଲାଗେ । ନାକି କଟକ ଗୋଟିଏ ମୋଟରରେ ଗଲେ ଏବଂ ଫେରିଲେ ନଦୀ ମାସୁଲ କେବଳ ୮ ଟଙ୍କା ଲାଗିବ । ସରକାରୀ କର୍ମଚାରୀମାନଙ୍କୁ ବୋଧ ହୁଏ ଛାଡ଼ି ଦିଆଯାଏ, କିନ୍ତୁ ସର୍ବସାଧାରଣଙ୍କୁ ଏ ମାହାସୁଲ ଦେବାକୁ ପଡ଼ୁଛି । ହେଲେ ବିଷୟ ଆଜି ଚାଲି ସୁମୁଦ୍ୟ ହେଲା ଏବଂ ରେଳ ଜଖାଜାଠୁଁ ଆରମ୍ଭ କରି ମୋଟର କମ୍ପାନି ପର୍ଯ୍ୟନ୍ତ ସମସ୍ତଙ୍କର ଭଡ଼ା କମିଲା କିନ୍ତୁ ଏ ନଦୀ ପାରହେବା ମାହାସୁଲ କମିଲା ନାହିଁ ତାହିଁକି ? ଭୁବନେଶ୍ୱର କଟକରୁ ଗଲେ ବାଟରେ ମଧ୍ୟ ଖୁବଗୋଟା ନଦୀ ପାର ହେବାକୁ ହୁଏ । ସେ ନଦୀମାନଙ୍କରେ ମଧ୍ୟ ସେହିପରି ମାହାସୁଲ ଲାଗେ । ଏ ମାହାସୁଲ ବର୍ତ୍ତମାନ ସମୟ ଏବଂ ଲୋକଙ୍କ ଅବସ୍ଥା ଦୃଷ୍ଟିରେ କମାଇ ଦେବା ଉଚିତ । ଆଶା-କରୁ କର୍ତ୍ତୃପକ୍ଷ ଏହାର ବିଚାର କରିବେ ।

—❁—

## ଆନ୍ଧ୍ର ନେତା ଶ୍ରୀଯୁକ୍ତ ଯୋଗେୟା ବିଲାତରୁ ଫେରିଲେ

ଗୋଲଟେବୁଲ ଆନ୍ଧ୍ରବାସୀଙ୍କ ପ୍ରତିନିଧି ଭାବରେ ଶ୍ରୀଯୁକ୍ତ କରିହାଟିର ଯୋଗେୟା ବିଲାତ ଯାଇଥିଲେ । ବର୍ତ୍ତମାନ ସେ ଫେରିଛନ୍ତି । ବ୍ରହ୍ମପୁର ସହର ଓ ତାଲୁକ ଓଡ଼ିଶା ପ୍ରଦେଶରେ ନ ମିଶାଇବା ପାଇଁ ସେ ଭାରତ ସଚିବ ଏବଂ ଓଡ଼ିଆ କମିଶନର ମିଃ ଓଡ଼ନେଲଙ୍କ ନିକଟ ଆସିଥିଲେ ଏବଂ ଆଶା କରନ୍ତି ଯେ ତାଙ୍କ ଦାବିର ଭଲ ଭାବରେ ବିଚାର କରାଯିବ ।

## କୁଇନାଇନ ଅଭାବ ହେଲା

ପୃଥିବୀର ସ୍ୱାସ୍ଥ୍ୟସଙ୍ଘର ରିପୋର୍ଟରୁ ଜଣାଯାଏ ଯେ ସମଗ୍ର ପୃଥିବୀ ନିମନ୍ତେ ବାର୍ଷିକ ୧୪୦୦ ଟନ କୁଇ-ନାଇନ ଦରକାର କିନ୍ତୁ ବର୍ତ୍ତମାନ ମୋଟେ ୬୦୦ ଟନ କୁଇନାଇନ ଉତ୍ପାଦନ କରାଯାଉଛି । ଭାର-ତର କୁଇନାଇନ ଭାରତବର୍ଷର ଚାହିଦାକୁ ନିଅଣ୍ଟ । କୁଇନାଇନର ଅମଦାନି ଉପରେ ଭାରତରେ ବାଟିକ ଭାର ଚେଷ୍ଟା ଲଗାଇବାର ଯତ୍ନ ହେଉଛି ।

## କୋଇଲାରୁ ମୋଟରତେଲ ଆମଦାନି ହେବ

ବୈଜ୍ଞାନିକମାନେ ଚେଷ୍ଟା କରୁଛନ୍ତି କିପରି ମୋଟର ତେଲ ପେଟ୍ରୋଲ ପରିବର୍ତ୍ତରେ ଶସ୍ତାରେ ଅନ୍ୟ କୌଣସି ତେଲ ଆବିଷ୍କାର କରାଯାଇପାରେ ଯାହାଦ୍ୱାରା କି ମୋଟର ଚାଲିପାରିବ । ବର୍ତ୍ତମାନ ଜଣାଯାଏ ଯେ ମାଞ୍ଚେଷ୍ଟରଠାରେ ଏକ ବୈଜ୍ଞା-ନିକ ସାଧାରଣ କୋଇଲାରୁ ବେନ୍‌ଜୋଲ ନାମରେ ଏକ ତେଲ ବାହାର କରିଛନ୍ତି । ସେ ତେଲରେ ମୋଟର ଚାଲିପାରିବ ଏବଂ ସେ ତେଲ ଖୁବ ଶସ୍ତା ଦରରେ ବିକି ହୋଇପାରିବ ।

—❁—

## ଭାରତ ସରକାରଙ୍କ ବୈଦେଶିକ କର୍ମ୍ମକର୍ତ୍ତା

ସାର ଏଭଲିନ୍ ହୋର୍ୱେଲ୍ ଭାରତ ସରକାରଙ୍କ ବୈଦେଶିକ ସେକ୍ରେଟେରୀ ଥିଲେ । ଦେହ ଅସୁସ୍ଥ ହେବାରୁ ଛୁଟିନେଇ ସ୍ୱଦେଶକୁ ଯାଇଥିଲେ । ଦେହ ଭଲ ନହୋଇ ସେଠାରେ ବେଶି ଖରାପ ହେଲାରୁ ସେ କାର୍ଯ୍ୟରୁ ଅବସର ଗ୍ରହଣ କଲେ । ତାଙ୍କ ସ୍ଥାନରେ ମିଃ ଏଇଚ. ଏ. ଏଫ. ମେଟକାଫ ଭାରତ ସରକାରଙ୍କ ବୈଦେଶିକ ସେକ୍ରେଟେରୀ ହେଲେ ।

## ସାର ହେଲିଙ୍କ ମନକଥା

ଯୁକ୍ତ ପ୍ରଦେଶର ଲାଟ ସାର ମାଲକମ ହେଲି ଗତ ୨୩ ତାରିଖରେ ଭରତପୁର ମହାରାଜାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ କଟୁଆ ଅଗମନ କରିଥିଲେ । ଭୋଜ ସମୟରେ ସେ ମହାରାଜାଙ୍କୁ ସମ୍ବୋଧନ କରି କହିଲେ, "ମହାରାଜା, ତମ ବ୍ୟବହାର ଏବଂ ମଧୁର କଥାରେ ମୁଁ ଅତ୍ୟନ୍ତ ଆନନ୍ଦିତ କଲି । ତମ ବ୍ୟବହାର ମୋର ଅନେକ ପୁରୁଣା କଥା ମନେ ପକାଇ ଦଉଛି । ସେସବୁ ମଧୁର କଥା ବର୍ତ୍ତମାନ ଭାରତରୁ ଅନ୍ତର୍ହିତ ହୋଇ ଗଲାଣି । ଆଜିକାଲି ଗୋଟାଏ ନୂଆ ଢଙ୍ଗର ଅବତାରଣା ହୋଇଛି ଯେ ରାଜନୈତିକ ବନ୍ଦୀମାନଙ୍କର କୌଣସି କରୁଣ ଦରକାର ପଡ଼ିଲେ ସେମାନଙ୍କୁ ଜେଲରୁ ଛୁଟି ଦିଆ ଯାଉଛି । ଏହି ରାଜନୈତିକ ବନ୍ଦୀମାନଙ୍କର ଧାରଣା ଯେ ଜେଲଖାନାକୁ ଗଲେ ଏବଂ ସରକାରଙ୍କ ପ୍ରତି ମନରେ ଶତ୍ରୁ ଅଶ୍ରଦ୍ଧା ଏବଂ ଘୃଣାଭାବ ଜାଗରୁକ କରାଇ ନ ପାରିଲେ ଦେଶପ୍ରୀତି ଜାଗ୍ରତ ହୁଏନା । ଏମାନଙ୍କ ବନ୍ଧୁମାନେ ବାହାରେ ଥାଇ ବୋଧହୁଏ ଭାବନ୍ତି ଯେ ରାଜନୈତିକ ବନ୍ଦୀମାନେ ଜେଲରେ ଅତି କଷ୍ଟରେ ଥାଆନ୍ତି ଏବଂ ପ୍ରକୃତରେ ସେମାନଙ୍କୁ ଏ ଦୁର୍ଯ୍ୟୋଗ ଭୋଗ କରନ୍ତି । ମୁଁ ଆଜ ରାଜନୈତିକ ବନ୍ଦୀମାନଙ୍କ ପର ଛୁଟିନେଇ ତମପାଖକୁ ଆସିଛି । ଏଠାରେ ମୋ ସହିତ ସରକାର ସାଙ୍ଗରେ ନିମନ୍ତେ କେହି ନାହାନ୍ତି ଏବଂ କୌଣସି କଣ୍ଟ୍ରୋଲ କମ୍ପା ମ୍ୟୁନିସିପାଲିଟି ଗୁଡ଼ାଏ ବାଜେକଥା ବୋଲି କହି ବ ସେମାନେ ସ୍ଥିର ଭାବରେ ଜାଣନ୍ତି ଯେ କେବେ ହୋଇ ପାରିବ ନାହିଁ ଏହିପରି ଅଲଗା କଥାର ଅବତାରଣା କରି ମୋତେ ଅନୁରୋଧ କରିବାକୁ ଚାହାନ୍ତି ତ ମୋ ପକ୍ଷରୁ ମଧ୍ୟ ଗୁଡ଼ାଏ ବାଜେ ଆଶାର କଥା ଯେଉଁ କଥାର କେବେ ପୂରଣ ହେବନାହିଁ ଏହିପରି ଗୁଡ଼ାଏ ଅସାର କଥା ଶୁଣାଇବାକୁ ଏଠାରେ ପଡ଼ିବ ନାହିଁ । ମହାରାଜା ସାହେବ, ତେମେ ଅନେକ ବର୍ଷହେବ ଭଲକେ ତମ ରାଜ୍ୟଶାସନ କରୁଛ । କେତେ ଭାରତମନ୍ତ୍ରୀ, ଭାରତ ବଡ଼ଲାଟ, ପ୍ରାଦେଶିକ ଲାଟ ତମ ଆଗରେ ଗଲେଣି । ମୁଁ ଆଶା କରୁଛି ଏବଂ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ତେମେ ଏହିପରି ବସିଥାଅ, ସୁଖରେ ରାଜ୍ୟଶାସନ କର ।"

Split by PDF Splitter

Digitized by srujanika@gmail.com

Split by PDF Splitter



# ପାର୍ଲିଆମେଣ୍ଟରେ

## ଭାରତ ଶାସନ ସଂସ୍କାର ବିଲ

ନୂଆ ଶାସନ ସଂସ୍କାର ବିଷୟ କ'ଣ ତାର ଭାର ଏକ ଉପିକକ ଇସ୍ତାହାର ଭାରତ ସରକାର ଅତଶୀଘ୍ର ପ୍ରକାଶ କରିବେ । ଗୋଲଟେବୁଲ ବୈଠକର ନିର୍ଦ୍ଦେଶ ଏବଂ ଭାରତ ସରକାରଙ୍କ ମତାମତ ସହିତ ଏ ବିଷୟ ପାର୍ଲିଆମେଣ୍ଟ ସଭାରେ ଉପସ୍ଥାପିତ ହେବ । ସମ୍ଭବତଃ ମାର୍ଚ୍ଚ ମାସରେ ପାର୍ଲିଆମେଣ୍ଟ ତରଫରୁ ଏକ କମିଟି ଗଠିତ ହୋଇ ଭାରତୀୟ ନେତା ମାନଙ୍କ ମତାମତ ଗ୍ରହଣକରି ଏ ବିଲକୁ ପରୀକ୍ଷା କରିବେ । ସେମାନେ ପୁଣି ସେମାନଙ୍କ ମତାମତ ସହିତ ଏ ବିଲକୁ ପାର୍ଲିଆମେଣ୍ଟରେ ଉପସ୍ଥାପିତ କରିବେ । ପାର୍ଲିଆମେଣ୍ଟରେ ଏହାର ବିଚାର ହେଇ ଭବିଷ୍ୟ ଏହାକୁ କାର୍ଯ୍ୟକାରୀ କରାହେବ ।

---

## ଭାରତ ବ୍ୟବସ୍ଥାପକ ସଭାରେ ଶାସନ ସଂସ୍କାରର ବିଚାର

ଭାରତ ବ୍ୟବସ୍ଥାପକ ସଭାର ମେମ୍ବର ଶ୍ରୀରଙ୍ଗ ଆୟାର ଏକ ପ୍ରସ୍ତାବ କରିଛନ୍ତି ଯେ ବ୍ୟବସ୍ଥାପକ ସଭାର ଏକ ସ୍ୱତନ୍ତ୍ର ବୈଠକ ଡକା ହେଉ । ସେ ବୈଠକରେ ପୂର୍ଣ୍ଣ ଭାବରେ ଭାରତ ଶାସନ ସଂସ୍କାର ବିଷୟରେ ଗୋଲଟେବୁଲ ବୈଠକରେ ସ୍ଥିର ହୋଇଥିବା ପ୍ରସ୍ତାବମାନଙ୍କର ବିଚାର ହେବ । ବଡ଼ଲାଟ ମହୋଦୟ ଗୋଲଟେବୁଲ ପ୍ରତିନିଧିମାନଙ୍କ ସହିତ ସାକ୍ଷାତକରି ସେମାନଙ୍କଠାରୁ ଗୋଲଟେବୁଲ ବିଷୟର ଖବରମାନ ଏବଂ ସେମାନଙ୍କର ମତାମତ ସଂଗ୍ରହ କରୁଛନ୍ତି ।

---

## ସ୍ୱତନ୍ତ୍ର ଉତ୍କଳପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ପ୍ରଧାନ ମନ୍ତ୍ରୀଙ୍କ ଶାସନ ଅଧିକାରର ଭାଗ-ବଣ୍ଟାରେ ଜମା ପୁନା ଚୁକ୍ତିରେ ଉତ୍କଳପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କିଛି ହୋଇନାହିଁ ତ ଗୋଲଟେବୁଲ ବୈଠକରେ ମଧ୍ୟ ଏ ବିଷୟରେ କିଛି ଆଲୋଚନା ହୋଇନାହିଁ । ଉତ୍କଳ ବ୍ୟବସ୍ଥାପକ ସଭାରେ କେଉଁ ଜାତିର ଲୋକ କେତେ ସ୍ଥାନ ପାଇବେ ତାର ଗୋଟିଏ ଶୀଘ୍ର ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ସେବେ ହବ ତାର ମଧ୍ୟ ସ୍ଥିରତା ନାହିଁ, ସିନ୍ଧୁ ପ୍ରଦେଶ ବିଷୟ ମଧ୍ୟ ପୁନା ଚୁକ୍ତିରେ ନାହିଁ ।

---

## ଜାପାନକୁ ଏକଘରକିଆ କରିବେ

ଚୀନ ଏବଂ ମଞ୍ଚୁରିଆ ବିଷୟରେ ଜାପାନ ପ୍ରସ୍ତାବିତ ବୈଦେଶିକ ନୀତିର ନିର୍ଦ୍ଧାରଣ ଅନୁଯାୟୀ କାର୍ଯ୍ୟ କରିବାକୁ ସଭାର ଅନ୍ୟାନ୍ୟ ସଭ୍ୟମାନେ ଜାପାନସହିତ କୌଣସିପ୍ରକାର ସମ୍ପର୍କ ନ ରଖିବାର ସ୍ଥିର କରିଛନ୍ତି ।

---

## ଖ୍ରୀଷ୍ଟିୟାନ ଧର୍ମ ସମ୍ପ୍ରଦାୟର ଭାରତ ହିତରେ ବ୍ୟୟ

ବାପ୍ଟିଷ୍ଟ ମିଶନର ସମ୍ପ୍ରଦାୟ ଭାରତରେ ଶିକ୍ଷାପ୍ରସାର ଏବଂ ଅନ୍ୟାନ୍ୟ ଲୋକ ହିତକର କାର୍ଯ୍ୟମାନଙ୍କରେ ଗତବର୍ଷ ୮ ୭୭୭୫୦୦୦ ଟଙ୍କା ବ୍ୟୟ କରିଛନ୍ତି ।

---

## ଆମେରିକାରେ
# ଭାରତ କଥା

## ଶ୍ରୀଯୁକ୍ତ ପଟେଲଙ୍କ ପ୍ରଚାର

ବଙ୍ଗଳାର ଶ୍ରେଷ୍ଠ ନେତା ଶ୍ରୀ ବିଠଲଭାଇ ଥରେ କହିଥିଲେ ଯେ ଭାରତରେ ଭାରତବାସିଙ୍କ ଉପରେ ଯେଉଁ ଅତ୍ୟାଚାର ହେଉଛି ଭାରତବାସିଙ୍କ ସ୍ୱରାଜ୍ୟ ଦାବୀ ଯେତେ ପ୍ରକୃତ ନ୍ୟାଯ୍ୟ ହେଲେ ମଧ୍ୟ ପୃଥିବୀର ଅନ୍ୟ କୌଣସି ଜାତି ଭାରତବାସିଙ୍କୁ ସହାନୁଭୂତି ଦେଖାଇ ସାହାଯ୍ୟ କରିବେ ନାହିଁ, କାରଣ ଏହା କଲେ ଇଂରାଜଙ୍କ କୋପ ଦୃଷ୍ଟିରେ ପଡ଼ିବାକୁ ହେବ । ଏ କଥା ପୃଥିବୀର ଅଧିକାଂଶ ଦେଶ ପକ୍ଷରେ ପ୍ରକୃତ କଥା କିନ୍ତୁ ଆମେରିକାର କଥା ସ୍ୱତନ୍ତ୍ର । ସେ ପୃଥିବୀ ଜାତି ସଂଘର ସଦସ୍ୟ ନୁହେଁ । ଆମେରିକାବାସିଙ୍କ ଅବଗତି ନିମନ୍ତେ ସେଠାରେ ଭାରତୀୟ ଲୋକଙ୍କ ସହାନୁଭୂତି ଲାଭର କରିବାପାଇଁ, ସେଠାରେ ସତ୍ୟ ଘଟଣାର ପ୍ରଚାର କହିବାର ଦରକାର । ଭାରତର ବର୍ତ୍ତମାନ ଅବସ୍ଥା ଏବଂ ଇଂରାଜ ରାଜତ୍ୱର ଫଳାଫଳ ବିଷୟରେ ପ୍ରଚାର କରିବା ନିମନ୍ତେ ଶ୍ରୀଯୁକ୍ତ ପଟେଲ ଯାଇଛନ୍ତି । ସେ ପ୍ରତ୍ୟେକ ବଡ଼ ବଡ଼ ସହର ବୁଲି ସଭା କରି ଏ ବିଷୟରେ ବକ୍ତୃତା କରୁଛନ୍ତି ଏବଂ ଖବର କାଗଜମାନଙ୍କରେ ଭାରତ ବିଷୟରେ ସଠିକ ଖବରମାନ ଲେଖୁଛନ୍ତି ।

---

## ଜଏଣ୍ଟ ସିଲେକ୍ଟ କମିଟି

ପାର୍ଲିଆମେଣ୍ଟ ତରଫରୁ ଯେଉଁ ଜଏଣ୍ଟ ସିଲେକ୍ଟ କମିଟି ଗଠିତ ହେବ ଭାରତ ସଂସ୍କାର ଆଇନର ବିଚାର ନିମନ୍ତେ ସେ କମିଟି କେତେଜଣ ଭାରତୀୟଙ୍କ ମତାମତ ପ୍ରଥମେ ବୁଝିବେ, ତାପରେ ସମସ୍ତ ବିଲକୁ ପରୀକ୍ଷାକରି ସେମାନଙ୍କ ମତାମତ ସହିତ ପାର୍ଲିଆମେଣ୍ଟର ବିଚାର ନିମନ୍ତେ ପ୍ରେରଣ କରିବେ । ସମ୍ଭବତଃ ସେ କମିଟି ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ପରାମର୍ଶ କରିବାପାଇଁ ଡାକିବେ । ସାର ସାପ୍ରୁ, ଜୟକର, ଆଗା ଖାଁ, ବେଗମ ସା. ନୱାଜ, ସଫାତ ଅହମେଦ ଖାଁ, ଜାଫରୁଲ୍ଲା, ସାର ଏ. ପି. ପାତ୍ର, ସି. ପି. ରାମସ୍ୱାମୀ, ଅକବର ହାଇଦାରି, ଲିୟାକତ ହଏତ ଖାଁ, ସାର ମିର୍ଜା ଇସମାଇଲ ।

---

## ପୃଥିବୀର ବୃହତ୍ତମ ପୁସ୍ତକାଳୟ

ଯୁକ୍ତରାଜ୍ୟ ଆମେରିକାର ସରକାରୀ ପୁସ୍ତକାଳୟ ପୃଥିବୀ ମଧ୍ୟରେ ସର୍ବଶ୍ରେଷ୍ଠ ଏବଂ ବୃହତ୍ତମ ଅଟେ । ଏଥିରେ ୪୫୭୭୬୯ ଖଣ୍ଡ ପୁସ୍ତକ ଅଛି ଏବଂ ବହୁତ ହାତଲେଖା ଏବଂ ମାନଚିତ୍ର ଅଛି । ପ୍ରତ୍ୟେକଦିନ ୩୦୫ ଖଣ୍ଡ ନୂଆ ସଂଗ୍ରହ ହୋଇ ଏ ପୁସ୍ତକାଳୟରେ ରହେ । ବହି ରଖିବା ନିମନ୍ତେ ଆଲମାରିମାନଙ୍କ ଥାକର ଲମ୍ବ ପ୍ରାୟ ୮୪ ମାଇଲରୁ ଅଧିକ ହେବ ।

---

## ଅଙ୍ଗ ପରିବର୍ତ୍ତନ

ତୁରସ୍କଦେଶରେ ଗୋଟିଏ ଝରଣା ବହୁତ ରାସ୍ତାଦେଇ ବହି ଚାଲେ । ସେଠାରେ ପ୍ରବାଦ ଅଛି, ଯଦି କୌଣସି ବ୍ୟକ୍ତି ଏ ଝରଣାର ପାଣିରୁ କେବଳ ଗୋଟିଏ ଢୋକ ପାନ କରିଦେଇ ପାରିବ ତାହା ହେଲେ ସେ ପୁରୁଷ ହୋଇଥିଲେ ସ୍ତ୍ରୀ ଏବଂ ସ୍ତ୍ରୀ ହୋଇଥିଲେ ପୁରୁଷ ହୋଇଯିବ ।

---

# ନବାବଙ୍କ ମାନହାନି

ଭୋପାଲର ନବାବ ବିଷୟରେ ଜଣେ ଖବର କାଗଜ ସମ୍ପାଦକ ସର୍ଦ୍ଦାର ଦେଓ୍ୟାନ ସିଂହଙ୍କ ନାମରେ ଏକ ମାନହାନି ମୋକଦ୍ଦମା ଦାଏର କରିଛନ୍ତି ।

---

## ବଡ଼ଲାଟ ସମ୍ମତି ଦେଲେ
## ଅସ୍ପୃଶ୍ୟତା ନିବାରଣ ଆଇନ

ଶ୍ରୀଯୁକ୍ତ ରଙ୍ଗଆୟାର ଭାରତ ବ୍ୟବସ୍ଥାପକ ସଭାରେ ଏକ ପ୍ରସ୍ତାବ କରିଛନ୍ତି ଯେ ଅସ୍ପୃଶ୍ୟତା ନିବାରଣ ବିଷୟରେ ସରକାରଙ୍କ ତରଫରୁ କୌଣସି ଆଇନ ଗତ ବାଧା ନ ରହୁ । ଏହାର ବିଚାର ନିମନ୍ତେ ବଡ଼ଲାଟଙ୍କ ମଞ୍ଜୁର ଦରକାର ଥିଲା । ବର୍ତ୍ତମାନ ବଡ଼ଲାଟ ଏହା ବ୍ୟବସ୍ଥାପକ ସଭାରେ ବିଚାର ନିମନ୍ତେ ଅନୁମତି ଦେଇଛନ୍ତି । କିନ୍ତୁ ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାରେ ଡାକ୍ତର ସୁବାରାୟାନଙ୍କ ପ୍ରସ୍ତାବର ବିଚାର ନିମନ୍ତେ ଅନୁମତି ଦେଇନାହାନ୍ତି ।

---

## ଝୋଟଦ୍ୱାରା ରାସ୍ତା ମରାମତି

ଅନେକ ଦିନ ବଙ୍ଗଦେଶରେ ବହୁ ପରିମାଣରେ ଝୋଟ ଆମଦାନି ହେଉଛି । କିନ୍ତୁ ବିଦେଶରେ ଦରକାର କମିବାରୁ ରପ୍ତାନି ନହୋଇ ପାଟ ଦାମ ଶସ୍ତା ହୋଇ ଯାଇଛି । ବର୍ତ୍ତମାନ ଚେଷ୍ଟା ହେଉଛି ଯେ ଅନ୍ୟ କୌଣସି କାର୍ଯ୍ୟରେ ଝୋଟକୁ ଲଗାଇ ପାରିଲେ ଝୋଟର ମୂଲ୍ୟ ବଢି ପାରନ୍ତା । ସେହି ଉଦ୍ଦେଶ୍ୟରେ କଲିକତା ସହରରେ ବର୍ତ୍ତମାନ ଝୋଟରେ ଅଳ୍ପ କିଛି ଅଂଶ ସହିତ ସିମେଣ୍ଟ ମିଶାଇ ରାସ୍ତାଉପରେ ଢାଳି ରାସ୍ତା ମରାମତି କରା ହେଉଛି । ଏହା ଦ୍ୱାରା ଝୋଟର ଅଂଶ ଦେଶିବନ ସ୍ଥାୟୀ ହେବାର ସମ୍ଭାବନା ।

---

## ଭାରତ ବ୍ୟବସ୍ଥାପକ ସଭାରେ
## ନୂଆ ଆଇନର ବିଚାର

ଭାରତ ବ୍ୟବସ୍ଥାପକ ସଭାର ଆଗାମୀ ବୈଠକରେ ଅନେକ ଗୁଡିଏ ନୂଆ ଆଇନର ବ୍ୟବସ୍ଥା ଉପସ୍ଥାପିତ ହୋଇଛି । ସେଥିମଧ୍ୟରୁ ଦେଓ୍ୟାନ ବାହାଦୁର ହରବିଲାସ ସାରଦା ଗୋଟିଏ ଆଇନ କରିବାକୁ ପ୍ରସ୍ତାବ କରିଛନ୍ତି ଯେ ୧୬ ବର୍ଷରୁ କମ ବୟସର କୌଣସି ବାଳକ ଏବଂ ବାଳିକା ଧୂମ୍ର ପାନ କରିବା ଆଇନ ଅନୁସାରେ ଦଣ୍ଡନୀୟ ହେବ । ଶ୍ରୀ ଗୟାପ୍ରସାଦ ସିଂହ ପ୍ରସ୍ତାବ କରିଛନ୍ତି ଯେ ଫାଶି ଦଣ୍ଡଟା ରଦ କରାଯାଉ । ଫାସି ଦଣ୍ଡ କାହାକୁ ଦିଆ ନଯାଉ ଏବଂ ଏହାର ପରିବର୍ତ୍ତେ ଅନ୍ୟ ଦଣ୍ଡର ବ୍ୟବସ୍ଥା ହେଉ । ମି. ଏ. ଏଇଚ, ଗଜନାଭି ପ୍ରସ୍ତାବ କରିଛନ୍ତି ଯେ ସାରଦା ବିବାହ ଆଇନ ରଦ କରାହେଉ ।

---

## କଦର୍ଯ୍ୟ ଚେହେରା ନିମନ୍ତେ ଆତ୍ମହତ୍ୟା

ରୁ. ଲି. ଏକ ଜନ୍ ସରକାରଙ୍କ ସୈନ୍ୟ ବିଭାଗରେ କାର୍ଯ୍ୟ କରୁଥିଲେ । କିନ୍ତୁ ତାଙ୍କ ଚେହେରା ଅତି କଦର୍ଯ୍ୟ ଥିବାରୁ ତାଙ୍କୁ ଭୟାନକ ମାନସିକ ଅଶାନ୍ତି ଭୋଗ କରିବାକୁ ପଡୁଥିଲା । ସାନୁଆରୀ ୧୪ ତାରିଖ ଦିନ ସେ ଆରସିରେ ତାଙ୍କ ନିଜ ମୁହଁ ଦେଖି ଏତେ ବ୍ୟସ୍ତ ହୋଇ ପଡ଼ିଲେ ଯେ ଗୁଳି ଫୁଟି ଆତ୍ମହତ୍ୟା କରିଛନ୍ତି ।

Digitized by srujanika@gmail.com

Split by PDF Splitter

26



ଇଉରୋପର

## ଶ୍ରେଷ୍ଠ କବି

### ଜର୍ଜ ବରନାର୍ଡ଼ଶ

ଇଉରୋପର ଶ୍ରେଷ୍ଠ କବି ଜର୍ଜ ବରନାଡ଼ଶ ସସ୍ତ୍ରୀକ ପୃଥିବୀ ପର୍ଯ୍ୟଟନ ଉଦ୍ଦେଶ୍ୟରେ ବାହାରି ଜାପାନ ଯିବା ପଥରେ ବମ୍ବେଠାରେ ପହଞ୍ଚି ସେଠାରେ ଦୁଇଦିନ ଅବସ୍ଥାନ କରିଥିଲେ। ଭାରତର କବୀନ୍ଦ୍ର ରବୀନ୍ଦ୍ରନାଥ ତାଙ୍କୁ ଭାରତର ବିଖ୍ୟାତ ବିଖ୍ୟାତ ସ୍ଥାନ ଏବଂ ବୋଲପୁର ବିଶ୍ୱ ବିଦ୍ୟାଳୟ ପରିଦର୍ଶନ କରିବାପାଇଁ ଅନୁରୋଧ କରିଥିଲେ। ଭାରତର ଅଧିକାଂଶ ସ୍ଥାନରୁ ମଧ୍ୟ ତାଙ୍କୁ ନିମନ୍ତ୍ରଣ କରଯାଇଥିଲା। କିନ୍ତୁ ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଏ ନିମନ୍ତ୍ରଣ ରକ୍ଷା କରିପାରିଲେନାହିଁ; ବୋମ୍ବେଠାରୁ ଜାହାଜରୁ ବିଦାୟ ନେଲେ।

—-—

### ବିହାର ଏବଂ ଓଡ଼ିଶା ପ୍ରାଦେଶିକ ବ୍ୟବସ୍ଥାପକ ସଭା

ନୂଆ ଶାସନସଂସ୍କାର ଅନୁଯାୟୀ ବିହାର-ଓଡ଼ିଶାରେ ଯୋଡ଼ିଏ ବ୍ୟବସ୍ଥାପକ ସଭା ରହିବାର ବ୍ୟବସ୍ଥା ଅଛି ଏହି ପ୍ରସ୍ତାବ ବିହାରଓଡ଼ିଶା ବ୍ୟବସ୍ଥାପକ ସଭାରେ ତା ୧୮ ରିଖ ଜାନୁଆରୀର ବୈଠକରେ ବିହାରଓଡ଼ିଶା ସରକାରଙ୍କ କାର୍ଯ୍ୟ-କାରୀ ସଭାର ଅର୍ଥ ସଭ୍ୟ ମାନ୍ୟବର ରାଜେନ୍ଦ୍ର-ନାରାୟଣ ଭଞ୍ଜଦେଓ କନିକାର ରାଜାସାହେବ ଉପସ୍ଥିତ କରିଥିଲେ। ବ୍ୟବସ୍ଥାପକ ସଭାକୁ ସାଧାରଣ ଭୋଟଦାତାମାନଙ୍କର ପ୍ରତିନିଧି ଏବଂ ଉଚ୍ଚ ବ୍ୟବସ୍ଥାପକ ସଭାକୁ ବିଶେଷ ଭୋଟଦାତାମାନଙ୍କର ପ୍ରତିନିଧି ଯିବାର ବ୍ୟବସ୍ଥା ହେବ। ବହୁଯୁକ୍ତି ତର୍କ ବାଦ ଏପ୍ରସ୍ତାବ ଭୋଟ୍ ଦ୍ୱାରା ଗୃହୀତ ହେଲା। ଏ ପ୍ରସ୍ତାବ ସପକ୍ଷରେ ୩୦ ଏବଂ ବିପକ୍ଷରେ ୩୯ ଭୋଟ ହେଲା।

—※—

### ଗଞ୍ଜାମ ଜିଲ୍ଲାବୋର୍ଡ ଖଲିକୋଟରାଜା ହେଲେ ସଭାପତି

ଗଞ୍ଜାମ ଜିଲ୍ଲାବୋର୍ଡର ସଭାପତି ନିର୍ବାଚନ କାର୍ଯ୍ୟ ଶେଷ ହୋଇଛି। ସଭାପତି ହେଲେ ଖଲ୍ଲି-କୋଟ ଓ ଅଠଗଡ଼ର ରାଜା ଶ୍ରୀ ରାମଚନ୍ଦ୍ର ଦେବ ଏବଂ ସହକାରୀ ସଭାପତି ହେଲେ ମିଃ. ରବର୍ଟ ସାହୁ,

—-—

### ଓଡ଼ିଆ ଭାଷାକୋଷକୁ ସାହାଯ୍ୟ

ପାଟଣା ବିଶ୍ୱ ବିଦ୍ୟାଳୟର ସିଣ୍ଡିକେଟ ଓଡ଼ିଆ ଭାଷାକୋଷ ପ୍ରଣୟନ ଓ ପ୍ରକାଶପାଇଁ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜଙ୍କୁ ୫୦୦୦ ଟଙ୍କା ସାହାଯ୍ୟ ଦେବାନିମନ୍ତେ ସିନେଟ ସଭାକୁ ସୁପାରିଶ କରିଛନ୍ତି।

—-—

### ମ୍ୟୁନିସିପାଲିଟି ଅଭିନନ୍ଦନ

ଆସନ୍ତା ତା ୨୭ ରିଖରେ ଅନ୍ଧ୍ର, ବିଶ୍ୱ ବିଦ୍ୟା-ଳୟ କମିଶନ ବ୍ରହ୍ମପୁର ଆଗମନ କରିବେ। ବ୍ରହ୍ମ-ପୁର ମ୍ୟୁନିସିପାଲିଟି କମିଶନରେ ଆସିଥିବା ସାର ଭେଙ୍କଟରମଣ ଓ ସାର ରାଧାକୃଷ୍ଣଙ୍କୁ ଅଭିନନ୍ଦନ ଦେବାର ସ୍ଥିର ହୋଇଛି। ତତ୍ପରେ ରାଜା କମିଶନର ମେମ୍ବରମାନଙ୍କୁ ଏକ ସାନ୍ଧ୍ୟ ମିଳନକୁ ନିମନ୍ତ୍ରଣ କରିବେ।

—※—

## ମାଧ୍ୟଦଳର ବୈଠକ

ଗତ ୧୫, ୧୬ ଏବଂ ୧୭ ତାରିଖରେ ବୋମ୍ବେର ସାର ଚିମନଲାଲ ଶୀତଲବାଦଙ୍କ ଅଫି-ସରେ ଏକ ସଭା ଆହୂତ ହୋଇଥିଲା। ସେଠାରେ ସ୍ଥିର ହୋଇଛି ଯେ ଯଦି ସରକାର ମହାତ୍ମାଗାନ୍ଧି ଏବଂ ଅନ୍ୟାନ୍ୟ ରାଜବନ୍ଦୀ ମାନଙ୍କୁ ମୁକ୍ତି ପ୍ରଦାନ କରନ୍ତି ତାହାହେଲେ ଭାରତର ସମସ୍ତ ମାଧ୍ୟ ଦଳର ନେତାମାନେ ଭାରତର ନୂଆ ଶାସନ ସଂସ୍କାରରେ ସହଯୋଗ କରିବେ। ତାହା ନ ହେଲେ ଶାସନ ସଂସ୍କାରପର ସରକାରଙ୍କ ସହିତ ସେମାନେ କୌଣସି ସମ୍ପର୍କ ରଖିବେ ନାହିଁ। ତୃତୀୟ ଗୋଲଟେବୁଲ କାର୍ଯ୍ୟରେ ସେମାନେ ସମସ୍ତେ ଦୁଃଖିତ ଥିବାର ପ୍ରକାଶ କଲେ।

—※—

### ମଧୁର ମିଳନ

ଜର୍ମାନୀର ବିଖ୍ୟାତ ଧନୀ ରାଜକୁମାର ହୋଲେନ-ବର୍ଗ ଏକ ଅତି ସାମାନ୍ୟ ଶ୍ରମଜୀବୀର କନ୍ୟାକୁ ବିବାହ କରିଛନ୍ତି। ରାଜକୁମାର ଏବଂ ଏ କନ୍ୟାଟି ପିଲା ଦିନରୁ ସାଙ୍ଗ। ଦୁହେଁ ଅନେକ କାଳରୁ ସ୍ଥିର କରିଥିଲେ ଯେ ବିବାହ କରିବେ। କିନ୍ତୁ ଅନ୍ୟାନ୍ୟ ଲୋକମାନେ ବହୁତ ବାଧା ଦେବାରୁ ବିବାହ ହୋଇପାରି ନ ଥିଲା। ଶେଷରେ ରାଜକୁମାର ଏ ବିବାହ ନିମନ୍ତେ ବହୁତ ଜିଦ ଧରିବାରୁ ବିବାହ ହେଲା। କିନ୍ତୁ ତାଙ୍କ ପରିବାରର କେହି ଏ ମଙ୍ଗଳ କାର୍ଯ୍ୟରେ ଯୋଗ ଦେଇ ନାହିଁ। ବିବାହ ରାତ୍ରିରେ ଧନୀଦରିଦ୍ର ସମସ୍ତଙ୍କୁ ଭୋଜ ଦିଆ ହୋଇଥିଲା।

—-—

### ମିରଟ ବନ୍ଦିମାନଙ୍କୁ ମୁକ୍ତି ନିମନ୍ତେ ବିଲାତରେ ଉଦ୍ୟମ

ମିରଟରେ ୩୨ ଜଣ ଲୋକ ରାଜନୈତିକ ଅପରାଧରୁ ଗୁରୁତର ଦଣ୍ଡ ପାଇଛନ୍ତି। ବିଲାତର ଲଣ୍ଡନ ସହରରେ ସେମାନଙ୍କ ମୁକ୍ତି ନିମନ୍ତେ ଚେଷ୍ଟା କରିବାପାଇଁ ଏକ ସମିତି ଗଠିତ ହୋଇଛି। ହାଇଡ ପାର୍କରେ ଏକ ସାଧାରଣ ସଭା ହୋଇଥିଲା, ସେ ସଭାରେ ଗାନ୍ଧିଜୀ ଏବଂ ମିରଟ ବନ୍ଦୀମାନଙ୍କୁ ମୁକ୍ତ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରା ହୋଇଥିଲା।

—※—

### ପ୍ରଧାନମନ୍ତ୍ରୀ ଆମେରିକା ଯିବେ

ଆମେରିକା ଯୁଦ୍ଧ ବେଳରେ ଋଣ ପରିଶୋଧ ନିମନ୍ତେ ଜିଦ ଧରିଛନ୍ତି। ବିଲାତର ଅବସ୍ଥା ଶୋଚନୀୟ, ଏତେ ଟଙ୍କା ବା ପରିଶୋଧ କରିବ କିପରି? ଅନେକ ଥର ସମ୍ମିଳନୀ ବୈଠକ ବସିଲା। ଅନୁନୟ, ବିନୟ, କାକୁତି, ମିନତି ହେଲା। ଫଳ କିଛି ହେଲାନାହିଁ। ଆମେରିକା ଅଟଳ, ତାର ଏକକଡ଼ା ଟଙ୍କା ପରି-ଶୋଧ କର। ହେତୁରୁ ବିଲାତରୁ ପ୍ରଧାନମନ୍ତ୍ରୀ ବାହାରି-ଛନ୍ତି ଯିବେ ଆମେରିକା, ପାଖରେ ପହଞ୍ଚିଲେ ସତ ଫଳ କିଛି ହୋଇପାରେ। କେତେଜଣ ବିଶିଷ୍ଟ ଇଂରେଜଙ୍କ ସହିତ ପ୍ରଧାନ ମନ୍ତ୍ରୀ ନିକଟରେ ଯିବେ।

—※—

## ସ୍ୱତନ୍ତ୍ର ବେରାର

ବେରାର ପ୍ରଥମେ ହାଇଦ୍ରାବାଦର ନିଜାମଙ୍କ ରାଜ୍ୟ ଅନ୍ତର୍ଭୁକ୍ତ ଥିଲା। କେତେକ କାରଣରୁ ଭାରତ ସରକାରଙ୍କ ଅଧୀନକୁ ଆସି ମଧ୍ୟ ପ୍ରଦେଶ ସହିତ ଯୁକ୍ତହୋଇ ଶାସିତ ହେଉଅଛି। ବେରାରକୁ ପୁଣି ଫେରାଇ ନବାପାଇଁ ନିଜାମ ବହୁତ ଯତ୍ନ କଲେ କିନ୍ତୁ ଭାରତ ସରକାର ଫେରାଇ ଦେଲେନାହିଁ। କେବଳ ବେରାରର ମାଲିକ ବୋଲି ପରିଚିତ ହେବାର ଅଧିକାର ନିଜାମଙ୍କର ରହିଲା। ଏ ଅଧିକାର କେବଳ ନାମକୁ, ପ୍ରକୃତ ଶାସନାଧିକାର ତାଙ୍କର କିଛିନାହିଁ। ବର୍ତ୍ତମାନ ବେରାରରେ ଏକ ଆନ୍ଦୋଳନ ପ୍ରବଳ ଭାବରେ ଚାଲିଛି ଯେ ବେରାରକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରାଯାଉ। ମଧ୍ୟ ପ୍ରଦେଶ ବ୍ୟବସ୍ଥାପକ ସଭାରେ ଏ ବିଷୟ ଆଲୋଚନା ହୋଇଥିଲା। ସ୍ୱତନ୍ତ୍ର ପ୍ରଦେଶ ଗଠନ ସପକ୍ଷରେ ବେଶି ଭୋଟ ହେଲା। ସରକାର ମତାମତ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

—-—

### ଭାରତ ସରକାର ପୁଣି ତମସୁକ ବଢ଼ାଇବେ

ଭାରତ ସରକାର ତା ୨୩ ରିଖ ଜାନୁଆରୀରେ ୧୫ କୋଟି ଟଙ୍କା ଶତକଡ଼ା ୪ ଟଙ୍କା ସୁଧରେ ଋଣ ଗ୍ରହଣ କରିଛନ୍ତି। ସରକାର ସର୍ତ୍ତ କରିଛନ୍ତି ଯେ ଏ ଟଙ୍କା ୧୯୪୩ ରେ ପରିଶୋଧ କରିବେ। ସରକାର ପୂର୍ବରୁ ୫୦ କୋଟି ଟଙ୍କା ଋଣ ନେଇ ଚୁକ୍ତି କରିଥିଲେ ଯେ ୧୯୩୩ ରେ ସେ ଟଙ୍କା ପରିଶୋଧ କରିବେ। ବର୍ତ୍ତମାନ ସରକାର ଜଣାଇଛନ୍ତି ଯେ ଯଦି ଋଣଦାତାମାନେ ଇଚ୍ଛା କରନ୍ତି ସେ ଟଙ୍କା ବର୍ତ୍ତମାନ ଫେରସ୍ତ ନନେଇ ସରକାରଙ୍କଠାରେ ରଖନ୍ତୁ, ସେମାନେ ଏ ଟଙ୍କା ୧୯୬୦ ରେ ଓ୍ୟାପସ ପାଇବେ ଏବଂ ଶତକଡ଼ା ୪ ଟଙ୍କା ସୁଧ ଦିଆଯିବ।

—-—

### ପୁଲିଶ ସମ୍ମିଳନୀ

ବ୍ରିଟିଶ ସାମ୍ରାଜ୍ୟର ସମସ୍ତ ପୁଲିଶ ବିଭାଗ କର୍ମଚାରୀମାନଙ୍କର ଏକ ସମ୍ମିଳନୀ ହୋଇଛି ଲଣ୍ଡନ ସହରରେ। ଅଭ୍ୟର୍ଥନା ସମିତିର ସଭାପତି ହୋଇଥିଲେ ସ୍କଟଲାଣ୍ଡ ୟାର୍ଡର ପ୍ରଧାନକର୍ତ୍ତା ଲର୍ଡ ଟ୍ରେଞ୍ଚାର୍ଡ। ସାମ୍ରାଜ୍ୟର ସବୁ ରାଜ୍ୟରୁ ପ୍ରତିନିଧି-ମାନେ ଯୋଗ ଦେଇଛନ୍ତି। ପୁଲିଶ କାର୍ଯ୍ୟ ଉପରେ ଭଲ ଭାବରେ ଶୃଙ୍ଖଳ ଏବଂ ସ୍ନେହ ଭାବାପନ୍ନ କରିବ ସେହି ବିଷୟ ମାନଙ୍କର ଏଥିରେ ବିଚାର ହେବ।

—-—

### ଟିକିଲି ତାଲୁକା ବୋର୍ଡ ନିର୍ବାଚନ

ଟେକଲି ତାଲୁକା ବୋର୍ଡର ଚେଆରମାନ ସ୍ଥାନ ପାଇଁ ତିନି ଜଣ ପ୍ରାର୍ଥୀ ଥିଲେ। ୧-ଟେକଲିର ରାଜାସାହେବ। ୨-ମଞ୍ଜୁଷାର ଦେଓ୍ୟାନ ଶ୍ରୀଯୁକ୍ତ ରାମଲିଙ୍ଗ ଦେଓ, ୩-ନରଦା ନାରାୟଣ ଗୁରୁ। ଶେଷୋକ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ବ୍ରହ୍ମପୁରରୁ ଅନେକ ଓକିଲ ଓ ଭଦ୍ରବ୍ୟକ୍ତି ଯାଇଥିଲେ। ନିର୍ବାଚନରେ ଶ୍ରୀ ରାମଲିଙ୍ଗ ଦେଓ ଜୟ କଲେ। ଭାଇସ ଚେୟାରମାନ ହେଲେ ମିଃ. ଶ୍ରୀରାମମୂର୍ତ୍ତି ନାଇଡୁ।

—※—

Digitized by srujanika@gmail.com

ସନ ୧୯୩୨ ମସିହାର ୯୪୪ ନମ୍ବର ଡିକ୍ରିଜାରି ମକଦ୍ଦମା
କଟକ ପ୍ରଥମ ମୁନସଫି ଅଦାଲତ

| | |
|---|---|
| ଲକ୍ଷ୍ମୀଧର ଦାସ | ଡିଃ |
| ଜଗନ୍ନାଥ ମହାନ୍ତି | ଦେଃ |

ନିମ୍ନଲିଖିତ ସମ୍ପତ୍ତି ତା ୧୭।୨।୩୩ ରଖେ ନିଲାମ ହେବ

ଜିଃ କଟକ ଥାଃ ଜଗତସିଂହପୁର ସବ ରେଃ ଟେଣ୍ଟିକୋଲ ଥାଃ ଦେଓଗାଁ ନଂ ଧାଃ ଅନ୍ତର୍ଗତ ନ ୪୭୭୬ ମୁଦ ତଃ ମୌଃ ଜାଲପଡ଼ ମୌଃ ପ୍ରାନ୍ତପେ ରାମପୁର ଓ ମୌଃ ପୁରଣ ଜମିଦାରୀ ସଦର ଜମା ୫୭୬୲ ମଧ୍ୟରୁ ମୌଃ ଜାଲଜ ଅବାଦ ଅନାବାଦ ୬୩୫—୨ ରୁ ମଫସଲ ଜମା ୫୩୪୲ ଉକ୍ତ ମହଲ ସାମିଲାତ ଖାଃ ଅବାଦ ଅନାବାଦ ୬୮—୨୫ ରୁ ଜମା ୫୦। ତଃ ମୌଃ ପ୍ରାନ୍ତପେ ରାମପୁର ଅବାଦ ଅନାବାଦ ୬୭—୮ ରୁ ଜମା ୫୧୨୲୰ ଓ ଓ ମୌଃ ପୁରଣ ଅବାଦ ଅନାବାଦ ୬୧୯—୨୭ ରୁ ଜମା ୫୩୫୲୰ ମଧ୍ୟରୁ ଦେଣଦାରର ଖାଃ ୫୦।୵ ରୁ ସଦର ଜମା ୫୧୫୯ ମଫସଲ ଜମା ୫୩୫୲୵ ଉକ୍ତ ତିନି ମହଲରେ ଅବାଦ ଅନାବାଦ ୬୨୩—୨୦—୭ ଉକ୍ତ ମ ଦେଣଦାରର ସତ୍ତ୍ୱସହ ମୂଲ୍ୟ ଆଃ ମୂଃ ୫୯୮୫୯୲

---

## ଗୁରୁଭାୟୁର ମନ୍ଦିର ସମସ୍ୟା
## ପୁଣି ଲୋକମତ ନିଆହେବ

ମହାତ୍ମାଗାନ୍ଧି ଗୁରୁଭାୟୁର ମନ୍ଦିରରେ ଅସ୍ପୃଶ୍ୟମାନଙ୍କ ପ୍ରବେଶ ବିଷୟରେ କୋଚିନ ରାଜ୍ୟର ଭୂତପୂର୍ବ ଦେଓ୍ୱାନ ଶ୍ରୀ ଭାଷ୍ୟମ୍ ଦାସ ପାଣ୍ଡିଆଙ୍କ ନିକଟ ଲେଖିଛନ୍ତି, "ଗୁରୁଭାୟୁର ମନ୍ଦିରରେ ଅସ୍ପୃଶ୍ୟମାନଙ୍କ ପ୍ରବେଶ ବିଷୟରେ ଲୋକମତ ନେବାର ଆୟୋଜନ ଏବଂ ଲୋକମତ ଯଦି ଅସ୍ପୃଶ୍ୟ ପ୍ରବେଶ ପକ୍ଷରେ ପ୍ରବଳ ହୁଏ ଏବଂ ଜାମୋରିନ ସେ କଥାକୁ ଗ୍ରହଣ କରିବେ ବୋଲି ପ୍ରକାଶ କରନ୍ତି ତାହାହେଲେ ମୁଁ ଚାହିଁବି ଯେ ମୋ ପ୍ରତିଜ୍ଞା ପୂରଣ ହେଲା। ତେବେ ଲୋକଙ୍କର ଉଚିତ ଯେ ଅସ୍ପୃଶ୍ୟମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଦେବାଳୟ ପ୍ରତିଷ୍ଠା କରି ତାହା ଉଚିତ ଦେବାଉ। ସେମାନେ ଯଦି ପରସ୍ପର ପବିତ୍ରତା ଶୃଙ୍ଖଳାରେ ଜୀବନ ଯାପନ କରନ୍ତି ତାହାହେଲେ ସେମାନଙ୍କର ପ୍ରତ୍ୟେକ ମନ୍ଦିରରେ ପ୍ରବେଶ କରିବାର କ୍ଷମତା ରହିବ।"

---

## ରାଜବନ୍ଦୀ ପାଟନା ଗଲେ

୧୫ ତାରିଖରେ କଟକ ଜେଲରୁ ୪୦ ଜଣ ରାଜବନ୍ଦୀ ପାଟଣା କ୍ୟାମ୍ପ ଜେଲକୁ ପଠାଗଲେ।

---

## ଡିକ୍ଟେଟର ବନ୍ଦୀହେଲେ

କଟକରେ ୧୫ ତାରିଖ ଦିନ ସନ୍ଧ୍ୟାରେ କଂଗ୍ରେସ ସଭାପତିଙ୍କ ଇସ୍ତାହାର ପାଠ କରୁଥିବାରୁ କଟକର ଡିକ୍ଟେଟର ଶ୍ରୀ କ୍ଷେତ୍ର ମୋହନ କାନନଗୋ, ପ୍ରଥମ ଡିକ୍ଟେଟର ଶ୍ରୀ ମୁରଲୀ ତ୍ରିପାଠି, ବାଲେଶ୍ୱରର ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଗିରଫ ହୋଇଛନ୍ତି। ସେଦିନ ମଧ୍ୟ ପାଞ୍ଚ ଜଣ ସ୍ୱେଚ୍ଛାସେବକ ଧରା ହୋଇଛନ୍ତି।

---

## ଭାରତୀୟ ଛାତ୍ରଙ୍କ
# ଅଧା ମାଶୁଲ

ଇଟାଲି ଦେଶର ସରକାର ଘୋଷଣା କରିଛନ୍ତି ଇଟାଲି ଦେଶକୁ ଶିକ୍ଷା ଉଦ୍ଦେଶ୍ୟରେ ଏଣିକି ଯେଉଁ ଛାତ୍ରମାନେ ଯିବେ ସେମାନଙ୍କୁ ସେ ଦେଶର ରେଲଗାଡ଼ି ମାନଙ୍କରେ ଅଧା ମାଶୁଲ ପଡ଼ିବ।

---

## ବିହାର ନେତା ଶ୍ରୀ ରାଜେନ୍ଦ୍ର ପ୍ରସାଦ

ବିହାର ପ୍ରଦେଶର ନେତା ଏବଂ କଂଗ୍ରେସର ଅସ୍ଥାୟୀ ସଭାପତିଙ୍କ ୧୫ ମାସ ଜେଲ ଦଣ୍ଡର ହୁକୁମ ହୋଇଛି। ସେ ପ୍ରଥମ ଶ୍ରେଣୀ ବନ୍ଦୀ ଭାବରେ ପରିଗଣିତ ହୋଇଛନ୍ତି।

---

## ପିସ୍ତଲ ଗୁଳିପାଇଁ ଜେଲ

ସ୍ନିଥ ନାମକ ଏକ ପାଦ୍ରୀ କଲିକତା ସରକାରଙ୍କ କଣ୍ଟ୍ରୋଲ ବିଭାଗର ଜଣେ କର୍ମଚାରୀଙ୍କ ନିକଟରେ ଆବେଦନ କଲେ ଯେ ଗୋଟାଏ ପାଗଲା କୁକୁରକୁ ମାରିବା ନିମନ୍ତେ ଗୋଟାଏ ପିସ୍ତଲ ଗୁଳି ଦରକାର। ସେ କର୍ମଚାରୀ ଗୋଟାଏ ଗୁଳି ତାଙ୍କୁ ଦେଲେ। କିନ୍ତୁ ପରେ ପ୍ରକାଶ ପାଇଲା ଯେ ପାଗଲା କୁକୁର କଥା ମିଛ। ସ୍ନିଥ ଗୁଳି ନେଇଥିଲେ ଅନ୍ୟ କୌଣସି ଉଦ୍ଦେଶ୍ୟରେ। ତା ନାମରେ ମକଦ୍ଦମା ହେଲା। ବିଚାରରେ ତାଙ୍କୁ ୧୮ ମାସ ସଶ୍ରମ ଜେଲ ଏବଂ ଏହା ଉତ୍ତାରୁ ୩ବର୍ଷ ପୁଲିସ ନଜରବନ୍ଦୀରେ ରହିବାର ବ୍ୟବସ୍ଥା ହୋଇଛି।

---

## ଆଲୱାର ରାଜ୍ୟରେ ଅଶାନ୍ତି

ଆଲୱାର ରାଜ୍ୟର ମୁସଲମାନ ପ୍ରଜାମାନେ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରି ଖଜଣାପତ୍ର ନଦେଇ ନାନାଦି ଗଣ୍ଡଗୋଳ କରୁଛନ୍ତି। ସେ ରାଜ୍ୟର ସୈନ୍ୟ ଏବଂ ପୁଲିସ ବିଭାଗ ବିଦ୍ରୋହ ଦମନରେ ଅକ୍ଷମ ହେବାରୁ ଭାରତ ସରକାର ସୈନ୍ୟ ପ୍ରେରଣ କରି ରାଜାଙ୍କୁ ସାହାଯ୍ୟ କରୁଛନ୍ତି ଏବଂ ବିଦ୍ରୋହ ଜିଲାମାନଙ୍କର ଶାସନ ରାଜାଙ୍କଠାରୁ ନେଇ ନିଜ ସୈନ୍ୟ ବିଭାଗର କର୍ମଚାରୀମାନଙ୍କ ହାତରେ ନ୍ୟସ୍ତ କରିଛନ୍ତି। ସମ୍ଭବତଃ ଏହିସବୁ ବିଦ୍ରୋହ ଜିଲାମାନଙ୍କର ଶାସନ ରାଜାଙ୍କ ହାତ ନହୋଇ କିଛିଦିନ ନିମନ୍ତେ ଭାରତ ସରକାରଙ୍କ ଶାସନରେ ରହିବ। ରାଜା ବର୍ତ୍ତମାନ ଗୋଟାଏ ବଡ଼ ଯୁଦ୍ଧ ବ୍ୟୋମଯାନ କ୍ରୟ କରିବାର ବ୍ୟବସ୍ଥା କରୁଛନ୍ତି। ଏ ବ୍ୟୋମଯାନ ଦ୍ୱାରା ବିଦ୍ରୋହ ଦମନରେ ସୁବିଧା ହେବ। ରାଜା ବର୍ତ୍ତମାନ ଆଲୱାର ରାଜଧାନୀରୁ ବହୁ ଦୂରରେ ଶିକାର ନିମନ୍ତେ ଜଙ୍ଗଲରେ ଅବସ୍ଥାନ କରୁଛନ୍ତି।

---

## ଲାଟସାହେବଙ୍କ ଗସ୍ତ

ବିହାର ଓଡ଼ିଶାର ଲାଟସାହେବଙ୍କ କନ୍ୟା ଶ୍ରୀମତୀ ସେସିଲ ସିଫ୍‌ଟନ ଲାଟସାହେବଙ୍କ ଅଙ୍ଗରକ୍ଷୀ କାପ୍ଟେନ କ୍ରେଗ ବୋଉମାନଙ୍କ ବିବାହ କରିବାର ସ୍ଥିର ହୋଇଛି। ବିବାହ ଏହି ଫେବୃଆରୀ ମାସରେ ଅନୁଷ୍ଠିତ ହେବ।

ଲାଟସାହେବ ସାର ଜେମସ ସିଫ୍‌ଟନ ଏହିମାସ ୩୧ ତାରିଖରେ ଓଡ଼ିଶା ଗସ୍ତରେ ବାହାରିବେ।

---

## ଆଇରଲାଣ୍ଡର
# ସ୍ୱାଧୀନତା

ଆଇରଲାଣ୍ଡର ରାଷ୍ଟ୍ରପତି ଡି. ଭେଲେରା ପ୍ରକାଶ କରିଛନ୍ତି ଯେ ଯେ ଏବଂ ତାଙ୍କ ଦଳ ଯଦି ଏଥର ନିର୍ବାଚନରେ ବେଶି ପରିମାଣରେ ସେଠା ବ୍ୟବସ୍ଥାପକ ସଭାରେ ପ୍ରବେଶ କରି ସରକାର ଚଳାଇବାର ଦାୟିତ୍ୱ ପାଆନ୍ତି ତାହାହେଲେ ସେ ଏଥର ଇଂଲଣ୍ଡ ସହିତ ଆଇରଲାଣ୍ଡର ସମସ୍ତ ପ୍ରକାର ସମ୍ପର୍କ ତ୍ୟାଗକରି ଆଇରଲ୍ୟାଣ୍ଡକୁ ପୂର୍ଣ୍ଣଭାବେ ସ୍ୱାଧୀନ କରିବେ। ଆଇରଲାଣ୍ଡର କୃଷକମାନଙ୍କ ଅଧା ଖଜଣା ମାଫ ହେବ ଏବଂ ଇଂଲଣ୍ଡକୁ କୃଷକମାନଙ୍କ ବାକିଥିବା ଟଙ୍କା ଆଉ ଦିଆହେବ ନାହିଁ।

---

## ଡାକ୍ତର ସି. ଭି. ରମନ

ପୃଥିବୀ ବିଖ୍ୟାତ ବୈଜ୍ଞାନିକ ଡାକ୍ତର ସି. ଭି. ରମନ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଫେସର କାର୍ଯ୍ୟକରନ୍ତି। ସେ ବର୍ତ୍ତମାନ ସେହି ବିଶ୍ୱବିଦ୍ୟାଳୟରୁ ଏକ ବର୍ଷ ଛୁଟି ଗ୍ରହଣ କରି ବାଙ୍ଗାଲୋର ବିଜ୍ଞାନ ବିଭାଗର ଡାଇରେକ୍ଟର ଏକବର୍ଷ ନିମନ୍ତେ ହେବାର ସ୍ଥିର ହୋଇଛି।

---

## ଭାରତ ସରକାରଙ୍କ ନୂତନ ଋଣ

ଭାରତ ସରକାର ୧୫କୋଟି ଟଙ୍କା ଋଣ ଗ୍ରହଣ କରିବାର ସ୍ଥିର କରି ୨୩ ତାରିଖ ୧୦ଟା ସମୟରେ ଘୋଷଣା କଲେ ଯେ ସରକାର ୧୫ କୋଟି ଟଙ୍କା ଶତକଡ଼ା ୪ଟଙ୍କା ସୁଧରେ ଋଣ ଗ୍ରହଣ କରିବେ। ସରକାରଙ୍କୁ ଋଣ ଦେବାପାଇଁ ଲୋକଙ୍କର ଏତେ ଆଗ୍ରହ ଯେ ୧୧ଟା ୩୦ ମିନିଟରେ ସମସ୍ତ ଋଣ ଭରତି ହୋଇଗଲା। ଏକ ଘଣ୍ଟା ୩୦ ମିନିଟ ମଧ୍ୟରେ ସରକାର ୧୫ କୋଟି ଟଙ୍କା ପାଇଗଲେ।

---

## ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ

ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ ବିଲାତକୁ ବେଙ୍ଗ-ମେଣ୍ଟ ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନ ବିଷୟରେ ଯାଇଥିଲେ। ଫେବୃଆରୀ ପ୍ରଥମ ସପ୍ତାହରେ ଭାରତକୁ ଫେରିବେ।

---

## ଶ୍ରୀଯୁକ୍ତ ଗୋବିନ୍ଦ ମିଶ୍ର

ବରମ୍ପୁର ବାଟ ଗାନ୍ଧିସେବାଶ୍ରମର ପରିଚାଳକ ଶ୍ରୀଯୁକ୍ତ ଗୋବିନ୍ଦ ମିଶ୍ର ୧୮ମାସ କାରାଦଣ୍ଡ ପାଇ ପାଟଣା କ୍ୟାମ୍ପ ଜେଲରେ ଥିଲେ। ସେ ଏବେ ହାଜିପୁର ସବ ଜେଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ଜେଲ କର୍ମଚାରୀଙ୍କ ଦୁର୍ବ୍ୟବହାରରେ ସେ ବ୍ୟସ୍ତ ହୋଇ ଅନଶନ ବ୍ରତ ଗ୍ରହଣ କରିଛନ୍ତି।

---

## ହୁଭରଙ୍କ ପ୍ରସ୍ତାବ
## ଗୃହୀତ ହେଲାନାହିଁ

ଆମେରିକାର ରାଷ୍ଟ୍ରପତି ହୁଭର କଂଗ୍ରେସ ପ୍ରସ୍ତାବକୁ ଅଗ୍ରାହ୍ୟ କରି ପ୍ରସ୍ତାବ କରିଥିଲେ ଯେ ଫିଲିପାଇନ ଦ୍ୱୀପ ପୁଞ୍ଜକୁ ୨୦ବର୍ଷ ବାଦ ସ୍ୱାଧୀନତା ଦିଆଯିବ। ହୁଭରଙ୍କ ପ୍ରସ୍ତାବ ସିନେଟର ସମର୍ଥନ ନିମନ୍ତେ ଗଲା। ସିନେଟରେ କିନ୍ତୁ ହୁଭରଙ୍କ ପ୍ରସ୍ତାବ ରଦହେଲା। କଂଗ୍ରେସର ପ୍ରସ୍ତାବ ଯେ ୧୦ ବର୍ଷରେ ସ୍ୱାଧୀନତା ଦିଆଯିବ ଏହା ଧାର୍ଯ୍ୟହେଲା।

---

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. P 6




# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରିମ ମୂଲ୍ୟ ଟ ୩ ୧
ପ୍ରତିଖଣ୍ଡ ଟ ୦ ୧୬

ଖଣ୍ଡ ୬୮ ର

Cuttack, Saturday the 4th February 1933

ମାଘ ୨୨ ଶେ ଇ ସନ ୧୩୪୦ ସାଲ ଶନିବାର

୫ମ ସଙ୍ଖ୍ୟା



32 26-2-32

## JECI ENDI CHADDARS

BEST FOR WINTER. PURE SILKY, NOT A SINGLE THREAD OF COTTON IS MIXED, UNSHRINKABLE, DURABLE, SOFT AND CHEAPEST. PRICE REDUCED CONSIDERING WORLD-WIDE ECONOMICAL CRISIS.

### Reduced Price Rs. 6/-

Per Pair—(6 by 1½ yds.)

POSTAGE & PACKING FREE. MONEY REFUNDED IF UNAPPROVED.

PLEASE READ WHAT OUR CUSTOMERS SAY

"I have pleasure to state that Endi Chadars supplied by m/s. Jagannath Chanan Ram of Ludhiana, are very cheap and the firm is very prompt in its dealings."
(Sd.) Jatindra Mohan Chatterjee,
Dy. Collector, Jessore.
Dated 21-9-32.

"I had occasions to place orders with m/s. Jagannath Chanan Ram of Ludhiana for some Endi Chadars I find these useful.
(Sd.) K. P. Ghosh,
Deputy Magistrate,
Jalpaiguri.
Dated 7-9-32.

TO GET YOUR PAIR IN TIME PLEASE ORDER FOR THE SAME IMMEDIATELY.

**Jagannath Chanan Ram,**
Props. JECI WEAVING FACTORY,
LUDHIANA. (Upper India).



୧ ୨|୩୩

## ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ

ସରାଇକେଲା

ଆମ୍ଭେ ଟ ୩୦ ୧ଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ଷ ଟେଲରିଂ; ଟ ୨୫ ୧ଙ୍କା ନେଇ ୬ ସପ୍ତାହରେ ଫୁଲକୋର୍ଷ ଫଟୋଗ୍ରାଫ୍, ଟ ୩୦ ୧ଙ୍କା ନେଇ ଏକମାସରେ ନାନା ରଙ୍ଗ ସାବୁନ ଓ ନାମ ମାତ୍ର ଫି ନେଇ କାଳି, କେଶତୈଳ ପ୍ରଭୃତି ନାନା ରକମ ସୁଗନ୍ଧିଦ୍ରବ୍ୟ ଏବଂ ମୁଦ୍ରଣ ଶିଳ୍ପରେ ଶିକ୍ଷା ଦେଉଥାଉଁ। ଆମ୍ଭେମାନେ ଛାତ୍ର ଲୁଗା ଦେଇ କାଟିଂ ଓ ସେଲାଇ ଶିକ୍ଷା ଦେଉଥାଉଁ। ବାସସ୍ଥାନ ଥାଇଁ ଏବଂ କେମ୍ପାଉଣ୍ଡରେ ଡାକ୍ତର ଓ ଔଷଧ ଲାଗି ଏଠାରେ ଖର୍ଚ୍ଚ ଲାଗେ ନାହିଁ। ଜଳବାୟୁ ଉତ୍ତମ। ଏଠାରେ ଶିକ୍ଷା ଲାଭ କଲେ ଅନାୟାସ ଅଳ୍ପ ଦିନ ଭିତରେ ସ୍ୱାଧୀନ ଭାବରେ ରୋଜଗାର କରିପାରିବ। ଅନୁସନ୍ଧାନ କଲେ ଜାଣିପାରିବେ ଯେ ଏପରି ସୁବିଧା ଆଉ କୌଣସିଠାରେ ନାହିଁ। ସ୍କୁଲଟି ବି. ଏନ୍. ଆର ସିନି ଷ୍ଟେସନଠାରୁ ୬ ମାଇଲ ଦୂରରେ ଅବସ୍ଥିତ। ନେପ୍ରାପିଲ ସର୍ବଦା ଲକ୍ଷ ସର୍ବଦା ସାହାଯ୍ୟ କରୁଛ। ବିସ୍ତାରିତ ବିବରଣ ପାଇଁ ଟ ୦ ୧୬ ଡାକ ଟିକଟସହ ପତ୍ର ଲେଖନ୍ତୁ।

ଦେବରାଜ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରି ସ୍କୁଲ ଇନଷ୍ଟିଚ୍ୟୁସନ
ପୋ: ସରାଇକେଲା, ଷ୍ଟେଟ ସିନି, ଜିଲ୍ଲା ସିଂହଭୂମ


No. 64 4. 2. 33

## Wanted

For the office of the Board of Revenue Bihar and Orissa, a typist in the lower grade.

Qualifications: The applicant must have passed at least the Matriculation examination and should be a fast and accurate typist. Preference will be given to one having experience of work in a Government office. Age not to exceed 25 years, unless the applicant is already in Government service.

Applicants, who must be natives of, or domiciled in the province, should submit their applications with copies of testimonials and matriculation certificates to the undersigned by the 2nd February 1933.

S. HAIDAR,
Secretary, Board of Revenue,
Bihar and Orissa.

PATNA: 10th January 1933.

---

No. 66 11. 2. 33

Wanted a Mahomedan Teacher having sufficient knowledge in urdu to coach up Mahomedan students up to M. E. Standard on Rs. 12/- per month. Applications with copies of testimonials should reach the Secretary by the 14th February 1933."

Secretary, Soro H. E. School,
P. O. Soro,
Dist. Balasore, (B. N. Ry.)

---

No. 67 11. 2. 33

Wanted a trained Matriculate on Rs. 30-35 per month according to experience and qualification for the Bhadrak H. E. School temporarily for one year.

Application will be received by the undersigned up to 15th February 1933".

Sd. Madhabananda Mahapatra,
Secretary
Bhadrak H. E. School,
P. O. Bhadrak
Dist. Balasore.

Digitized by srujanika@gmail.com

Split by PDF Splitter



୬୮ ୧୧।୨।୩୩

## ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଏହି ଖଣ୍ଡପଡ଼ା ଷ୍ଟେଟର ନିମ୍ନଲିଖିତ ମହାଲ ଓ ଲାଇସେନ୍ସମାନ ସନ ୧୯୩୩-୩୪ ମସିହା ବର୍ଷ ନିମନ୍ତେ ଆଗାମି ଫେବୃୟାରୀ ମାସ ତା ୨୧ ରଖରେ ଅଫିସ୍ ଷ୍ଟେଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ଇଜଲାସରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ନିଲାମ ଇଚ୍ଛୁକ ଲୋକମାନେ ଉକ୍ତ ତାରିଖରେ ବେଳା ଘ ୧୧ ଟା ସମୟରେ ଉପସ୍ଥିତହୋଇ ନିଲାମ ଡାକି ପାରିବେ। ଯାହାଙ୍କର ଡାକ ଉଚିତ ବିବେଚିତ ହେବ ତାହାଙ୍କ ନାମରେ ଓଡ଼ିଶା ଷ୍ଟେଟମାନଙ୍କର ପଲିଟିକାଲ ଏଜେଣ୍ଟ ଓ କମିଶନର ସାହେବ ମହୋଦୟଙ୍କ ଠାରୁ ମଞ୍ଜୁର ଆଣାଯାଇ ନିଲାମ ଖତମ କରାଯିବ। ଯାହାଙ୍କର ଡାକ ଉଚିତ ବିବେଚିତ ହେବ ତାଙ୍କଠାରୁ ସେହି ସଙ୍ଗେ ନିଲାମ ଡାକ ଟଙ୍କାର ¼ ଅଂଶ ଡିପୋଜିଟ ନିଆଯିବ।

### ତପସିଲ

୧। ଦେଶୀ ମଦ୍ୟପଦୋକାନ ଗୋ ୭ ଟି
୨। ଚୋରଙ୍ଗା
୩। କମଲାଗୁଣ୍ଡି
୪। ଝୋଲ, କରଞ୍ଜ ଓ ଭୁଷମ
୫। ହରିଡ଼ା, ବାହାଡ଼ା ଓ ଅଁଳା
୬। ମହୁ ଓ ମହଣ
୭। ସିମିଳି ତୁଳା
୮। କୁନ୍ଦାର ତେଲ
୯। ଫେରିଘାଟ ଗୋ ୧୦ ଟି
୧୦। ଅଗ୍ରଣାର ଜଳ
୧୧। ଚମଡ଼ା
୧୨। ହାଡ଼
୧୩। ଗୋଷ୍ଠ ଛଳ
୧୪। କଣ୍ଟିଲୋର (ଦେବୋତ୍ତର ନୀଳମାଧବ ଜିଉଙ୍କର)

ସମିକାର ମାହାଲ

୧୫। ପୁରାତନ ଅଞ୍ଚଳ ଖଣ୍ଡପଡ଼ାଠାରେ ଓ ପ୍ରଜା ଟାଉନମଧ୍ୟରେ ଥିବା ନଡ଼ିଆ ବଗିଚା ମାଳ।

Superintendent
Khandapara State.

୩୨ ଡିସେମ୍ବର ୧୯୩୩

# ଗୋଦର, କୋରଣ୍ଡ ଓ ଏକଶିରାର

### ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଗୋଦର ଗୋଡ଼ କୋରଣ୍ଡ ଓ ଏକଶିରା ହେଉ ନା କାହିଁକି ଏକମାସ ମଧ୍ୟରେ ଅବଶ୍ୟ ଭଲ ହେବ। ନଚେତ୍ ମୂଲ୍ୟ ଫେରସ୍ତ ଦିଆଯିବ ! ପ୍ରତ୍ୟେକର ମୂଲ୍ୟ ୫।୦ ମାତ୍ର।

ଡାକମାସୁଲ ସ୍ୱତନ୍ତ୍ର

ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋ: ଅ: ଘଣ୍ଟେଇବଲା
ଜିଲ୍ଲା-ସିନ । ସିଂହଭୂମ ଜିଲ୍ଲା

୭୦ ୪।୨।୩୩

## ବିଜ୍ଞାପନ

ଟ୍ରୁ: ଶ୍ରୀଯୁକ୍ତ ସୁ: ସାହେବ ନ: ନୟାଗଡ଼

